# ଉତ୍ସ-48

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ !!!

# ଚରମ


ନବମ ପୁଷ୍ପ ❀ ପଞ୍ଚମ ପାଖୁଡ଼ା ❀ ଅଷ୍ଟଚତ୍ୱାରିଂଶତମ ସଂଖ୍ୟା ❀ ୪୮ ❀

| | |
|---|---|
| ସମ୍ପାଦକ | : କେଶବ ଦାସ |
| ପ୍ରକାଶକ | : ଶ୍ରୀ କେଶବ ଚନ୍ଦ୍ର ସାମଲ<br>ସାଧାରଣ ସମ୍ପାଦକ,<br>ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,<br>ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ । |
| ମୁଦ୍ରକ ଓ ଅକ୍ଷରସଜ୍ଜା | : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,<br>କଟକ, ଫୋନ- ୦୬୭୧-୨୩୧୧୪୩୧ । |

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ, ଓଡ଼ିଶା
ପିନ୍ - ୭୫୪୨୦୬
ଫୋନ୍-(୦୬୭୧) ୨୭୬୭୧୦୧, ୨୭୬୭୬୭୭

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ରସଦ୍ ଆଡ୍ ଏଜେନ୍ସି, କଟକଙ୍କ ଦ୍ୱାରା ମୁଦ୍ରିତ ।


ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।


❀ ଭକ୍ତି ପ୍ରେମାଞ୍ଜଳି : ପ୍ରତିଖଣ୍ଡ - ଏକବିଂଶ ମୁଦ୍ରାଞ୍ଜଳି ❀

❊ କେଶବାବ୍ଦ : ଷଷ୍ଟିତମ (୬୦) ❊ ଆବିର୍ଭାବ ମାସ ❊ କୁମାର ପୂର୍ଣ୍ଣିମା ❊

# ପ୍ରବେଶ ପରିଚିତି

❊ ନବମ ପୁଷ୍ପ ❊

ପଞ୍ଚମ ପାଖୁଡ଼ା

ଅଷ୍ଟଚତ୍ୱାରିଂଶତମ ସଂଖ୍ୟା(୪୮)

ବିଶାଳ ବିଶ୍ୱସ୍ୟ ନିଧାନ ବୀଜମ୍
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ

✣ ବୈଦିକ ପ୍ରାର୍ଥନା ✣

ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ॥


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ପଦ୍ମପାଦ ବନ୍ଦନା | ୧ |
| **ସିଂହଦ୍ୱାର** | |
| ଭଜନ (୧) | ୨ |
| ଭଜନ (୨) | ୩ |
| **ମୁଖଶାଳା** | |
| ସମ୍ପାଦକୀୟ | ୪ |
| 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ 'ପାପ' | ୬ |
| **ଶ୍ରୀମନ୍ଦିର** | |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ | ୯ |
| ପୁରାଣ ପୃଷ୍ଠାରୁ ଗଳ୍ପାଂଶ | ୧୦ |
| ଶ୍ରୀଶ୍ରୀଠାକୁରଙ୍କ ଦର୍ଶନରୁ : ମୋହ | ୧୩ |

| ବିଷୟ | ପୃଷ୍ଠାଙ୍କ |
|---|---|
| **ଗରୁଡ଼ସ୍ତମ୍ଭ** | |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ | ୧୫ |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିବି : | ୧୮ |
| ଉତ୍ତିଷ୍ଠତଃ ! ଜାଗ୍ରତଃ !! | ୨୧ |
| ଜିଜ୍ଞାସା : ଜିଜ୍ଞାସୁ : | ୨୪ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୯ |
| କଲ୍ୟାଣ ହେଲି ତୋତେ | ୩୧ |
| କେଶବ କୈବଲ୍ୟ କଣିକା | ୩୩ |
| **ନୀଳଚକ୍ର** | |
| ଚରମର ସଂକେତ (ଉତ୍ସବ ପରିଚିତି) | ୩୫ |
| ଆଶ୍ରମ ସନ୍ଦେଶ | ୪୩ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା, ଭକ୍ତି, ନିଷ୍ଠା ଓ ବିଶ୍ୱାସର ସହିତ ପତ୍ରିକା ପାଠ କରନ୍ତୁ ।

୨. ନିଷ୍ଠା ଓ ପବିତ୍ରତାର ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।

୩. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ । ଏହା ଅକ୍ଷମଣୀୟ ଅପରାଧ ।

୪. ଚରମର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ଯତ୍ନର ସହ ସାଇତି ରଖନ୍ତୁ ।

୫. ଆମ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ଅନ୍ୟାନ୍ୟ ପୁସ୍ତକ/ପୁସ୍ତିକାଦି ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

୬. ନିଜେ ପଢ଼ନ୍ତୁ ଓ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବା ପାଇଁ ପ୍ରବର୍ତ୍ତନା ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।


୭. ପଡ଼ୋଶୀମାନଙ୍କୁ ମଧ୍ୟ ପଢ଼ିବାର ସୁଯୋଗ ଦିଅନ୍ତୁ ବା ନିଜେ ପଢ଼ି ଶୁଣାନ୍ତୁ ।

- ସମ୍ପାଦକ, 'ଚରମ' ॥



ମୂଳାଧାର କର୍ଣ୍ଣଧାର ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅରୁଣାସ୍ତ୍ର



ଶତସହସ୍ର କୋଟି ସୂର୍ଯ୍ୟପ୍ରଭମ୍ ।
ବିରାଟଦେବମ୍ ପରମଦୈବତମ୍ ॥
ଅପ୍ରମେୟମ୍ ଅପ୍ରମିତଂ ବିଶାଳମ୍ ।
ପ୍ରଣମାମ୍ୟହମ୍ କାରଣସ୍ୱରୂପମ୍ ॥

## ମଙ୍ଗଳାଚରଣ

## ପଦ୍ମପାଦ ବନ୍ଦନା

ପଦ୍ମପାଦ ଘେନ ବନ୍ଦନା ମୋହର ।
ଭକ୍ତ ବନ୍ଧୁ ପ୍ରଭୁ କରୁଣା ସାଗର ॥
କରୁଣା କର ହେ କରହେ କଲ୍ୟାଣ ।
ଅନ୍ତର୍ଯ୍ୟାମୀ ଦେବ ସବୁ ତୁମେ ଜାଣ ॥
ପଦ୍ମପାଦ ବେନି ଆହା କି ସୁନ୍ଦର ।
ରସାଳ କରଇ ହୃଦୟ କନ୍ଦର ॥
ପଦ୍ମପାଦ ବାଣୀ ଆହାକି ମଧୁର ।
ହୃଦୟ କନ୍ଦରେ ତୋଳଇ ଝଙ୍କାର ॥
ଯେହୁ ଲଭେ ପଦ୍ମ-ପାଦର ପରଶ ।
କଟଇ ବିଷାଦ ହୁଅଇ ହରଷ ॥
ଯେହୁ କରେ ପଦ୍ମ-ପାଦରେ ଭରସା ।
ଅଚିରେ ସେ ଲଭେ ଅମୃତ ନି-ରା-ଶା ॥
ପଦ୍ମପାଦୁଁ ଝରେ କରୁଣାର ଧାରା ।
ଯେହୁ ଲାଭ କରେ ହୁଏ ଆତ୍ମହରା ॥
ପଦ୍ମପାଦୁଁ ଝରେ ଭାବର ବରଷା ।
ଅଭାବ ରାକ୍ଷସ ପାଏନା ଭରସା ॥
ପଦ୍ମପାଦ ବେନି ଝରେ ଯେ' ଚିନ୍ତଇ ।
ମୋହ ବନ୍ଧନ ତା' ନିମିଷେ ତୁଟଇ ॥
ପଦ୍ମପାଦ ବେନି ରହସ୍ୟ ଭଣ୍ଡାର ।
ସେ ପାଦରୁ ସୃଷ୍ଟ ସକଳ ସମ୍ଭାର ॥
ପଦ୍ମପାଦ ବେନି ଅମୂଲ୍ୟ ରତନ ।
ଭକତ ଜନର ହୃଦୟ ଚନ୍ଦନ ॥



ପଦ୍ମପାଦ ବେନି ଆଶ୍ରା ଭକତର ।
ଭକତ ପାଇଁ କି ନରକଳେବର ॥
ପଦ୍ମପାଦ ବେନି ଘୁଞ୍ଚାଏ ଅଜ୍ଞାନ ।
ସୃଜଇ ସଂସ୍କାର ଦେଇ ଦିବ୍ୟଜ୍ଞାନ ॥
ପଦ୍ମପାଦ ବେନି ଭକତ ଅଧୀନ ।
ଭକତ ହୃଦୟେ ହୁଅଇ ଆସୀନ ॥
ପଦ୍ମପାଦେ ଯେହୁ ରଖିଥାଏ ଲୟ ।
ଦୂରହୁଏ ତା'ର ସର୍ବ ଭବ ଭୟ ॥
ପଦ୍ମପାଦ ବେନି ସର୍ବଗୁଣାତୀତ ।
ସମଭାବ କରେ ହୃଦୟେ ସଞ୍ଚିତ ॥
ପଦ୍ମପାଦ ବେନି ଶରଣ ଦିଅଇ ।
ଅନ୍ତଃକରଣରେ ବିଶ୍ୱାସ ଭରଇ ॥
ପଦ୍ମପାଦେ ସିନା ପ୍ରତ୍ୟକ୍ଷରେ ଗୁରୁ ।
ଉଦ୍ଧାର କରଇ ଏହି ଭବ ପୁରୁ ॥
ପଦ୍ମପାଦ  ବେନି ଅନନ୍ତ ଅଚ୍ୟୁତ ।
ପଦ୍ମପାଦେ ହଜେ ତନ୍ମୟ ଭକତ ॥
ପଦ୍ମପାଦ ବେନି ପରମ ଆନନ୍ଦ ।
ସଚ୍ଚିଦାନନ୍ଦ ସେ ଆନନ୍ଦର କନ୍ଦ ॥
ପଦ୍ମପାଦ ବେନି ଅଟେ ଅପ୍ରମାଦ ।
ସୁପଥେ ଚଳାଇ କାଟଇ ବିପଦ ॥
ପଦ୍ମପାଦ ପ୍ରାନ୍ତେ ପ୍ରଣାମ ମୋହର ।
ହରେ ରାମ କୃଷ୍ଣ ସର୍ବ ଦୁଃଖହର ॥



ହିରଦ୍ୱାରୁ

# ଭଜନ



ଭାବଗ୍ରାହୀ ଭାବ ମାତ୍ର ଏତିକି ଥିବ ।
ଶ୍ରୀପଦ ଦର୍ଶନେ ନେତ୍ର ସାର୍ଥକ ହେବ ॥୦॥

ଭକତ ଶରୀର ସ୍ପର୍ଶେ ଅଙ୍ଗ ଲଗାଅ ନିରତେ,
ହରଷେ ବିରଷେ ସଦା ତୁମ ରୂପ ଥାଉ ହୃଦେ,
ତୁମରି ସଙ୍ଗୀତେ କର୍ଣ୍ଣ ପବିତ୍ର ହେବ............... ॥୧॥

ପୟରୁ ତୁଳସୀ ବାସ ନାସିକା ଆଘ୍ରାଣୁ ନିତ୍ୟ,
ତୁମରି ପ୍ରସାଦୁ ମୋର ରସନା ପାଇବ ସ୍ୱାଦ,
ସ୍ୱର୍ଣ୍ଣକ୍ଷେତ୍ର ଧୂଳି ମଥାପରେ ଲାଗୁଥିବ.............. ॥୨॥

ଦେଇଅଛ ବେନିହସ୍ତ ତୁମ କାର୍ଯ୍ୟେ ହେଉ ରତ
ଅନ୍ତର ମୋ ଘୋଷୁଥାଉ ତୁମରି ଚରଣାମୃତ
କୃପାପତି କୃପା ପାଇ ଧନ୍ୟ ହୋଇବ............... ॥୩॥

# ଭଜନ

ଶ୍ରଦ୍ଧାପୂତ ମନ ନେଇ
ତୁଳସୀ ଚନ୍ଦନ ଦେଇ
ପ୍ରେମେ ଉପାସନା କରି
ମନ ତୁମ ତୋଷିବି
ତୁମ ପାଦେ ରସିବି ମୁଁ
ପାଦ ତଳେ ବସିବି...
ଶ୍ରଦ୍ଧାପୂତ ମନ ନେଇ ।।୦।।

ତୁମେ ସବୁରି ଜୀବନ
ତୁମେ ତ ମନମୋହନ
ତୁମେ ବିନ୍ଦୁ ତୁମେ ସିନ୍ଧୁ
ବିନ୍ଦୁ ହୋଇ ମହାସିନ୍ଧୁ
ଛାତିରେ ମୁଁ ମିଶିବି,
ତୁମ ପ୍ରେମ ସ୍ରୋତରେ ମୁଁ
ଦିନରାତି ଭାସିବି...
ଶ୍ରଦ୍ଧାପୂତ ମନ ନେଇ ।।୧।।

ଆକାରରେ ନିରାକାର
ତୁମେ ସକଳ ଆଧାର
ତୁମେ କ୍ଷିତି ତୁମେ ଜ୍ୟୋତିଃ
ତୁମେ କଲ୍ୟାଣ ସାଗର
ସେଥିରେ ମୁଁ ଝାସିବି,
ତୁମ ଗାଥା ଗାଇବାକୁ
ବାରବାର ଆସିବି...
ଶ୍ରଦ୍ଧାପୂତ ମନ ନେଇ ।।୨।।

ତୁମେ ଶାନ୍ତି ତୁମେ ସୁଖ
ହେ ପ୍ରଭୁ କମଳ ମୁଖ
ଏତିକି ବିନତି ମୋ'ର
ପୂର୍ଣ୍ଣକର ଫେଡ଼ି ଦୁଃଖ
ତୁମ ପାଇଁ ହସିବି,
ତୁମ ଶ୍ରୀପାଦ ପଦ୍ମରେ
ଶରଣ ମୁଁ ପଶିବି...
ଶ୍ରଦ୍ଧାପୂତ ମନ ନେଇ ।।୩।।

**ଅର୍ଘ୍ୟଫଳ ଦେଲି ସୁରକ୍ଷା ପାଇଁକି ମନ ନମାନିଲା ତୋ'ର ।**
**ହାତେ ଡେଉଁରିଆ ଗଳାରେ ତାବିଜ ବାହୁରେ ରୁଦ୍ରାକ୍ଷ ଫଳ ।।**
**କେତେ ରଙ୍ଗେ ଢଙ୍ଗେ ସଜାଇ ହେଉଛୁ ଭାବ ଭେଳିକିରେ ପଡି ।**
**ଗୁରୁଙ୍କ ନିୟମ ଅନୁଶାସନକୁ ନିଜ ଖିଆଲରେ ଛାଡି ।।**

# ମୁଖଶାଳା

## ସଂପାଦକୀୟ

**ଓଁ ନମୋ ଭଗବତେ କେଶବଚନ୍ଦ୍ରାୟଃ !!**

ଧର୍ମ ଓ ଆଧ୍ୟାତ୍ମିକତାକୁ ପୃଥିବୀରେ କିଏ କେତେ ପ୍ରକାରେ, କେତେ ଭାବରେ, କେତେ ଭଙ୍ଗୀରେ ପ୍ରବଚନର କେତେ ଶୈଳୀ ଓ କେତେ ଭାଷାରେ ପ୍ରକାଶ ନ କରିଛନ୍ତି ନା ନ କରୁଛନ୍ତି ! ମାତ୍ର, ଉଚ୍ଚାରଣ ଓ ଆଚରଣ ମଧ୍ୟରେ ରହିଯାଉଛି ଆକାଶପାତାଳ ପାର୍ଥକ୍ୟ । ଏହା ଫଳରେ ପ୍ରବଚକଙ୍କର ଉଚ୍ଚାରଣ ବାରମ୍ବାର ଶ୍ରବଣ କଲେ ମଧ୍ୟ ଶ୍ରୋତାମାନଙ୍କ ଜୀବନଚର୍ଯ୍ୟାରେ ତାହା ସୁଦୂରପ୍ରସାରୀ ଓ ଦୀର୍ଘସ୍ଥାୟୀ ପ୍ରଭାବ ପକାଇ ପାରୁନାହିଁ । ତେଣୁ ପୃଥିବୀର ମାନବ ସମାଜରେ ଏଯାବତ୍ ଧର୍ମ ସଙ୍କୁଚିତ ହୋଇ ରହିଯାଇଛି ।

ରକ୍ତ ମାଂସର ଦେହ ଧରି ଆମେ ମଣିଷ ବୋଲାଉଛୁ । ମାତ୍ର, ମଣିଷ ପଣିଆକୁ ବନ୍ଧନର ପ୍ରତିଟି ପାଦପାତରେ ବିସର୍ଜନ ଦେଉଛୁ । ଯେଉଁମାନଙ୍କ ଗହଣରେ ଚଳପ୍ରଚଳ ହେଉଛୁ, ସେମାନଙ୍କ ଉପରେ ନିଜର ପ୍ରତିପତ୍ତି ଜାହିର୍ କରିବା ପାଇଁ ନାନା କୌଶଳ ଅବଲମ୍ବନ କରୁଛୁ, ବୁଦ୍ଧିବୃତ୍ତିର ଖେଳ ଖେଳୁଛୁ, କପଟାଚାର, ମିଥ୍ୟାଚାର ଆଦିର ଆଶ୍ରୟ ନେଉଛୁ, ଜଘନ୍ୟ ଭାବରେ ସ୍ୱାର୍ଥପର ସାଜିଛୁ, ଅଥଚ ଭେକ ଧରି ଧର୍ମ ଏବଂ ଆଧ୍ୟାତ୍ମିକତାର କଥା କଣ୍ଠ ଫଟାଇ ଚିତ୍କାର କରୁଛୁ ।

ମର୍ତ୍ତ୍ୟଧାମରେ ଆଜି ଧର୍ମର ଗତି ଓ ପ୍ରକୃତି ଏପରି କୁତ୍ସିତ ହୋଇ ଉଠିଛି ଯେ ଯିଏ ଯେତେ ବାଗେଇ ବନେଇ ଚୁନେଇ ମିଠା ମିଠା କଥା କହି ଲୋକମାନଙ୍କୁ ମୋହି ପାରିଲା, ସେ ସେତେ ବଡ଼ ଧାର୍ମିକ ଓ ଆଧ୍ୟାତ୍ମିକବାଦୀ ବୋଲି ପରିଚୟ ଗୋଟେଇ ନେଇ ପାରିଲା ଏବଂ ପ୍ରଶଂସନୀୟ ବାକ୍ୟ ଓ ଉଚ୍ଚ ଆସନ ଆଦି ପାଇ ଆତ୍ମସନ୍ତୋଷ ଲାଭକଲା । ନିଜକୁ ମନେକଲା, ପୃଥିବୀର ସର୍ବଶ୍ରେଷ୍ଠ ବୁଦ୍ଧିମାନ ବୋଲି, ପରନ୍ତୁ ଆଉ ସମସ୍ତେ ବୁଦ୍ଧିହୀନ । କାରଣ ସେ ଅନ୍ୟସମସ୍ତଙ୍କୁ ଠକି ପାରିଲା, ଭଣ୍ଡି ପାରିଲା, ନିଜର ସ୍ୱାର୍ଥସିଦ୍ଧି ଅନାୟାସରେ ହାସଲ କରି ପାରିଲା । କିଛି ତ୍ୟାଗ ନ କରି କେବଳ ଭେକ ଧରି ଓ ମିଠା କଥା କହି ସକଳ ଭୋଗ କରିପାରିଲା । ତେବେ, ସେ ବୁଦ୍ଧିମାନ ନୁହେଁ ତ ଆଉ କ'ଣ ତୁମେ ନା ଆମେ ?

ଏଠାରେ ଆମ କହିବାର ତାତ୍ପର୍ଯ୍ୟ ହେଉଛି- ନିଃସ୍ୱାର୍ଥପର ଭାବରେ କଣିକାଏ ପରୋପକାର କଲେ ପ୍ରକୃତ ଅର୍ଥରେ ପ୍ରକୃଷ୍ଟ ଭାବରେ ଧର୍ମ ସାଧନା, ଭଗବଦ୍ ଉପାସନା ଓ ଆତ୍ମ ପ୍ରବୃଦ୍ଧି ହେବା ସହିତ ସେହି ସାମାନ୍ୟତମ ପରୋପକାର କର୍ମ ଅନାୟାସରେ ବ୍ୟାପକ ଓ ସୁଦୂରପ୍ରସାରୀ ମଙ୍ଗଳମୟ CHAIN ACTION ସୃଷ୍ଟିକରି ଜଗତର ଅଶେଷ କଲ୍ୟାଣ ସାଧନ କରିଥାଏ । ସୃଷ୍ଟିର ସକଳ କର୍ମ ପାଇଁ ଯେପରି ଦେଶ-କାଳ-ପାତ୍ରର ବିବେଚନା ରହିଛି, ଏ କ୍ଷେତ୍ରରେ ମଧ୍ୟ ଉପଯୁକ୍ତ ସ୍ଥାନରେ, ଉପଯୁକ୍ତ ସମୟରେ ଓ ଉପଯୁକ୍ତ ପାତ୍ର ପାଇଁ ଉପକାରଟିଏ ନିଃସ୍ୱାର୍ଥପର ଭାବରେ ସକଳ ସହୃଦୟତାର ସହିତ କରାଯିବା ଏକାନ୍ତ ଆବଶ୍ୟକ ।

ହାତପାଆନ୍ତାରୁ କଥାଟିଏ କହୁଛି । ମିଛ ନୁହେଁ ସତ । ଆମ ଗାଁ ପାଖ ସାଇରେ ଗରିବ ବିଧବା ସ୍ତ୍ରୀ ଲୋକଟିଏ ତା'ର ଏକ ମାତ୍ର ଛୋଟ ପୁଅଟିକୁ ସମ୍ବଳ କରି ଗୋଟିଏ ଛୋଟ କୁଡ଼ିଆ ପରି ଘରେ ରହୁଥିଲା । କ୍ଷେତବାଡ଼ିରେ କାମ କରି ସେ ଯେତିକି ମଜୁରି ପାଉଥିଲା, ସେତିକିରେ ବହୁ କଷ୍ଟରେ ଚଳୁଥିଲା । କିଛିଦିନ ପରେ

ସେ ଆମ ଗାଁ ଘରେ ଦୁଇଓଳି କାମତୁଣୀ କାମ କରି ଚଳିଲା ଓ ଆମ ବିଲବାଡ଼ିରେ କାମ କରି ମଜୁରି ପାଇଲା । ମୋ ମା' ତା'କୁ ବଡ଼ ବିଶ୍ୱାସ କରୁଥିଲେ ଓ ସୁବିଧା ଅସୁବିଧାରେ ତା'କୁ ନାନାପ୍ରକାର ସାହାଯ୍ୟ କରୁଥିଲେ । କାଳକ୍ରମେ ତା' ପୁଅ ୧୫/୧୬ ବର୍ଷର ହୋଇଗଲା । ହେଲେ ବଡ଼ ଠକ ଠାପୁଆ ହୋଇଗଲା । ପାଠ ପଢ଼ିଲା ନାହିଁ କି କାମ କରି ରୋଜଗାର କଲାନାହିଁ । ମା' ରୋଜଗାରରେ ଫୂର୍ତ୍ତିରେ ଚଳିବା ତା'ର ଅଭ୍ୟାସ ହୋଇଗଲା । ଦିନେ ସେ ଟୋକା ତା' ମା' ସହିତ କଳିତକରାଳ କରି ରାଗରେ ଘର ଛାଡ଼ି ସହରକୁ ଆସିଗଲା । ଅପରିଚିତ ସହରରେ ଡୁପ୍‌ଟି ମାରି ରାସ୍ତାକଡ଼ରେ ମୁହଁ ଶୁଖାଇ ସେ ଠିଆ ହୋଇ ରହିଥାଏ । ଜଣେ ମୁସଲମାନ ବୁଢ଼ା ତା'କୁ ଦେଖି ତା' କଥା ଶୁଣି ତା'କୁ ଦୟାକଲା । ଖାଇବାକୁ ଦେଲା ଓ ତା' ଗାଡ଼ିରେ ତା'କୁ ହେଲ୍‌ପର୍ କାମରେ ଲଗାଇଲା । ଟୋକାକୁ ସେ କାମ ଭଲ ଲାଗିଲା ଓ ସେ ମନଦେଇ ସବୁ କାମ କଥା ମାନିକଲା । ମାସ ଶେଷରେ ସେ ମୁଠାଏ ଟଙ୍କା ଦରମା ପାଇ ଖୁସିହେଲା । ଖୁସିରେ ସେ ଜଣେ ଅପରିଚିତ ଭିକାରିକୁ ଦୟାକରି କୋଡ଼ିଏ ଟଙ୍କା ଦେଲା । ଭିକାରି ଜଣକ ଏକାଥରକେ କୋଡ଼ିଏ ଟଙ୍କା ପାଇ ଭଗବାନଙ୍କର ଆଶୀର୍ବାଦ ମନେକରି ପ୍ରଭୁଙ୍କର ଗୁଣଗାଇ ପାଖ ଦୋକାନରୁ ଲଟେରି ଟିକେଟ୍‌ଟିଏ କିଣିନେଲା । ଲଟେରି ଫଳ କଥା ପଚାରି ବୁଝି ସେ ଜାଣିଲା ଯେ, ତା' ନାମରେ ଦଶହଜାର ଟଙ୍କାର ପୁରସ୍କାର ଉଠିଛି । ସେ ସେଟଙ୍କା ତକ ପାଇ ଠାକୁରଙ୍କ ଠାରେ କୃତଜ୍ଞ ହେଲା । ଜଗନ୍ନାଥ ମନ୍ଦିର ଓ ଅମ୍ବିକାଙ୍କ ମନ୍ଦିରରେ ଭୋଗ ଲଗାଇ ଖୁସିରେ ବାଣ୍ଟିଲା । ତା'ର ଜଣେ ସାଙ୍ଗ ଭିକାରି ଏହା ଦେଖି ତା' ଠାରୁ ସବୁ ପଚାରି ବୁଝିଲା ଓ ତା'କୁ କିଛି ଟଙ୍କା କୁଷ୍ଠାଶ୍ରମ ପାଇଁ ଦାନ ଦେବାକୁ ଅନୁରୋଧ କଲା । ଦି'ଜଣ ମିଶି କୁଷ୍ଠାଶ୍ରମକୁ ଯିବା ରାସ୍ତରେ ରାସ୍ତା କଡ଼ରେ ରୋଗ ଯନ୍ତ୍ରଣାରେ କଷ୍ଟ ପାଉଥିବା ଲୋକ ଜଣକୁ ଦେଖି, ତା'କୁ ଡାକ୍ତରଖାନାକୁ ନେଇ କୁଷ୍ଠାଶ୍ରମକୁ ଦାନ ଦେବା ଟଙ୍କାରେ ତା'ର ଚିକିତ୍ସା ଓ ପଥ୍ୟ ଖର୍ଚ୍ଚ ତୁଲାଇଲେ । ସେ ରୋଗୀ ଜଣକ ଆରୋଗ୍ୟ ଲାଭ କରିବା ପରେ ଜଣେ ଭିକାରିର ଏପରି ସେବାରେ ମୁଗ୍ଧ, ଚକିତ ଓ ଆନନ୍ଦିତ ହୋଇ ଫେରିବା ବାଟରେ ରାସ୍ତାଧାରର ନର୍ଦ୍ଦମା ପାଣିରେ ପଡ଼ି କୁକୁର ଛୁଆଟିଏ କଷ୍ଟଯନ୍ତ୍ରଣାରେ ରଡ଼ି କରୁଥିବାର ଶୁଣି ତା'କୁ ଆଦର ଯତ୍ନରେ ଆଣି ଧୋଇପୋଛି କୋଳରେ ଧରି ଆଗକୁ ଚାଲିଲା । ସଞ୍ଜଗଡ଼ି ରାତି ହେବାରୁ ସେ ଜଣେ ଲୋକଙ୍କ ଘର ବାରଣ୍ଡାରେ ରାତିଟି କଟାଇବା ପାଇଁ ଅନୁମତି ମାଗିଲା । ଅନୁମତି ମଧ୍ୟ ପାଇଲା । ସେ ଲୋକ ଜଣକ ଦୟାକରି ତା'କୁ କିଛି ଖାଦ୍ୟ ଓ ଶୋଇବା ପାଇଁ ଆଶା ଦେଲେ । ଗଭୀର ରାତ୍ରିରେ କୁକୁର ଛୁଆଟି ଜୋର୍‌ରେ ଭୁକିବାକୁ ଲାଗିଲା । ଲୋକଟିର ନିଦ ଭାଙ୍ଗିଗଲା । ସେ ଦେଖିଲା, ଆଶ୍ରୟ ଦେଇଥିବା ଲୋକଟିର ଘରେ ନିଆଁ ଲାଗିଛି । ସେ ଚିତ୍କାର କରି ତାଙ୍କୁ ଡାକି ଉଠାଇଲା ଓ ପାଖ ପଡ଼ିଶାଙ୍କୁ ଡାକି ଦମ୍‌କଳ ଅଫିସକୁ ଫୋନ୍ କରି ବହୁକଷ୍ଟରେ ନିଆଁ ଲିଭାଗଲା । ଗୋଟିଏ ବଡ଼ ବିପତ୍ତିରୁ ସେ ଲୋକଜଣକ ରକ୍ଷା ପାଇଗଲେ ।

ହିତଚିନ୍ତା ମନରେ ରଖି ପରୋପକାର କର୍ମରେ ନିଃସ୍ୱାର୍ଥପର ଭାବରେ ଲାଗିଯିବା ହିଁ ପ୍ରକୃତ ଓ ପ୍ରକୃଷ୍ଟ ଧର୍ମାଚରଣ । ଆଜି ଏପରି ଧର୍ମାଚରଣ ବିରଳ ହେଲେ ମଧ୍ୟ ସମାଜରୁ ଲୋପ ପାଇ ଯାଇ ନାହିଁ । ପ୍ରକୃତ ଧର୍ମାଚାରୀଙ୍କ ପରିଚୟ କେହି ଖୋଜୁନାହିଁ କି ଲୋଡ଼ୁ ନାହିଁ । ଭେକରେ ସମସ୍ତେ ଭୋଳ । ଅଳମତି ବିସ୍ତରେଣ ! ଶ୍ରୀକେଶବ ସର୍ମପଣ ମସ୍ତୁ ! ଓମିତି ନମସ୍କାରାନ୍ତେ ।

ବିନୀତ,
କେଶବଦାସ
ସମ୍ପାଦକ 'ଚରମ'

# 'ଚରମ'ର ଚିନ୍ତନ : ଏ ପାଖୁଡ଼ାରେ

## 'ପାପ'

ପାଣିକୁଆ ପାଣିରେ ବାସ କଲେ ମଧ୍ୟ ତା' ଶରୀର ବା ଡେଣା ଆଦୌ ଓଦା ହୁଏ ନାହିଁ । ସେହିପରି ଆମ ଭିତରେ ଏପରି ଗୋଟିଏ ପଦାର୍ଥ ଅଜ୍ଞାତ ହୋଇ ରହିଛି, ଯିଏ ସବୁବେଳେ ପବିତ୍ର । ତାହା ଶରୀରର ପାପ, ଅପରାଧ କିମ୍ବା ଦୁର୍ବଳତା ଦ୍ୱାରା କେବେହେଲେ ଦୂଷିତ ହୁଏ ନାହିଁ । ଏହି ପାପପଙ୍କମୟ ସଂସାରରେ କେବଳ ଏହି ପଦାର୍ଥ ହିଁ ସବୁବେଳେ ବିଶୁଦ୍ଧ ଓ ନିଷ୍ପାପ । ଏହିପ୍ରକାର ନିଷ୍ପାପ ଅବସ୍ଥା ବାସ୍ତବରେ କେବଳ ଶୁଦ୍ଧସ୍ୱରୂପ ଆତ୍ମାର ଗୁଣ ଅଟେ । ଭ୍ରମବଶତଃ ଅନେକେ ଶରୀରକୁ ଆତ୍ମା ବୋଲି ମନେ କରି ଜଣେ ବ୍ୟକ୍ତିର ଜଘନ୍ୟ ପାପ ପାଇଁ ତା'କୁ ପାପାତ୍ମା ବୋଲି କହିଥାଆନ୍ତି । ଅନେକେ ଶରୀର ଓ ମନକୁ ମଧ୍ୟ ଶୁଦ୍ଧ ଓ ପବିତ୍ର ମନେ କରନ୍ତି । କିନ୍ତୁ ପ୍ରକୃତରେ ଶୁଦ୍ଧତା ଓ ପବିତ୍ରତା ମନ କିମ୍ବା ଶରୀରର ଗୁଣ ନୁହେଁ । ଏହା କେବଳ ଆତ୍ମାର ହିଁ ଗୁଣ । ଅବଶ୍ୟ ଅନେକ ସମୟରେ ମନ ଓ ଶରୀର ଶୁଦ୍ଧ ଓ ପବିତ୍ର ରହେ । ଏହି ଶୁଦ୍ଧ ଓ ପବିତ୍ର ଭାବ ମନ ଓ ଶରୀର ପର୍ଯ୍ୟନ୍ତ ଆସେ କିପରି ? ଏହାର ଏକମାତ୍ର ନିର୍ଭୁଲ ଉତ୍ତର ହେଉଛି, ତାହା ଆମ ଭିତରେ ଥିବା ଆତ୍ମା ଠାରୁ ହିଁ ଆସିଥାଏ, ପୁଣି ସେହି ଆତ୍ମା ଠାକୁ ହିଁ ଚାଲିଯାଏ । ସେହି ଶୁଦ୍ଧ ସ୍ୱରୂପ ପବିତ୍ର ଆତ୍ମା କେବଳ ଆମ ନିଜନିଜର ଅନୁଭୂତିରେ ପ୍ରତିଭାତ ହୁଅନ୍ତି । ସେହି ଆତ୍ମାଙ୍କର ବିନାଶ ନାହିଁ, ଅବସାନ ନାହିଁ, ଧ୍ୱଂସ ମଧ୍ୟ ନାହିଁ । ଶରୀର ବା ମନ ଯେତେ ପାପୀ କିମ୍ବା ଦୋଷୀ ହେଉନା କାହିଁକି, ସେହି ଶରୀର ମଧ୍ୟରେ ସେହି ନିଷ୍ପାପ ଓ ବିଶୁଦ୍ଧ ପବିତ୍ର ଆତ୍ମା ବିରାଜିତ ଅଛନ୍ତି ।

ଏବେ ଶରୀର ଓ ମନକୃତ ପାପ କର୍ମ ଗୁଡ଼ିକର ଲକ୍ଷଣ ସମ୍ବନ୍ଧରେ ସଂକ୍ଷେପରେ ଗୋଟିଏ ପରେ ଗୋଟିଏ ଆଲୋଚନା କରି ଦେଖିବା ପ୍ରକୃତରେ ପାପର ଲକ୍ଷଣ କ'ଣ ?

ପାପ କର୍ମଗୁଡ଼ିକ ମଧ୍ୟରେ 'ତୋଷାମଦ'ର ସ୍ଥାନ ପ୍ରଥମ । ମାତ୍ର, କେହି ଏହାକୁ ମହାପାପ ବୋଲି ଭାବନ୍ତି ନାହିଁ କି ଜାଣନ୍ତି ନାହିଁ ମଧ୍ୟ । ଏହା ଆଜିକାଲି ସମସ୍ତଙ୍କର ଗୋଟିଏ ଭ୍ରମଧାରଣା ହୋଇ ରହିଛି । ସଂସାରରେ ଜଣେ ନଗଣ୍ୟ ଭିକାରୀ ଠାରୁ ଆରମ୍ଭ କରି 'ମହତୋମହୀୟାନ' ଠାକୁରଙ୍କ ପର୍ଯ୍ୟନ୍ତ ସମସ୍ତେ କିନ୍ତୁ ତୋଷାମଦ ଖୋଜନ୍ତି ଓ ଲୋଡ଼ନ୍ତି । ସମସ୍ତେ ତୋଷାମଦର ଦାସ । କାରଣ, ନିଜର ପ୍ରଶଂସା ଶୁଣିବାକୁ କାହାକୁ ବା ଭଲ ନ ଲାଗେ ? ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀମାନଙ୍କୁ ଲକ୍ଷ୍ୟକରି ଦେଖିଲେ, ସମସ୍ତେ ତୋଷାମଦ ଓ ପ୍ରଶଂସାପ୍ରିୟ ବୋଲି ଜଣାଯାଏ । କଥାରେ ଅଛି ପରା ! ଗୋଦରୀକୁ ପଦ୍ମିନୀ ବୋଲି କହିଲେ ସେ ଆକାଶରେ ଉଡ଼ିବା ପରି ଅନୁଭବ କରେ । ପ୍ରଶଂସାବାକ୍ୟ ଓ ତୋଷାମଦପୂର୍ଣ୍ଣ କଥା ପ୍ରତ୍ୟେକଙ୍କୁ ଆନନ୍ଦ ଦେବା ସହିତ ପ୍ରଚ୍ଛନ୍ନରେ ତା'ର ଗର୍ବ ଓ ଅହଂକାରକୁ ମୋଟା କରିଦିଏ । ତେଣୁ ତୋଷାମଦ କରିବା ଓ ଶୁଣିବା ଗୋଟିଏ ଜଘନ୍ୟ ମହାପାପ ଅଟେ ।

'ଅହଂକାର' ଅନ୍ୟଏକ ପାପ । ଗର୍ବ ଅହଂକାର ସଇତାନର ମଥା ଅଟେ । ଆଜି ସଂସାରରେ ଏହି ଅହଂକାରରୂପକ ସଇତାନ ପ୍ରତ୍ୟେକଙ୍କୁ ଦୃଢ଼ଭାବରେ ଅଧିକାର କରି ସାରିଛି । ଗର୍ବ ଅହଂକାର ଗୋଟିଏ ତୁଚ୍ଛ ପ୍ରହେଳିକା । ମଣିଷ ଆତ୍ମସ୍ୱରୂପରେ ଅବସ୍ଥିତ ବା ଅଧିଷ୍ଠିତ ନ ହୋଇ ଶରୀରସର୍ବସ୍ୱ ହେଲେ ଏହି ବୃଥା ଅହଂକାର ଓ ଅଭିମାନ ସୃଷ୍ଟି ହୋଇଥାଏ । ସାଧନ ମାର୍ଗରେ ଆଗେଇ ଯାଇଥିବା ବ୍ୟକ୍ତି କ୍ରମଶଃ ଦେହଭାବ ଛାଡି ଆତ୍ମଭାବରେ ଅଧିକରୁ ଅଧିକ ଆତ୍ମସ୍ଥ ହେଲେ ତୁଚ୍ଛା ତୋଷାମଦ ଓ ପ୍ରଶଂସାବାକ୍ୟ ଶୁଣି ବେଶ୍ ସହଜରେ ବୁଝିପାରେ ଯେ,

ତାକୁ ଲଘୁ କରିଦିଆଯାଉଛି, ହୀନ ବର୍ଣ୍ଣରେ ଚିତ୍ରିତ କରାଯାଉଛି । ଏହା ଜାଣି ସେ ତୋଷାମଦ, ପ୍ରଶଂସା, ଅହଂକାର, ଅଭିମାନ, ଗର୍ବ, ଦର୍ପ ଓ ହୀନ ସ୍ୱାର୍ଥବୁଦ୍ଧିର ଊର୍ଦ୍ଧ୍ୱକୁ ଉଠିଯାଏ ଓ ଆତ୍ମସ୍ଥ ଅବସ୍ଥାରେ ପରମଶାନ୍ତି, ସନ୍ତୋଷ ଓ ଆନନ୍ଦ ଲାଭ କରେ । ଅନ୍ୟ ପକ୍ଷରେ ଶରୀର ଓ ଆତ୍ମା ଉଭୟ ମଧ୍ୟରେ ପାର୍ଥକ୍ୟ ଓ ସମ୍ବନ୍ଧ ଅନୁଭବ କରି ନ ଥିବା ଲୋକେ ଅବିଦ୍ୟା ଓ ମାୟା ହେତୁ ଭ୍ରମବଶତଃ ତୋଷାମଦ ଓ ପ୍ରଶଂସା, ସ୍ୱାର୍ଥବୁଦ୍ଧି ଓ ସ୍ୱାର୍ଥସିଦ୍ଧି, ଅହଂକାର ଓ ଅଭିମାନ, ଗର୍ବ ଓ ଦର୍ପାଦିର ବନ୍ଧନରେ ପଡ଼ି ପାପାସକ୍ତ ହୋଇ ଜୀବନ୍ତ ମରଣର ଯନ୍ତ୍ରଣାରେ କାତର ହେଉଅଛନ୍ତି ।

'ଲୋଭ, ଲୋଲୁପତା ଓ ଲାଳସା' ମଧ୍ୟ ପାପ ଅଟେ । ଆଜିକାଲି ପ୍ରତ୍ୟେକ ଲୋକ ତା' ଚାରିପାଖରେ ସବୁକିଛିକୁ ତା' ହାତମୁଠାକୁ ନେଇ ନିଜର କରିବାକୁ ଇଚ୍ଛା କରୁଛି । ଏହି ଇଚ୍ଛାକୁ ପୂରଣ କରିବାପାଇଁ ସେ କେତେ ନୂଆ ନୂଆ କୌଶଳ ଅବଲମ୍ବନ କରୁଛି । କେତେ ମିଥ୍ୟାଚାର, କେତେ କପଟାଚାର, କେତେ ପ୍ରକାରର ଛଳନା, ବାହାନା ଓ ପେଖନା ନକରୁଛି ସତେ ! ଆଉ ଯିଏ ଯେତେ ଏ ଅଭିନୟରେ ପାରଦର୍ଶୀ, ସେ ସେତେ ତା'ର ଭୌତିକ ଇଚ୍ଛା ପରିପୂର୍ଣ୍ଣ କରିପାରୁଛି, ଆଉ ସେ ସେତେବେଶି ସମ୍ମାନ, ପ୍ରତିପତ୍ତି ଓ ପ୍ରଶଂସାର ପାତ୍ର ହୋଇ ଉଠୁଛି । ସେ ବଡ଼ ବୁଦ୍ଧିମାନ ବୋଲି ପରିଗଣିତ ହେଉଛି । ତଥାପି ଆଶା, ଲାଳସା କଦାପି ଚରିତାର୍ଥ ହୁଏ ନାହିଁ, ହୋଇପାରେ ନାହିଁ । କାରଣ, ଯଜ୍ଞାଗ୍ନିରେ ଘୃତାହୁତି ଦେଲେ ବହ୍ନି ଯେପରି ଶିଖା ଟେକି ଉଠନ୍ତି, ଲାଳସାର ପୂର୍ତ୍ତିରେ ମରଲୋକର ଲୋଭ ଓ ଲୋଲୁପତା ଦୂର ନହୋଇ କ୍ରମଶଃ ତାହା ବିରାଟରୁ ବିରାଟ ଆକାର ଧାରଣ କରେ । ଏଭଳି ଏକ ଜଘନ୍ୟ ପାପରେ ଆଜିର ମଣିଷ ଆସକ୍ତ ହୋଇ ଅଶେଷ ଯନ୍ତ୍ରଣା ଭୋଗ କରୁଅଛି । ଯୋଗସାଧନା ମାର୍ଗରେ ଗତି କରୁଁ କରୁଁ କ୍ରମଶଃ ଆଗେଇ ଗଲେ, ମଣିଷ ଶରୀରର ଊର୍ଦ୍ଧ୍ୱରେ ଥିବା ମନ ଓ ମନର ଊର୍ଦ୍ଧ୍ୱରେ ଥିବା ଆତ୍ମାର ଅନୁଭୂତି ପାଇଯାଏ । ସେତେବେଳେ ତା' ଶରୀରର କୌଣସି ଇଚ୍ଛା, ଆଶା, ଆକାଂକ୍ଷା, ଲାଳସା, ଲୋଭ ଆଦି ପ୍ରତି ସେ ଦୃଷ୍ଟି ଦିଏ ନାହିଁ । ଏହାଫଳରେ ସେ ଲୋଭ ରୂପକ ମହାପାପରୁ ମୁକ୍ତି ପାଇଯାଏ ।

'ମୋହ' ଅନ୍ୟ ଏକ ପାପ । ମୋହର ଅନ୍ୟନାମ ଦୁଃଖ କହିଲେ ଅତ୍ୟୁକ୍ତି ହେବନାହିଁ । ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରଥମ ଅଧ୍ୟାୟର ନାମ 'ଅର୍ଜୁନ ବିଷାଦ ଯୋଗଃ' । ବିଷାଦ ଶବ୍ଦର ଅର୍ଥ ଦୁଃଖ । ଅର୍ଜୁନଙ୍କ ମୋହକୁ ବ୍ୟାସଦେବ ବିଷାଦ ବୋଲି ଉଲ୍ଲେଖ କରି ଅଛନ୍ତି । ଯାହାହେଉ, ମୋହଗ୍ରସ୍ତ ଓ ପାପାସକ୍ତ ବ୍ୟକ୍ତି କୌଣସି ବସ୍ତୁ କିମ୍ବା ଅବସ୍ଥାର ପରିବର୍ତ୍ତନ ସହ୍ୟ କରି ନପାରି ଦୁଃଖଶୋକରେ କାତର ହୁଏ । କିନ୍ତୁ ଏକଥା ସତ୍ୟ ଯେ, ଏ ମାୟା ସଂସାର ସର୍ବଦା ପରିବର୍ତ୍ତନଶୀଳ । ଭୌତିକ ଓ ସ୍ଥୂଳ ସକଳ ବସ୍ତୁର ଅବସ୍ଥା ସର୍ବଦା ପରିବର୍ତ୍ତନୀୟ । କେବଳ ମାତ୍ର ନିତ୍ୟ, ସତ୍ୟ, ଶାଶ୍ୱତ, ସନାତନ ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପ ହିଁ ଅପରିବର୍ତ୍ତନୀୟ । ତାହା ଅତୀତରେ ଯେପରି ଥିଲା, ବର୍ତ୍ତମାନରେ ମଧ୍ୟ ସେପରି ଅଛି ଏବଂ ଭବିଷ୍ୟତରେ ମଧ୍ୟ ଠିକ୍ ସେହି ଏକ ପ୍ରକାର ଥିବ । ଆଜିକାଲି ପ୍ରାୟ ସମସ୍ତେ ଅବିଦ୍ୟା ଓ ଅଜ୍ଞାନତାରୁ ସେହି ଅପରିବର୍ତ୍ତନୀୟ ସଚ୍ଚିଦାନନ୍ଦସ୍ୱରୂପର ଅନୁଭୂତି ଲାଭ ନକରିପାରି ସତତ ପରିବର୍ତ୍ତନଶୀଳ ସ୍ଥୂଳ ବିଷୟସଂସାରର ଭୌତିକ ଅବସ୍ଥାକୁ ଅପରିବର୍ତ୍ତିତ ଦେଖିବାକୁ କିମ୍ବା ରଖିବାକୁ ବୃଥା ପ୍ରୟାସ କରୁଅଛନ୍ତି । ଫଳରେ ଏପରି ପ୍ରୟାସରେ ସର୍ବଦା ଓ ସର୍ବଥା ବ୍ୟର୍ଥ ହୋଇ ଅଶେଷ ଦୁଃଖ, ଶୋକ, ବିଷାଦଗ୍ରସ୍ତ ହୋଇ ହତାଶ ହେଉଛନ୍ତି ।

'ଆଳସ୍ୟ' ଅନ୍ୟ ଏକ ପାପ ଅଟେ । ମଣିଷ ଦେହ ଅନ୍ତର୍ଗତ ଆତ୍ମା ସର୍ବଦା ଓ ସର୍ବଥା ପୂର୍ଣ୍ଣ ବିଶ୍ରାମପ୍ରାପ୍ତ, ଶାନ୍ତ, ସତ୍‌ସ୍ୱରୂପ ଅନନ୍ତ ଏବଂ ଗତି ରହିତ । ଯିଏ ଅନନ୍ତ ନୁହେଁ, ସେ ହିଁ କେବଳ ଗତିଶୀଳ । ଏ ଶରୀରରେ ଅନ୍ତ ଅଛି । ତେଣୁ ଏହା ଅନନ୍ତ ନୁହେଁ, ଶାନ୍ତ । ତେଣୁ ଶରୀର ଗତିଶୀଳ । ମାତ୍ର, ଅଜ୍ଞାନ ମଣିଷ ଅବିଦ୍ୟା ହେତୁ ଶରୀରର ଗତି ଓ ପ୍ରକୃତି ସମ୍ବନ୍ଧରେ ବହୁଭାବରେ ଅଜ୍ଞ । ସେ ଶରୀରରେ ଆତ୍ମାର ଗୁଣକୁ ଭ୍ରମବଶତଃ ଆରୋପ କରିଥାଏ, ତେଣୁ ଶରୀର ଅଳସ ବୋଧ କରେ । ଏହି ଅଜ୍ଞାନତା ଓ ଅବିଦ୍ୟା ହେତୁ ଶାରୀରିକ ଆଳସ୍ୟକୁ ପାପ ବୋଲାଯାଏ ।

ବେଦାନ୍ତ ମତରେ 'ପ୍ରତିଯୋଗୀତା' ମଧ୍ୟ ପାପ ଅଟେ । ଏ ପୃଥିବୀରେ କେହି କାହାରି ଶତ୍ରୁକୁ ସହ୍ୟ କରିପାରେ ନାହିଁ । କେହି କାହାର ପ୍ରତିଯୋଗୀକୁ ଦେଖିପାରେ ନାହିଁ । ସମସ୍ତେ ନିଜକୁ ସର୍ବେସର୍ବା କରିବାକୁ ସତତ ଚେଷ୍ଟିତ । ତେଣୁ ସବୁଠି ସବୁବେଳେ ପ୍ରତିଯୋଗୀତା ଓ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି । ଏହି କାରଣରୁ ବ୍ୟକ୍ତି, ପରିବାର, ଗୋଷ୍ଠୀ, ଦେଶ - ଏହିପରି ସର୍ବତ୍ର ବାଦବିବାଦ ବିସମ୍ବାଦ, ସଂଘର୍ଷ, ଯୁଦ୍ଧ ଆଦିର ସୂତ୍ରପାତ ହେଉଛି । ପ୍ରତିଯୋଗୀତାରୂପକ ମହାପାପର ଏହାହିଁ ପରିଣତି । କ୍ରିୟାରୁ ପ୍ରତିକ୍ରିୟା ଏବଂ କ୍ରିୟା ପ୍ରତିକ୍ରିୟାର ସଂଘର୍ଷରୁ ଫଳପ୍ରାପ୍ତି ଓ ଫଳଭୋଗ ହେଉଛି । ଏହା ହିଁ ତ ସୃଷ୍ଟିର ନିୟମ । କ୍ରିୟାକର୍ମର ଫଳ ଅବଶ୍ୟ ଭୋଗିବାକୁ ହୁଏ । କିନ୍ତୁ, ଶରୀରସ୍ଥ ଆତ୍ମାର ସ୍ୱରୂପ ହେଉଛି - ସେ ଏକ, ଅଭିନ୍ନ ଏବଂ ଅଦ୍ୱିତୀୟ । 'ଏକମେବାଦ୍ୱିତୀୟଂ' । ତେଣୁ ଆତ୍ମା ଏକ ହୋଇଥିବାରୁ, ସେହି ଏକ ଓ ଅଦ୍ୱିତୀୟ ଆତ୍ମା ସର୍ବଘଟରେ ବିରାଜିତ ସୁତରାଂ ଏହା ପ୍ରତିଯୋଗୀତା ବା ପ୍ରତିଦ୍ୱନ୍ଦ୍ୱିତା ରହିତ । ଆଜିର ସଭ୍ୟ-ଶିକ୍ଷିତ ମଣିଷ ଅବିଦ୍ୟା ଓ ଅଜ୍ଞାନତା ହେତୁ ଆତ୍ମାର ଏହି ମହତ୍ତ୍ୱକୁ ଉପଲବ୍ଧି ନକରି ପାରି ଦେହସର୍ବସ୍ୱହୋଇ ପ୍ରତିଯୋଗୀତାରେ ଅବତୀର୍ଣ୍ଣ ହେଉଛି ଏବଂ ପ୍ରତିଯୋଗୀମାନଙ୍କୁ ସହ୍ୟ କରି ନପାରି ଶତ୍ରୁ ମନେ କରୁଛି । ଶତ୍ରୁର ନିଧନ ପାଇଁ ସବୁପ୍ରକାର ସମ୍ଭାବ୍ୟ କୌଶଳ ପ୍ରୟୋଗ କରି ଚାଲିଛି । ଫଳତଃ, ପରୋକ୍ଷରେ ପାପାସକ୍ତ ହୋଇ ନାନାଦି ଯନ୍ତ୍ରଣା ଭୋଗ କରୁଅଛି ।

ଆଉ ଅନ୍ୟାନ୍ୟ ପାପ ସମ୍ବନ୍ଧରେ ଏଠାରେ ଏକ ସୀମିତ ପରିସରରେ ଆଲୋଚନା କରିବା ପରିବର୍ତ୍ତେ ପାପର ନିରାକରଣ ସମ୍ବନ୍ଧରେ ବେଦାନ୍ତ ମତାନୁସାରେ ଏହି ଗୋଟିଏ କଥା କହିଲେ ଯଥେଷ୍ଟ ହେବ ଯେ, ଅଜ୍ଞାନତା ବା ଅବିଦ୍ୟାର ଦୂରୀକରଣରେ ସକଳ ପାପର ଦୂରୀକରଣ ସମ୍ଭବ । ଅଜ୍ଞାନ ମଣିଷ ଅବିଦ୍ୟା ହେତୁ ପାପ ଓ ପାପର ପ୍ରକୃତ ସ୍ୱରୂପ ଓ କାରଣ ଜାଣିପାରୁ ନାହିଁ, ଜାଣିଶୁଣି ମଧ୍ୟ ଅନୁଭୂତି ବା ଉପଲବ୍ଧିର ଅଭାବରୁ ଅଜଣା ହୋଇ ରହୁଛି । ତେଣୁ ସବୁସ୍ଥାନରେ ସବୁବେଳେ ନାନା ଗଣ୍ଡଗୋଳର ସୂତ୍ରପାତ ହେଉଅଛି ।

ମଣିଷ, 'ଶରୀର ଓ ଆତ୍ମା' - ଏ ଦୁଇଟିକୁ ଓଲଟ ପାଲଟ କରିଦେଇ ଏକ ସାଂଘାତିକ ଅବସ୍ଥା ସୃଷ୍ଟି କରିସାରିଛି । ତେଣୁ ସବୁପ୍ରକାର ପାପକର୍ମରେ ଲିପ୍ତ ହୋଇ ମଧ୍ୟ ତାହା ପାପ ବୋଲି ଜାଣିପାରୁନାହିଁ ଓ ବିଡ଼ମ୍ବନାରୁ ନିଜକୁ ଧାର୍ମିକ ମନେକରି ଅନ୍ୟମାନଙ୍କ ଆଖିରେ ଆଙ୍ଗୁଳି ଗେଞ୍ଜି ସେମାନଙ୍କୁ ମହାପାପୀ ବୋଲି ଚିତ୍କାର କରୁଛି । ଏହାହିଁ ଅଦୃଷ୍ଟର ଉପହାସ । ଶରୀର ପ୍ରତି ଯେଉଁ କର୍ତ୍ତବ୍ୟ ବିଧେୟ ତାହା ନ କରି ଅବିଦ୍ୟା ହେତୁ ସେ ଆତ୍ମାର ସକଳ ସମ୍ମାନ ଓ ପ୍ରଶଂସା ଶରୀରଠାରେ ଅଜାଡ଼ି ବସୁଛି । ଏହି କାରଣରୁ ଆଜିର ମଣିଷ ଠାରେ ମଣିଷତ୍ୱ ଖୋଜିଲେ ମିଳୁନାହିଁ । ବିଧାତାକୃତ ମର୍ତ୍ତ୍ୟମଣ୍ଡଳ ଆଜି ଜଘନ୍ୟ ନରକରେ ପରିଣତ ହୋଇଛି ।

ଠାକୁରେ ଆମକୁ ନିର୍ଭୁଲ ମତ ଓ ପଥ ଦେଇଛନ୍ତି । ସେହି ମତରେ ବିଶ୍ୱାସ ରଖି ଓ ସେହି ପଥରେ ଆଗେଇ ଚାଲିଲେ ଆମେ ପ୍ରତ୍ୟେକେ ଅବଶ୍ୟ ଦିବ୍ୟଚକ୍ଷୁ ଲାଭ କରିପାରିବା । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଦିବ୍ୟ ଦୃଷ୍ଟି ପାଇଗଲେ ଆମର ଆତ୍ମଦର୍ଶନ ସମ୍ଭବ ହେବ । ଆତ୍ମଦର୍ଶନ ହେଲେ ଆମେ ଠାକୁରଙ୍କର ପ୍ରକୃତ ଓ ପ୍ରକୃଷ୍ଟ ସ୍ୱରୂପ ଚିହ୍ନି ପାରିବା ଓ ଜାଣିପାରିବା । ସେ ଅବସ୍ଥାରେ ସବୁ ଅଶୁଦ୍ଧ ଆମ ପାଇଁ ଶୁଦ୍ଧ ହୋଇଯିବ । ପାପକୃତ୍ୟରେ ମଧ୍ୟ ଆମର ଦେବତ୍ୱ ଓ ସ୍ୱଭାବର ଦେବତ୍ୱ ପ୍ରମାଣିତ ହୋଇଯିବ । ଏହି ଉପଲବ୍ଧିରୁ ସମଗ୍ର ବିଶ୍ୱସଂସାର ଆମ ପାଇଁ ନନ୍ଦନକାନନ ହୋଇଯିବ । ଶରୀର ଓ ଅନ୍ତରବାସୀ ପୁରୁଷଙ୍କର ସତ୍, ଚିତ୍, ଆନନ୍ଦ ସ୍ୱରୂପଙ୍କର ପ୍ରତ୍ୟକ୍ଷ ଅନୁଭବ୍ ସମ୍ଭବ ହେବ । ଯୀଶୁଖ୍ରୀଷ୍ଟଙ୍କ ପରି ଆମର ପିତା ଓ ପୁତ୍ର ଏକ ବୋଲି ସ୍ପଷ୍ଟ ଅନୁଭୂତି ଆସିବ । ତୁମେ ପ୍ରଭୁଙ୍କର ହୋଇଯିବ ।

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

# ଶ୍ରୀମନ୍ଦିର

**ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!**


## ଅଚ୍ୟୁତଙ୍କ ଲେଖନୀରୁ

ଅକଳିତ ସଂହିତା : ପ୍ରଥମ ଅଧ୍ୟାୟରୁ ଉଦ୍ଧୃତାଂଶ

ରାମଚନ୍ଦ୍ରଙ୍କୁ ପାରୁଶେ ବସାଇ ।
ବୋଲନ୍ତି ଶୁଣ ହୋ ବ୍ରଜ ତନଇ ॥
ତୋତେ କହିବା ଉଦୟେ ବିଚାର ।
ଯେକ ମନକରି ହେତୁରେ ଧର ॥୨॥
ସାଧନାସୂତ୍ରଟି ଏଥିରେ ନାହିଁ ।
ଅଣସାଧନା ନିଶ୍ଚେଦେବା କହି ॥
ଆନ ଆଗେ କେଭେଂ କହିବୁ ନାହିଁ ।
କହିଲେଟି ବାଡ଼ ପଡ଼ଇ ତହିଂ ॥୪॥
ବାଡ଼ ଫିଟିବ କହିବା ବିଚାର ।
ମହାବ୍ରହ୍ମ ଯେକାକ୍ଷର ତୁ ଧର ॥
ଯେଥିର ବସାଣ ତୋତେ କହିବା ।
ଜନ୍ମଜନ୍ମାନ୍ତର ଦୁଃଖ ନାଶିବା ॥୬॥
ହେତୁରେ ରଖି ନ କହିବୁ କାହିଂ ।
ନିର୍ମଳ ଚିତ୍ତରେ କହୁଛି ମୁହିଂ ॥
ତୋହ ମୋହ ବଡ଼ ଭାବ ଅଛଇ ।
ରାମଚନ୍ଦ୍ର ଦାସ ଶୁଣରେ ତୁହି ॥୮॥
ମହାପଞ୍ଚ ବ୍ରହ୍ମ ବିଜେ ସେଠାରେ ।
ଆଚମ୍ଭିତ ଜନ୍ମ ତହିଂରୁ କ୍ଷରେ ॥
ଆଚମ୍ଭିତରୁ ଅକଳିତ ହେଲା ।
ଅକଳିତରୁ ଅରେହ ଜନ୍ମିଲା ॥୧୦॥
ବ୍ରହ୍ମଟି ନିଶ୍ଚେ ସେହୁ ଯେ ଅଟଇ ।
ଶବ୍ଦ ଗୁରୁଙ୍କ ଗଣ୍ଠିଧନ ଏହି ॥
ସେହି ଠାବରୁ ରେହ ଜନ୍ମ ହେଲା ।
ଅଣଅକ୍ଷର ସେହୁ ବୋଲାଇଲା ॥୧୨॥

ଅଣଅକ୍ଷର ବ୍ରହ୍ମବୀଜ ଜାଣ ।
ଅବିନାଶୀ ପଦ ଅଟେ ସେ ପୁଣ ॥
ତହିଂରୁ ମାୟା ଯେ ଉଦେ ହୋଇଲା ।
ଅଂକାର ବୀଜ ସେ ଆପେ ଧରିଲା ॥୧୪॥
ପ୍ରେମାଗାର ତହିଂ ମିଶନ୍ତେ ପୁଣ ।
ଅକ୍ଷର ବୋଲିଣ ନାମ ଧାରଣ ॥
ତେଣୁ ତାହାତଳେ ଯୁଗ ରହିଲା ।
ରେଖା ତହୁଂ ସିନା ଉଦେ ହୋଇଲା ॥୧୬॥
ରେଖା ଉପରେ ଯେ ଶୂନ୍ୟ ରହିଣ ।
ଅର୍ଦ୍ଧମାତ୍ରା ତହିଂ ବେଷ୍ଟିତ ପୁଣ ॥
ତାହାର ବାମେ ବିନ୍ଦୁକୁ ଯେ ଦେଇ ।
କଂକାର ନାମକୁ ଅଛି ସେ ବହି ॥୧୮॥
ତହିଂ ତଳେ ଅର୍ଦ୍ଧମାତ୍ରାକୁ ଥୋଇ ।
ଉମତି ଶେଷଦେବ ଛନ୍ତି ରହି ॥
ଯେତେକ ମିଶି ବ୍ରହ୍ମଯେକାକ୍ଷର ।
ଉଦୟ ମାର୍ଗର ଏହି ବିଚାର ॥୨୦॥
କାହ୍ନା ଅବତାରେ ଦ୍ୱାପର ଯୁଗେ ।
ଆପେ ଶ୍ରୀହରି କହିଲେ ମୋ ଆଗେ ॥
ଏମନ୍ତ କଥା ମୁଂ ପାଆନ୍ତି କାହିଂ ।
ସୁଦୟା ଚିତ୍ତେ ମୋତେ ଦେଲେ କହି ॥୨୨॥
କହେ ଅଚ୍ୟୁତ ଏ ତତ୍ତ୍ୱ ବିଚାର ।
ସୁଜନେ ଜନ ଯେହା ଆଶ୍ରେ କର ॥
ଯେମନ୍ତେ ବୋଲିଣ ଧ୍ୟାନ କରିବ ।
ଧ୍ୟାନ କରିଣ ପତ୍ରିକା ଲିହିବ ॥୨୪॥

***




ଗଳ୍ପାଂଶ

# କୃଷ୍ଣଙ୍କ କ୍ରୋଧ

ମହାଭାରତ ମହାସମରର ତୃତୀୟ ଦିବସ । ଭୀଷ୍ମ ସେନାପତି । ପ୍ରଭାତରୁ ସେ ନିଜର ସେନାଙ୍କୁ ଗରୁଡ଼ ବ୍ୟୂହରେ ସଜାଇଲେ । ବ୍ୟୂହର ମୁହଁରେ ନିଜେ ଭୀଷ୍ମ, ଦୁଇ ଚକ୍ଷୁରେ ଦ୍ରୋଣ ଓ କୃତବର୍ମା ଏବଂ ପଛରେ ଦୁର୍ଯ୍ୟୋଧନ ନିଜର ଭାଇ ଓ ବନ୍ଧୁମାନଙ୍କ ସହିତ ରହି ବ୍ୟୂହ ରକ୍ଷାରେ ରହିଲେ । ବିପକ୍ଷରେ ପାଣ୍ଡବ ସେନାପତି ଧୃଷ୍ଟଦ୍ୟୁମ୍ନ ଅର୍ଜୁନଙ୍କ ସହିତ ପରାମର୍ଶ କରି ସୈନ୍ୟମାନଙ୍କୁ ଅର୍ଦ୍ଧଚନ୍ଦ୍ର ଆକାରରେ ସଜାଇଲେ । ଏହାର ଦକ୍ଷିଣରେ ଭୀମ, ବାମରେ ଅର୍ଜୁନ ଓ ପଛରେ ବିରାଟ ଓ ଦ୍ରୁପଦ ରହିଲେ । ଉଭୟ ସେନାଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ଆରମ୍ଭ ହୋଇଗଲା । ପଦାତିକ, ଅଶ୍ୱାରୋହୀ, ଗଜାରୋହୀ ସୈନ୍ୟମାନେ ସହସ୍ର ସଂଖ୍ୟାରେ ନିହତ ହେଲେ । ମନୁଷ୍ୟ, ଅଶ୍ୱ ଓ ଗଜମାନଙ୍କର ରକ୍ତରେ ଏକ କ୍ଷୁଦ୍ର ନଦୀ ପରି ରକ୍ତଧାର ପ୍ରବାହିତ ହେଲା । ଯୁଦ୍ଧଭୂମିରୁ ଯେଉଁ ଧୂଳି ଉଠିଲା, ସେଥିରେ ଆକାଶ ଆଚ୍ଛନ୍ନ ହୋଇ ସୂର୍ଯ୍ୟ ଦେଖାଗଲେ ନାହିଁ ।

ଅର୍ଜୁନ ପ୍ରଥମେ ପ୍ରଚଣ୍ଡ ଆକ୍ରମଣ ଚଳାଇଲେ । ମାତ୍ର କୌରବ ପକ୍ଷ ତହିଁରେ ବିଚଳିତ ନହୋଇ ଅର୍ଜୁନଙ୍କୁ ଘେରିଯାଇ ବହୁ ସଂଖ୍ୟାରେ ମୁଦ୍‌ଗର, ମୂଷଳ, ଶକ୍ତି, ଗଦା, ପରିଘ ଆଦି ଶସ୍ତ୍ର ତାଙ୍କ ପ୍ରତି ନିକ୍ଷେପ କଲେ । ସେସବୁ ଶସ୍ତ୍ରର ତେଜରେ ଅସଂଖ୍ୟ ବିଦ୍ୟୁତ୍ ଝଲକ ସୃଷ୍ଟିହେବା ପରି ଦେଖା ଯାଉଥିଲା । ମାତ୍ର ଅର୍ଜୁନ ଚମତ୍କାର ହସ୍ତ କୌଶଳ ଦ୍ୱାରା ସମସ୍ତ ଅସ୍ତ୍ରଶସ୍ତ୍ରକୁ ସଂହାର କରି ନିଜ ଚାରିପାଖେ ଗୋଟିଏ ଶରଜାଲ ସୃଷ୍ଟିକଲେ, ଯାହା କୌରବ ସେନା ଭେଦ କରି ପାରିଲେ ନାହିଁ । ଶକୁନି ଗାନ୍ଧାରସେନାଙ୍କୁ ଧରି ସାତ୍ୟକି ଓ ଅଭିମନ୍ୟୁଙ୍କୁ ଆକ୍ରମଣ କଲେ । ସାତ୍ୟକିଙ୍କର ରଥ ଭାଙ୍ଗିଯିବାରୁ ସେ ଶୀଘ୍ର ଡେଇଁପଡ଼ି ଅଭିମନ୍ୟୁଙ୍କ ରଥ ଆରୋହଣ କଲେ ଓ ଦୁହେଁ ଗୋଟିଏ ରଥରୁ ଏପରି ବୀରତ୍ୱର ସହିତ ଯୁଦ୍ଧ କଲେ ଯେ, ଶକୁନିଙ୍କର ସୈନ୍ୟମାନେ ଛିନ୍ନଭିନ୍ନ ହୋଇଗଲେ ।

ଭୀଷ୍ମ ଓ ଦ୍ରୋଣ ଯୁଧିଷ୍ଠିରଙ୍କୁ ଆକ୍ରମଣ କଲେ । ନକୁଳ, ସହଦେବ ଓ ଦ୍ରୌପଦୀଙ୍କର ପାଞ୍ଚପୁତ୍ର ଯୁଧିଷ୍ଠିରଙ୍କୁ ସାହାଯ୍ୟ କରୁଥିଲେ । ଏମାନଙ୍କ ମଧ୍ୟରେ ଭୀଷଣ ସଂଘର୍ଷ ସୃଷ୍ଟି ହେଲା । ଦୁର୍ଯ୍ୟୋଧନ, ଭୀମ ଓ ତାଙ୍କ ପୁଅ ଘଟୋତ୍କଚଙ୍କୁ ଆକ୍ରମଣ କଲେ । ଏ ଯୁଦ୍ଧରେ ପୁଅ ବାପକୁ ବଳିଗଲେ । ଭୀମଙ୍କର ଗୋଟିଏ ଶରରେ ଦୁର୍ଯ୍ୟୋଧନ ଆହତ ହୋଇ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ସଂଜ୍ଞାହୀନ ରାଜାଙ୍କୁ ସାରଥି ଯୁଦ୍ଧଭୂମିରୁ ନେଇ ପଳାଇଗଲା । ଦୁର୍ଯ୍ୟୋଧନଙ୍କର ପଳାୟନରେ କୌରବ ସେନା ଭଗ୍ନ ହୋଇଗଲା । ଭୀମ ଓ ଘଟୋତ୍କଚ ତା'ର ପୂର୍ଣ୍ଣ ସୁଯୋଗ ନେଇ ଛତ୍ରଭଙ୍ଗ ସୈନ୍ୟଙ୍କୁ ବହୁ ସଂଖ୍ୟାରେ ନିହତ କଲେ । ଭୀଷ୍ମ ଓ ଦ୍ରୋଣ ଏମାନଙ୍କୁ ନିବାରଣ କରି ପାରିଲେ ନାହିଁ । ସାତ୍ୟକି, ଅଭିମନ୍ୟୁ ଓ ଅର୍ଜୁନ ମଧ୍ୟ କୌରବ ସେନା ଉପରେ ନିର୍ମମ ଭାବରେ ବାଣ ବର୍ଷଣ କରି ପ୍ରହାର କରିବାକୁ ଲାଗିଲେ ।

ଦୁର୍ଯ୍ୟୋଧନ ସଂଜ୍ଞାଲାଭ କରି ବହୁ କଷ୍ଟରେ ସୈନ୍ୟମାନଙ୍କୁ ଫେରାଇ ଆଣିବା ପରେ ଭୀଷ୍ମଙ୍କ ନିକଟକୁ ଯାଇ ଯୁଦ୍ଧର ଏପରି ଗତି ଓ ସ୍ଥିତି ସଂପର୍କରେ ବିରକ୍ତ ହୋଇ କଟୁ ଭାଷାରେ ଅଭିଯୋଗ କଲେ, ''ପିତାମହ ! ଆପଣ ଓ ଗୁରୁ ଦ୍ରୋଣାଚାର୍ଯ୍ୟ ଥାଉଁ ଥାଉଁ କୌରବ ସେନା ଏପରି ପଳାୟନ କରିବା ଅତ୍ୟନ୍ତ ଲଜ୍ଜାର ବିଷୟ । କୃପ, ଅଶ୍ୱତ୍ଥାମା ଓ ଅନ୍ୟ ବୀରମାନେ ମଧ୍ୟ ଆପଣଙ୍କୁ ସାହାଯ୍ୟ କରିବାକୁ ଅଛନ୍ତି । ଏତେବଡ଼ ସେନା ଓ ବୀରମାନେ ଥାଇ ମଧ୍ୟ ଆପଣଙ୍କ ନେତୃତ୍ୱରେ ଯୁଦ୍ଧର ସ୍ଥିତି ଓ ଗତି ଦେଖୁଛି, ତାହା ମୋ କଳ୍ପନାର ବାହାରେ । ମୋର ସ୍ପଷ୍ଟ ଧାରଣା - ଆପଣ ପାଣ୍ଡବମାନଙ୍କ ପ୍ରତି ମମତାରଖି ଯୁଦ୍ଧ କରୁଛନ୍ତି । ଏକଥା ପୂର୍ବରୁ ମୋତେ କହିଥିଲେ ମୁଁ କର୍ଣ୍ଣଙ୍କ ସହିତ ମୋର କର୍ତ୍ତବ୍ୟ ବିଷୟରେ ବିଚାର ଆଲୋଚନା କରିଥାଆନ୍ତି ।'' ଭୀଷ୍ମ ଆଦୌ ବିରକ୍ତି ପ୍ରକାଶ ନକରି ହସି ହସି ଧୀର କଣ୍ଠରେ କହିଲେ, ''ରଜା ! ବହୁ ଆଗରୁ ବହୁବାର ତୁମର ଯେଉଁଥିରେ ମଙ୍ଗଳ ହେବ, ମୁଁ ସେ ଉପଦେଶ ଦେଇଛି । ମାତ୍ର ତୁମେ ଶୁଣିନାହଁ । ଏ ଯୁଦ୍ଧ ନହେଉ ଓ ତୁମେ ଏବଂ ପାଣ୍ଡବମାନେ ସୁଖଶାନ୍ତିରେ ରହ, ଏହା ମୁଁ ଚିନ୍ତା କରୁଥିଲି । ମାତ୍ର ତୁମେ ଯୁଦ୍ଧକୁ ବାଛିନେଲ । ମୁଁ ବୃଦ୍ଧ, ପାରୁପର୍ଯ୍ୟନ୍ତ ମୁଁ ଲଢ଼ୁଛି । ତଥାପି ତୁମେ ସନ୍ତୁଷ୍ଟ ନୁହଁ । ଯାଇ ଅନ୍ୟମାନଙ୍କ ସହିତ ଯଥାସାଧ୍ୟ ଲଢ଼ । ପାଣ୍ଡବ ସେନାକୁ ନିବାରଣ କରିବା ପାଇଁ ମୋ ବିକ୍ରମ ତୁମେ ଅଳ୍ପ ସମୟ ପରେ ଦେଖିପାରିବ ।'' ଭୀଷ୍ମଙ୍କ ଉତ୍ତରରେ ଦୁର୍ଯ୍ୟୋଧନ ଆନନ୍ଦିତ ଓ ସନ୍ତୁଷ୍ଟ ହେଲେ ।

କୌରବ ପକ୍ଷରୁ ଶଙ୍ଖ ଓ ଭେରୀ ଧ୍ୱନି ଶୁଣାଗଲା । ସେବେଳକୁ ମଧ୍ୟାହ୍ନ ଗତ ହୋଇଥିଲା । ଭୀଷ୍ମ ଅମିତ ବିକ୍ରମ ପ୍ରକାଶ କରି ଆକ୍ରମଣ କଲେ । ସମଗ୍ର ରଣଭୂମିରେ ଭୀଷ୍ମଙ୍କ ରଥ ନୃତ୍ୟ କରିବା ପରି ଦେଖାଗଲା । ସେ ଏପରି ଲଢ଼ିଲେ ଯେ, ଶତ ସହସ୍ରଯୋଦ୍ଧା ଜଣେ ହୋଇ ଲଢ଼ିବା ପରି ବୋଧ ହେଲା । ତାଙ୍କ ଶରାସନରୁ ଭୀଷଣ ବେଗରେ ଶରମାନ ନିକ୍ଷିପ୍ତ ହେଲା । ଭୟଙ୍କର ଭୀଷ୍ମ ନିର୍ମମ ଯମ ପରି ଦେଖାଗଲେ । ପୂର୍ବାହ୍ନ ଯୁଦ୍ଧରେ ପାଣ୍ଡବ ସେନା ବିଜୟ ଉଲ୍ଲାସରେ ହୃଷ୍ଟଥିଲା, ମାତ୍ର ଅପରାହ୍ନ ମାତ୍ରେ ତାହା ବିଦୀର୍ଣ୍ଣ ହେଲା । ପାଣ୍ଡବ ସେନାପତି ଓ ବୀରମାନେ ଶତଯତ୍ନ କଲେ ମଧ୍ୟ ନିଜ ନିଜର ସୈନ୍ୟଙ୍କୁ ରକ୍ଷାକରି ପାରିଲେ ନାହିଁ । ଛତ୍ରଭଙ୍ଗ ଦେଇ ପାଣ୍ଡବ ସୈନ୍ୟମାନେ ଛିନ୍ନଭିନ୍ନ ହୋଇଗଲେ । ରଥ ବିଦୀର୍ଣ୍ଣ ହେଲା, ଅଶ୍ୱ ଓ ଗଜ ଧରାଶାୟୀ ହେଲେ । ପିତାମହ ବୃଦ୍ଧ ଭୀଷ୍ମଙ୍କର ତେଜ, ଓଜଃ ଓ ବୀର୍ଯ୍ୟ ତାଙ୍କର ପ୍ରତିଟି ବାଣ ପ୍ରହାରରେ ସ୍ପଷ୍ଟ ଅନୁଭୂତ ହେଲା । ସେ ରଣାଙ୍ଗନରେ ସତେ ଅବା ତାଣ୍ଡବର ସହିତ ସଂହାର ଲୀଳା କରି ଖଣ୍ଡ ପ୍ରଳୟ ସୃଷ୍ଟି କଲେ ।

ପାଣ୍ଡବ ସେନା ଏପରି ଲଜ୍ଜାକର ପରାଜୟର ସମ୍ମୁଖୀନ ହେବାକୁ ଯାଉଥିବାର ଲକ୍ଷ୍ୟକରି କୃଷ୍ଣ, ଅର୍ଜୁନଙ୍କର ରଥଚାଳନା କର୍ମରୁ ନିବୃତ୍ତ ହେଲେ । ଚତୁର୍ଦ୍ଦିଗରେ ଭଗ୍ନ ଓ ଛିନ୍ନଭିନ୍ନ ପାଣ୍ଡବ ସେନାକୁ ଦେଖି ସେ କ୍ଷଣକ ପାଇଁ ହେଲେ ମଧ୍ୟ ଚିନ୍ତିତ ହୋଇ ପଡ଼ିଲେ । କ୍ଷଣକ ପରେ ସେ ନିଜର କର୍ତ୍ତବ୍ୟ ଓ କର୍ମ ନିର୍ଦ୍ଧାରଣ କରିନେଲେ ।

କୃଷ୍ଣ ଅର୍ଜୁନଙ୍କୁ କହିଲେ, ''ପାର୍ଥ ! ବର୍ତ୍ତମାନ ତୁମର ପ୍ରତିଜ୍ଞା ପାଳନର ମୁହୂର୍ତ୍ତ ଉପସ୍ଥିତ । ତୁମେ ସବୁରାଜାଙ୍କ ସମ୍ମୁଖରେ ଘୋଷଣା କରିଥିଲ ଯେ, ଭୀଷ୍ମ ହୁଅନ୍ତୁ, ଦ୍ରୋଣ ହୁଅନ୍ତୁ ବା ଯେ କେହି ହୁଅନ୍ତୁ, ଦୁର୍ଯ୍ୟୋଧନଙ୍କ ପକ୍ଷରେ ରହି ଯିଏ ବି ଯୁଦ୍ଧ କରିବ, ତୁମେ ତାଙ୍କୁ ନିପାତ କରିବ । ଯୁଦ୍ଧରେ ତୁମର ଆଦୌ କୌଣସି ମାୟା ମମତା ରହିବ ନାହିଁ । ଦେଖ, ତୁମ ସୈନ୍ୟମାନେ ଅସହାୟ ଭାବରେ ଛତ୍ରଭଙ୍ଗ ଦେଇ ପଳାୟନ କରୁଛନ୍ତି । ବୀର ରାଜାମାନେ ରଣାଙ୍ଗନ ତ୍ୟାଗ କରୁଅଛନ୍ତି । ଭୀଷ୍ମଙ୍କର ସିଂହରୂପ ସାମନା କରି ନ ପାରି ସମସ୍ତେ ମୃଗପଲ ପରି ଅତ୍ୟନ୍ତ ଶଙ୍କିତ ଓ ଭୟଗ୍ରସ୍ତ । ତୁମେ ଆଉ କେତେବେଳେ ତୁମର ବାକ୍ୟ ପାଳନ କରିବ ? ଯଥା ଶୀଘ୍ର ଭୀଷ୍ମଙ୍କୁ ସଂହାର କର । ମୋହଗ୍ରସ୍ତ ହୋଇ ଶ୍ରଦ୍ଧା ଓ ମମତା ରଖିଲେ ନିନ୍ଦନୀୟ ପରାଜୟ ବରଣ କରିବ ।'' ଅର୍ଜୁନ କହିଲେ, ହେ ମଧୁସୂଦନ ! ରଥ ଭୀଷ୍ମଙ୍କ ଆଡ଼କୁ ଚଳାଇ ନେଇଚାଲ ।

ଧବଳ ବର୍ଣ୍ଣର ଅଶ୍ୱଯୁକ୍ତ ରଥ ଭୀଷ୍ମଙ୍କ ନିକଟବର୍ତ୍ତୀ ହେବା ପୂର୍ବରୁ ଭୀଷ୍ମଙ୍କର ସିଂହାସନ ଓ ଧନୁଗୁଣର ଧ୍ୱନି ଶୁଣାଗଲା । ଶହଶହ ଶର ତୀବ୍ର ବେଗରେ ଛୁଟି ଆସି ଅର୍ଜୁନଙ୍କର ରଥକୁ ଆଚ୍ଛନ୍ନ କଲା । କୃଷ୍ଣ, ଅର୍ଜୁନ, ଅଶ୍ୱଗଣ

ଏବଂ ରଥ ଭୀଷ୍ମଙ୍କର ଶରଜାଲ ମଧ୍ୟରେ ଲୁଚିଗଲେ । ଅର୍ଜୁନ କାଳକ୍ଷେପଣ ନକରି କ୍ଷଣରେ ତିନୋଟି ଶରଯୋଖି ବିଦ୍ଧ କଲେ । ଏହା ଭୀଷ୍ମଙ୍କର ଧନୁକୁ ଛିନ୍ନ କଲା । ସଙ୍ଗେ ସଙ୍ଗେ ଭୀଷ୍ମ ଅନ୍ୟ ଗୋଟିଏ ଧନୁ ଗ୍ରହଣ କଲେ ଏବଂ ତାହା ମଧ୍ୟ ଅର୍ଜୁନଙ୍କ ବାଣରେ ଦୁଇଖଣ୍ଡ ହୋଇଗଲା ।

ଭୀଷ୍ମଙ୍କ କଣ୍ଠରୁ ସ୍ୱତଃ ଅର୍ଜୁନଙ୍କର ରଣ କୌଶଳର ପ୍ରଶଂସା ବାକ୍ୟ ନିର୍ଗତ ହେଲା - ଧନ୍ୟ ଧନଞ୍ଜୟ, ଧନ୍ୟ ତୁମର ପଟୁତା । ତଥାପି ଭୀଷ୍ମ ଅନ୍ୟ ଏକ ଧନୁ ଗ୍ରହଣ କରି ତୀବ୍ରବେଗରେ ଅର୍ଜୁନଙ୍କ ପ୍ରତି ଶରବର୍ଷଣ କରିବାକୁ ଲାଗିଲେ । କୃଷ୍ଣଙ୍କର ରଥ ଚାଳନା ଅତ୍ୟନ୍ତ ବିସ୍ମୟକର ଥିଲା । ସେ ମଣ୍ଡଳାକାରରେ ରଥକୁ ଏପରି ଚଳାଉଥିଲେ ଯେ, ଭୀଷ୍ମଙ୍କର ଶର ତାଙ୍କୁ କିମ୍ବା ଅର୍ଜୁନଙ୍କୁ ସ୍ପର୍ଶ କରି ପାରୁ ନଥିଲା । ତଥାପି କେବଳ ରଥଚାଳନାର ପଟୁତା ଦ୍ୱାରା ଭୀଷ୍ମଙ୍କୁ ନିବାରଣ କରିବା ସହଜ କି ସମ୍ଭବ ନଥିଲା । ଖୁବ୍ ଶୀଘ୍ର ଭୀଷ୍ମଙ୍କ ଆକ୍ରମଣର ପ୍ରଭାବ ଅନୁଭୂତ ହେଲା । କୃଷ୍ଣ ଓ ଅର୍ଜୁନଙ୍କ କ୍ଷତାକ୍ତ ଶରୀର ରକ୍ତାକ୍ତ ହୋଇ ରୁଧିର ଧାର ବହିବାକୁ ଲାଗିଲା ।

ଦେବବ୍ରତ ଭୀଷ୍ମଙ୍କର ପ୍ରଚଣ୍ଡ ପରାକ୍ରମପୂର୍ଣ୍ଣ ଭୀଷଣ ଆକ୍ରମଣ ବିପକ୍ଷରେ ପାର୍ଥ ଧନଞ୍ଜୟଙ୍କର ମୃଦୁ ପ୍ରତିରୋଧ ଲକ୍ଷ୍ୟକରି ଭଗବାନ କୃଷ୍ଣ ଆଉ ସମ୍ଭାଳି ହୋଇ ରହିପାରିଲେ ନାହିଁ । ସେ ମନେମନେ ଚିନ୍ତା କଲେ, ସବ୍ୟସାଚୀ ଅର୍ଜୁନ ଏପରି ମୃଦୁ ଯୁଦ୍ଧ ଚଳାଇ ରଖିଲେ ସୂର୍ଯ୍ୟାସ୍ତ ପୂର୍ବରୁ ଆଜି ପାଣ୍ଡବ ସେନାର ବିନାଶ ସୁନିଶ୍ଚିତ । ଭୀଷ୍ମ କାଳାନ୍ତକ ଅଗ୍ନି ସଦୃଶ ପାଣ୍ଡବ ସୈନ୍ୟ ସମାବେଶକୁ ଅତି ଶୀଘ୍ର ଦଗ୍ଧ କରି ଭସ୍ମସ୍ତୂପରେ ପରିଣତ କରିଦେବେ । ଫଳରେ ଯୁଧିଷ୍ଠିରଙ୍କ ପକ୍ଷରେ ଆଉ ବୀର କେହି ରହିବେ ନାହିଁ । କୃଷ୍ଣ ଅନୁଭବ କଲେ, ଏବେ ମଧ୍ୟ ଭୀଷ୍ମଙ୍କ ପ୍ରତି ଅର୍ଜୁନଙ୍କର ଶ୍ରଦ୍ଧା ଓ ମମତା ରହିଛି । ତେଣୁ ତାଙ୍କର ଏପରି ମୃଦୁ ଆକ୍ରମଣ ।

[illegible] କ୍ଷୁବ୍ଧ ହେଲେ କୃଷ୍ଣ । ସେ ବିରକ୍ତ ହୋଇ ଉତ୍ତେଜିତ ସ୍ୱରରେ କହିଲେ, ''ପାର୍ଥ ! ଏପରି ଭାବରେ ତୁମର ଏ ଯୁଦ୍ଧ ଚାଲିବାକୁ ମୁଁ ଆଉ ଅବସର ଦେବିନାହିଁ । ଭୀଷ୍ମ ନିର୍ମମ ଭାବରେ ସିଂହ ସଦୃଶ ପରାକ୍ରମରେ ତୁମପକ୍ଷର ସୈନ୍ୟ ବିନାଶ କରୁଥିବେ, ଆଉ ତୁମ ହୃଦୟ ତାଙ୍କ ପ୍ରତି ଶ୍ରଦ୍ଧାମମତାରେ ପୂରି ରହିଥିବ, ରଣକ୍ଷେତ୍ରରେ ଏହା ମୋର ଦୃଷ୍ଟିକଟୁ ହେଲାଣି । ମୁଁ ଯୁଧିଷ୍ଠିରଙ୍କୁ ବିଜୟର ପ୍ରତିଶ୍ରୁତି ଦେଇଛି । ତେଣୁ ତୁମ ଉପରେ ନିର୍ଭର କରି ପରାଜୟ ବରଣ କରିନେବା ପୂର୍ବରୁ ଆଜି ଏହି ମୁହୂର୍ତ୍ତରେ ମୋତେ ବାଧହୋଇ ଅସ୍ତ୍ର ଧାରଣ କରିବାକୁ ହେବ ।''


କୃଷ୍ଣଙ୍କ ଆପାଦମସ୍ତକ ସମସ୍ତ ଶରୀର କ୍ରୋଧରେ କମ୍ପିତ ହେବାକୁ ଲାଗିଲା । ସ୍ମରଣ ମାତ୍ରେ ଶତ ସହସ୍ର ବଜ୍ରତୁଲ୍ୟ ମହାଶକ୍ତିଶାଳୀ ତେଜୋଦୀପ୍ତ ଚକ୍ର ତାଙ୍କର ହସ୍ତଗତ ହେଲା । ତୀକ୍ଷ୍ଣଧାରଯୁକ୍ତ ସୁଦର୍ଶନ ଧାରଣ ଓ ଘୂର୍ଣ୍ଣନ କରି ସେ ରଥରୁ ଲମ୍ଫ ଦେଇ ଭୀଷ୍ମଙ୍କ ଆଡ଼କୁ ଧାବମାନ ହେଲେ । ଉଭୟ ପକ୍ଷର ସେନା ସ୍ତବ୍ଧ ହୋଇ ସେହି ଅଦ୍ଭୁତ ଦୃଶ୍ୟ ନିରୀକ୍ଷଣ କରି ବିସ୍ମୟ ଚକିତ ହେଲେ । ଭୀଷ୍ମ ଏଥିରେ ଶଙ୍କିତ ନହୋଇ ଆନନ୍ଦ ବିହ୍ୱଳିତ ହୋଇ କହିଲେ, ''ହେ ଗୋବିନ୍ଦ ! ହେ ଚକ୍ରପାଣି ! ପଦ୍ମପଳାଶନେତ୍ର ! ଆସ, କାଳବିଳମ୍ବ ନକରି ମୋତେ ନିପାତ କର । ତୁମେ ସଂସାରର ଆଧାର ଓ ଜୀବକୁଳର ଏକମାତ୍ର ଚରମ ଆଶ୍ରୟ ସ୍ଥଳ । ହେ ଗୋବିନ୍ଦ, ଏହି ତ୍ରୈଲୋକ୍ୟ ବାଞ୍ଛିତ ମୃତ୍ୟୁ ମୋତେ ଦାନକର । ମୋର ଚରମ ଗତି ହେଉ ।''

ତତ୍‌କ୍ଷଣାତ୍ ଅର୍ଜୁନ ରଥରୁ ଅବତରଣ କରି ଦଉଡ଼ିଯାଇ କୃଷ୍ଣଙ୍କୁ ଧରିପକାଇ ତାଙ୍କର ପଦ୍ମଚରଣ ସ୍ପର୍ଶ କରି କାତର ନିବେଦନ କରି କହିଲେ, ''ହେ ମଧୁସୂଦନ ! କ୍ରୋଧ ସମ୍ବରଣ କର । ମୁଁ ମୋର ପୁତ୍ର ଓ ଭ୍ରାତାଙ୍କ ନାମରେ ଶପଥ କରି କହୁଛି, ମୋ ପ୍ରତିଜ୍ଞା ଅବଶ୍ୟ ପାଳନ କରିବି ।'' ଏପରି କହି ବହୁତ ବୁଝାଇ ସୁଝାଇ ଅର୍ଜୁନ କୃଷ୍ଣଙ୍କୁ ରଥକୁ ଫେରାଇ ଆଣିଲେ । କୃଷ୍ଣ ପୁଣି ସାରଥି ଆସନରେ ବସି ଅଶ୍ୱମାନଙ୍କ ରଜ୍ଜୁ ଧରି ରଥଚାଳନା କରିବା ପୂର୍ବରୁ ପଞ୍ଚଜନ୍ୟ ଶଙ୍ଖ ବାଦନ କଲେ ।

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

## ମୋହ





ମୋହ ଅଟେ ସିନା ପାପର ସାରଥି
ପାପ ପଥେ ରଥବାହି ।
ନେଇଯାଏ ହେଳେ ଦୁର୍ଭୋଗ ଦିଗରେ
ଦୁର୍ଯୋଗରେ ଅବଗାହି ॥

ଧାରାଧରି ଯିଏ ବେଇମାନ ହୁଏ
ପାପଜଳେ ସେହି ବୁଡ଼େ ।
ଅଳୀକ ସୁଖରେ ଯାଇଥାନ୍ତି ଭାସି
ସେହି ଧାରାଧାରୀ ମୂଢ଼େ ॥




ବାହ୍ୟ ଆଚରଣ ଅନ୍ତଃକରଣ
ଭିତରେ ବହୁ ପ୍ରଭେଦ ।
ଏ କଥା ନଜାଣି ଥୋକାଏ ଦେଖନ୍ତି
ସବୁସ୍ଥାନେ ନାନା ଭେଦ ॥



ଗୁରୁ ଗ୍ରହଣ କରି ଗୁରୁଙ୍କୁ ପଛ କରି କେଉଁ ଦିଗରେ ଆଗ୍ରହରେ କାହାପାଇଁ ଆଗେଇ ଚାଲିଛରେ ବାଉଳା ? ହେତୁ ନାହିଁ କି ପ୍ରଥମ ଦିନର ଶପଥ ? ଶପଥର ପଥଛାଡ଼ି ଅପଥରେ ମାଡ଼ି ମାଡ଼ି ବଡ଼ ଫୁର୍ତ୍ତିରେ ତ ଆଗେଇ ଚାଲିଛ ? ଆଗରେ କାହାକୁ ଭେଟିବାକୁ ଯାଉଛ, କିଛି ଭାବି ପାରୁଛ କି ? ପାରୁନାହଁ ନା ? ପାରିବ ନାହିଁ ମଧ୍ୟ ଏଡ଼େ ସହଜରେ ? ପଦ୍ମପାଦକୁ ସ୍ମରଣ କର । ଲକ୍ଷ୍ୟ ସ୍ଥିର କର, ସେହି ପବିତ୍ର ପୀଠରେ । ଏକମୁଖୀ ହୁଅ । ପଥଭୁଲି ଯାଉଛ । ମୋହରେ ଅନ୍ଧ ସାଜିଛ । ଏବେ ଏଇ ମୁହୂର୍ତ୍ତରୁ ବାଟ ଭାଙ୍ଗି ଫେରିଆସ ।

'ମୋହ' ଏଥିପାଇଁ 'ଚରମ'ପୃଷ୍ଠାରେ ପର୍ଯ୍ୟବସିତ ତୁମମାନଙ୍କର ମୋହଭଙ୍ଗ ପାଇଁ -

# କାରଣ ସାତ୍ତ୍ୱିକ ମୋହର ଦ୍ୱିତୀୟ ପିଣ୍ଡ ମଣ୍ଡଳ ମାୟାର ଚିତ୍ରାଂଶ




## ପିଣ୍ଡମଣ୍ଡଳ ମାୟା :

ମାଆ ଶିଶୁକୁ ଜନ୍ମ ଦେବା ପରେ ସେ ସ୍ଥୂଳ ଜଗତର ମାୟା ଗ୍ରହଣ କରି ଆଚ୍ଛାଦିତ କରି ରଖିଥାଏ । ମାଆର ଇଚ୍ଛାରେ ଶିଶୁ ସମସ୍ତ କ୍ରିୟାମାନ କରିଥାଏ । ମାତ୍ର, କେତେକ ସ୍ୱୟଂ ଚାଳିତ କର୍ମ ସ୍ରଷ୍ଟାଙ୍କ ଠାରେ ରହି ଆଂଶିକ କ୍ରିୟା ଯଥା- ଶ୍ୱାସ ପ୍ରଶ୍ୱାସ ଓ ଘର୍ଘରୀ ମାୟା ପରମଙ୍କ ହସ୍ତରେ ଥାଏ । ଶିଶୁର ଅଭ୍ୟାସ କର୍ମ ମାଆ ଦ୍ୱାର ଚାଳିତ ହୋଇଥାଏ ।

ସ୍ନେହ, ଶ୍ରଦ୍ଧା, ଚେଷ୍ଟା, ଅଲିଅଳି କର୍ମମାନ ଅଭ୍ୟାସ ସୂତ୍ର ଓ ଘର୍ଘରୀ ମାୟାକୁ ନେଇ ମାଆ ଗ୍ରହଣ କରିଥାଏ । ଏହି ମାୟା ବିଷ୍ଣୁଙ୍କ ଦ୍ୱାରା ସୃଷ୍ଟି ହୋଇ ଧରାଧାମରେ ବିଚ୍ଛୁରିତ ହୋଇଥାଏ । ଏହି ମାୟାରେ ପ୍ରତ୍ୟେକ ଜୀବ ଲୀଳା କରୁଥାନ୍ତି । ଘର୍ଘରୀ ବା ବିଷ୍ଣୁ ମାୟାରେ ସମସ୍ତେ ପଡ଼ିଥାନ୍ତି । ମାଆ ଶିଶୁଟିକୁ ନେଇ ମାୟା ପଞ୍ଜୁରି ମଧ୍ୟରେ ଲୀଳା ଖେଳା କରୁଥାନ୍ତି । ପିଣ୍ଡମଣ୍ଡଳ ମାୟା ଶୌଧୁରୀ କର୍ମମାନ ନିର୍ମାଣ ହୋଇଥାଏ । ମାଆର ବନ୍ଧ ଶୃଙ୍ଖଳ କ୍ରିୟା ଆରମ୍ଭ ହେଲେ ଶିଶୁ ସ୍ଥାନ ପରିତ୍ୟାଗ କରି ପୂର୍ଣ୍ଣନ କର୍ମ ପରମଙ୍କ ଇଚ୍ଛାନୁସାରେ ଇଚ୍ଛାଧୀନ ହୁଏ । ଏହି ସମୟରେ ମାଆର ଦେହରେ ଯନ୍ତ୍ରଣା ହୁଏ । ଶାରୀରିକ କ୍ରିୟାରେ କଷ୍ଟମାନ ଦେଖାଦେବା ସଂଗେ ସଂଗେ ଅଚେତନ ଲକ୍ଷଣ ମଧ୍ୟ ଦେଖାଦେଇଥାଏ । ମାଆ ଦୁର୍ବଳ ଥିଲେ ଅଙ୍ଗପ୍ରତ୍ୟଙ୍ଗମାନ ଛଟପଟ ହୋଇ ପ୍ରାଣବାୟୁ ଚାଲିଯାଏ । ଉଚିତ୍ ଚିକିତ୍ସା ହେଲେ ସୁସ୍ଥ ଅବସ୍ଥାରେ ପହଞ୍ଚେ । ଘର୍ଘରୀ ମାୟାର ବତ୍ରିଂଶ କୋଷ ଦ୍ୱାରା ଜରାୟୁର ଚାଳକ କ୍ରିୟା ବନ୍ଦ ହୋଇଗଲେ, ମାଆ ଶେଷ ନିଃଶ୍ୱାସ ନିଏ । ଏହି କ୍ରିୟା ହୃତପିଣ୍ଡ ସହ ସଂଯୋଗ ହୋଇ ରହିଥାଏ । ଇଡା, ପିଙ୍ଗଳା, ସୁଷୁମ୍ନା କର୍ମ ସହିତ ସଂଯୋଗ ଥାଏ ।

# ଗରୁଡ଼ସ୍ତମ୍ଭ



## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

## ନାରୀ ହିଁ ପ୍ରକୃତି

ଆଉ କେତେଦିନ ଘୁମାଇ ଶୋଇବୁ ସଂସାର ଖେଳନାଧରି
ରାତିପାହିଲାଣି ସକାଳ ହେଲାଣି ଜାଗ ତନ୍ଦ୍ରା ଅପସରି ॥
ଜନନୀ ଚରଣ ବନ୍ଦନା କରି ତୁ ରାତ୍ରି ଶଯ୍ୟା ତ୍ୟାଗକର ।
ଅଂଶୁମାଳୀ ଅଂଶୁ ପିଣ୍ଡରେ ଜଡ଼ାଇ ମରି ବି ହୁଅ ଅମର ॥

ଜନନୀ ଜଠରରେ ବିନ୍ଦୁ ସ୍ଥାପନ ଠାରୁ ଆରମ୍ଭ କରି ଭୂମିଷ୍ଠ ହେବା ପର୍ଯ୍ୟନ୍ତ ଓ ଜନ୍ମରୁ ମରଣ ପର୍ଯ୍ୟନ୍ତ ସମ୍ପାଦିତ ସମସ୍ତ କର୍ମ ତଥା କର୍ମଫଳର କାରଣ ମାୟାରୁ ହିଁ ଉଦ୍ଭବ ହୋଇଛି ଏବଂ ହେଉଥିବ । ଯେଉଁ ଚତୁରଜୀବ ଜନ୍ମରୁ ହିଁ କୌଶଳପୂର୍ଣ୍ଣ ଉପାୟ ଅବଲମ୍ବନ କରି ସାଧନସୂତ୍ର ଆଧାରରେ ଏହି ଅଗମ୍ୟ ରହସ୍ୟ ଭେଦ କରିବାର ସଂକଳ୍ପ ନେଇ ଆଗେଇଯାଏ, ସେ ଜନ୍ମ-ମୃତ୍ୟୁ-ଚକ୍ର ପାର ହୋଇ ଅଜନ୍ମାଙ୍କ ସହ ଏକାକାର ହୋଇଯାଏ । କିନ୍ତୁ ମାୟାର ପ୍ରକୃତ ରୂପରେଖ, ସ୍ୱରୂପ, କ୍ରିୟାକଳାପ ଜାଣିବ କିପରି ? ପରମକାରୁଣିକ ସ୍ୱୟଂ ଜ୍ଞାନର ପ୍ରଦୀପ ପ୍ରଜ୍ଜ୍ୱଳନ କରି ସମ୍ମୁଖରେ ଦଣ୍ଡାୟମାନ ହୋଇଛନ୍ତି । ତାହାହିଁ ଏହି ସ୍ତମ୍ଭର ମୌଳିକତା ।

**'ଚରମ'-ନବମପୁଷ୍ପ - ଚତୁର୍ଥ ପାଖୁଡ଼ା - ୪୭ (ସପ୍ତଚତ୍ୱାରିଂଶ)ତମ ସଂଖ୍ୟା ଅନୁଶ୍ରୁତିରୁ**

**ବୈଷ୍ଣବୀମାୟା** | **ମୁଁ ଭୂମାଯୋଗ୍ନୀ ମାୟା କହୁଛି**

ପୂର୍ବସଂଖ୍ୟାରୁ ଅସମାପ୍ତ -

୫. 'ପିଣ୍ଡତର୍ଣ୍ଣିଭୂମା'ଙ୍କ ଇଚ୍ଛାରେ ପଞ୍ଚବିଂଶତି ତତ୍ତ୍ୱ ଦ୍ୱାରା ଗଠିତ ଶରୀରକୁ ମୁଁ ମାୟା ବିସ୍ତାର କରି, କାରଣରୁ ସୂକ୍ଷ୍ମ ଓ ସ୍ଥୂଳ ଶରୀର ମିଶ୍ରଣ ଅବସ୍ଥା ପ୍ରାପ୍ତ କରାଏ । ବ୍ରହ୍ମଙ୍କ ଆଦେଶାନୁକ୍ରମେ ସଦ୍‌ଶ୍ରୁତି ଶ୍ରବଣ କରାଇ ଅଙ୍ଗ ପ୍ରତ୍ୟଙ୍ଗ ସିଦ୍ଧ କରାଏ । ଏହି କ୍ରିୟା ସମୟରେ ପିଣ୍ଡରେ ମୁଁ ଧବଳ ବର୍ଣ୍ଣର ଜ୍ୟୋତିରେ ବିଚରଣ କରୁଥାଏ । କିନ୍ତୁ ବ୍ୟକ୍ତି ଅଚେତନ ଥିବାରୁ ତାହା ଜାଣିପାରେ ନାହିଁ ।

୬. ଶ୍ରୁତିରୁ ଚକ୍ରବର୍ଣ୍ଣନା ଅକଳନସୂତ୍ର ଦ୍ୱାରା 'ଅବର୍ଣ୍ଣିଭୂମା' ମଣ୍ଡଳରେ ଜୀବଜଗତ ପାଇଁ ଗଚ୍ଛିତ ହୋଇ ରହିଅଛି । ମାନବ ପିଣ୍ଡରେ ତ୍ରିଗୁଣରୁ ସଦ୍ ଅଛି । ସଦ୍‌ର ପ୍ରତ୍ୟେକ ଭାବଦ୍ୱାରା ବୁଦ୍ଧି ଓ ବିବେକ ପରିଚାଳିତ ହୋଇ

ଜୀବ ପୂର୍ଣତ୍ୱ ପ୍ରାପ୍ତି ଦିଗରେ ଅଗ୍ରସର ହୁଏ । ତପସ୍ୟା, ଆରାଧନା, ଯଜ୍ଞାଦି କ୍ରିୟାଦ୍ୱାରା ବ୍ରହ୍ମଙ୍କୁ ଅନୁଭବ କରିବାକୁ ପ୍ରୟାସୀ ହୁଏ । ଏହି କ୍ରିୟା ମୋ'ରି ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଏହି ସମୟରେ ମୋ'ର ବର୍ଣ୍ଣ ଧବଳ ହୋଇଥାଏ । ବ୍ରହ୍ମାଣ୍ଡରେ କିନ୍ତୁ ମୁଁ ସୂକ୍ଷ୍ମାତିସୂକ୍ଷ୍ମ ରୂପ ନେଇ ନୀଳବର୍ଣ୍ଣରେ ବିଚରଣ କରୁଥାଏ ଏବଂ ବ୍ରହ୍ମାଦେଶକୁ ଅପେକ୍ଷା କରି ରହିଥାଏ ।

୭. 'ଶବ୍ଦ ଘମଟ ଭୂମା' ମଣ୍ଡଳରେ ଶିମ୍ବ ମଞ୍ଜିର ଆକୃତି ନେଇ ଗୈରିକ ବର୍ଣ୍ଣ ଜ୍ୟୋତିରେ ଝୁଲି ରହିଥାଏ । ଆଜ୍ଞା ପାଇବା ମାତ୍ରେ ପିଣ୍ଡପୁରୁଷ ମଣ୍ଡଳରେ ଅପରିବର୍ତ୍ତନୀୟ ବର୍ଣ୍ଣ ନେଇ ପ୍ରବେଶ କରେ । ପ୍ରାରବ୍ଧର ସଞ୍ଚିତ କର୍ମଫଳ ଅନୁଯାୟୀ ପିଣ୍ଡମଧ୍ୟରେ ସଞ୍ଚାରକୋଷ ନିର୍ମାଣ କରିଦିଏ । ଏହା ଜୀବ ଜାଣିପାରେ ନାହିଁ । ବୟସର ବୃଦ୍ଧି ସଂଗେ ସଂଗେ କୋଷର ଫଳ କ୍ରମରେ ବ୍ୟକ୍ତି ଉନ୍ନତ କଳା, ଆଧ୍ୟାତ୍ମିକ ଜୀବନ, ତ୍ୟାଗ ବୈରାଗ୍ୟ, ରାଜନୀତି ସମୃଦ୍ଧ ଆଦି ସୁଗୁଣପ୍ରାପ୍ତ ହୋଇ ବିକଶିତ ହୁଏ ଓ ଶୁଦ୍ଧ, ନିର୍ମଳ ହୋଇ ଗଢ଼ିଉଠେ । ଏହି କଳାର ବ୍ୟକ୍ତି ମୋ' ମାୟା ପ୍ରଭାବରେ କଳୁଷିତ, ମିଥ୍ୟାବାଦୀ ହୋଇ ପାରନ୍ତି ନାହିଁ । ଅତ୍ୟନ୍ତ ଦୃଢ଼ମନା ଓ ନିଷ୍ଠାବାନ୍ ହୋଇଥାଆନ୍ତି ।

୮. ମୁଁ ଯେତେବେଳେ 'ବୈଜୟନ୍ତ ଭୂମା' ମଣ୍ଡଳରେ ତାଙ୍କ ସହ ଯୁକ୍ତ ହୋଇ ରହିଥାଏ, ସେତେବେଳେ ଜୀବ ପିଣ୍ଡର ନାଦଗର୍ଦ୍ଧଣକୋଷକୁ ସମ୍ପୂର୍ଣ୍ଣ କବଳିତ କରିଦିଏ । ନାଦଗର୍ଦ୍ଧଣକୋଷର ୧୦୮ ପାବଚ୍ଛ ବ୍ରହ୍ମାଣ୍ଡରେ ଅଛି । ଏହି ସମସ୍ତ ପାବଚ୍ଛର ରଙ୍ଗ ହଳଦିଆ ଅଟେ । ଉକ୍ତ ହରିଦ୍ରା ବର୍ଣ୍ଣରୁ 'ଗୋଲାକୃତି ରଶ୍ମି' ବାହାରି ସୂକ୍ଷ୍ମରେ ବିଚ୍ଛୁରିତ ହେଉଥାଏ । ମୁଁ ମୋ'ର ମାୟାଦ୍ୱାରା ଏହି ରଶ୍ମିକୁ ସୂକ୍ଷ୍ମରୁ ପିଣ୍ଡକୁ ପ୍ରବାହିତ କରାଇଦିଏ । ଫଳରେ ବ୍ୟକ୍ତି ସୂକ୍ଷ୍ମ ପ୍ରାମାଣିକ କର୍ମମାନ ଅନୁସରଣ କରି ଏକାଗ୍ରଭାବରେ ମନ୍ତ୍ରପାଠ, ଯଜ୍ଞାହୂତିଇତ୍ୟାଦି କରି ସିଦ୍ଧିପ୍ରାପ୍ତ ହୁଏ ଓ ପର୍ଯ୍ୟାୟକ୍ରମେ ସମସ୍ତ ପାବଚ୍ଛ ଅତିକ୍ରମ କରିଯାଏ । ଶେଷରେ କୈବଲ୍ୟ ବ୍ରହ୍ମ, ପଞ୍ଚବାଲ୍‌କସ୍ତୁତି, ଦ୍ରୁତୀ ପଥଦେଇ 'ବ୍ରହ୍ମଶ୍ରୁତି'ରେ ପହଞ୍ଚିଯାଏ । ଏହି ସ୍ଥାନରେ ପହଞ୍ଚିଗଲେ ପବିତ୍ର ସାତ୍ତ୍ୱିକଗୁଣ ଉଦୟହୁଏ ଏବଂ ବ୍ୟକ୍ତି, ଋଷି, ମୁନି, ଜ୍ଞାନୀଆଦିଙ୍କର ବିଭୂଷଣ ପ୍ରାପ୍ତହୁଏ ।

୯. ହିରଣ୍ୟଗର୍ଭ ମଧ୍ୟରେ 'ଉର୍ମ୍ମାବୃକ୍ଷ ଭୂମା' ମଣ୍ଡଳ ଗୈରିକ ବର୍ଣ୍ଣରେ ଅବସ୍ଥିତ ହୋଇଛି । ଏହି ମଣ୍ଡଳରେ ମୁଁ ଦେଢ଼ଇଞ୍ଚ ଲମ୍ବ ଅସଂଖ୍ୟ ଧବଳରଙ୍ଗର ଗାର ହୋଇ ରହିଅଛି । ମୋର ଏହି ଗାରଗୁଡ଼ିକ ତିଥି ଅନୁସାରେ ପରିବର୍ତ୍ତନ ହୋଇଥାଏ । ପିଣ୍ଡର ''ଭୃଣଶୃଣଭୃଙ୍ଗ କୋଷ'' ସହିତ ଏହି ମଣ୍ଡଳ ସୂକ୍ଷ୍ମରେ ସଂଯୋଗ ହୋଇ ରହିଅଛି । ମଣ୍ଡଳର ନିର୍ଦ୍ଦେଶ ଅନୁସାରେ ଶୃଣଭୃଙ୍ଗ କାର୍ଯ୍ୟକରେ । ଏହି ନିର୍ଦ୍ଦେଶ ମୁଁ ହିଁ ପିଣ୍ଡରୁ କୋଷକୁ ବ୍ରହ୍ମାଜ୍ଞାରେ ପ୍ରେରଣ କରିଥାଏ । ଏହି ଉଭୟ ମଣ୍ଡଳ ଓ କୋଷ ବ୍ରହ୍ମାଣ୍ଡ ତତ୍ତ୍ୱରେ ପୂର୍ଣ୍ଣ ହୋଇଥାଏ । ତେଣୁ ଯେଉଁ ବ୍ୟକ୍ତି ସାଧନ ଶେଷରେ ମୋକ୍ଷଶ୍ରୁତି ପ୍ରାପ୍ତ ହୋଇଗଲା, ସେ ସପ୍ତଲୋକ ଅତିକ୍ରମ କରି ବ୍ରହ୍ମରେ ଲୀନ ହୋଇଯାଏ । ଯେଉଁବ୍ୟକ୍ତି ପିଣ୍ଡପୁରୁଷ ଭୋଗ ନସରୁଣୁ ବ୍ରହ୍ମଙ୍କ ଇଚ୍ଛାରେ ପୁନର୍ବାର ଧରାଧାମକୁ ଆସିଲା, ତାକୁ ମୁଁ ମାୟାଦ୍ୱାରା ଆବଦ୍ଧ କରାଇ ଯୋଗସୂତ୍ର ଅବଲମ୍ବନ କରିବାପାଇଁ ବାଧ୍ୟକରେ । ଏହି ସମୟରେ ବ୍ୟକ୍ତି ମାତୃଉପାସକ ସାଜି ମା' ମା' ହୋଇ ପାଗଳପ୍ରାୟ ଗତିକରେ । ଯଦି ତା'ର ଜିଦ୍, ବ୍ୟାକୁଳତା ଦୃଢ଼ହୁଏ ଏବଂ ମୋ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଏ, ତେବେ ମୁଁ ତାକୁ ବ୍ରହ୍ମଙ୍କ ନିକଟବର୍ତ୍ତୀ ହେବାକୁ ଆଗେଇନିଏ । ଦୁର୍ବଳମନା ହେଲେ ତାକୁ ପୁନଶ୍ଚ ନିମ୍ନଗାମୀ କରାଇଦିଏ ।

୧୦. ଉପରୋକ୍ତ ପ୍ରତ୍ୟେକ ଭୂମାଶକ୍ତିକୁ ପିଣ୍ଡରେ ପରିଚାଳିତ କରିବାପାଇଁ 'ହୁତାଭୂର୍ଣ୍ଣା ଭୂମା' ମଣ୍ଡଳ ରହିଛି । ଏହି ମଣ୍ଡଳରେ ହରିଦ୍ରାବର୍ଣ୍ଣ ହୋଇ ଧାନ ଆକୃତିରେ ମୁଁ ଭ୍ରମଣ କରୁଥାଏ । ପ୍ରତି ୩ ମାସରେ ମୋର ବର୍ଣ୍ଣ ପରିବର୍ତ୍ତନ ହୁଏ । ଭ୍ରମଣ ଅବସ୍ଥାରେ ଲାଲବର୍ଣ୍ଣ ମଧ ହୋଇଥାଏ । ଘୂର୍ଣ୍ଣନ ସମୟରେ ବ୍ରହ୍ମଙ୍କ ଇଚ୍ଛାକ୍ରମେ ମୁଁ 'ଆହୂତିକ ଧ୍ୱନି' ଗୃହକୁ ଗତିକରେ । ଏହି ଗୃହରେ କୈବଲ୍ୟର ସମସ୍ତ ସୂକ୍ଷ୍ମ ଧ୍ୱନି ଲାଲ ରଙ୍ଗ ହୋଇ ଠୁଳ ହୋଇ ରହିଅଛି । ଗୃହରେ ପ୍ରବେଶ ସମୟରେ ମୁଁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯାଏ । ମୋର ପ୍ରବେଶ ଦ୍ୱାରା ଜୀବ ତାହାକୁ (ଧ୍ୱନି) ଅନୁଭବରେ ପାଇବାକୁ ସକ୍ଷମ ହୁଏ ଏବଂ ତା'ର ଏହି ଅନୁଭବଶକ୍ତି ତରଙ୍ଗଦ୍ୱାରା ପରଂବ୍ରହ୍ମଙ୍କ ନିକଟକୁ ଯାଇ ଆଶୀର୍ବାଦ ଗ୍ରହଣ କରେ ।

୧୧. 'ବ୍ରହ୍ମତତ୍ତ୍ୱ ଭୂମା'ଙ୍କ ନିକଟରେ ମୋର ଭୂମିକା ଆହୁରି କୌତୁହଳପୂର୍ଣ୍ଣ ଅଟେ । ଏହି ମଣ୍ଡଳରେ ବ୍ରହ୍ମାଣ୍ଡ, କାରଣ ଜଗତ ଯଜ୍ଞସ୍ତୁତି ଆତ୍ମା ବୈରାଗ୍ୟଧ୍ୱନି, ଆତ୍ମାଜ୍ଞାନତତ୍ତ୍ୱ, ଗଚ୍ଛିତ ହୋଇରହିଅଛି । ଏହାର ଆକୃତି 'ଠୁଳ ଶୂନ୍ୟ' ପରି ଗୋଲ୍, ଜ୍ୟୋତିଃ ଧବଳ । ଏହି ମଣ୍ଡଳରୁ ବ୍ରହ୍ମଙ୍କ ଆଜ୍ଞାନୁକ୍ରମେ ମୁଁ ସ୍ଥିରୀକୃତ ବ୍ରହ୍ମଆଶିଷ ପ୍ରାପ୍ତ ପିଣ୍ଡ ମାଧ୍ୟମରେ ଦୂରଦୃଷ୍ଟି, ଦୂରଶ୍ରବଣଜ୍ଞାନ, ଯଜ୍ଞାନୁଭୂତିଜ୍ଞାନ, ବିଜ୍ଞାନ, ଚୈତନ୍ୟଦ୍ୱାରା ଅନୁଭବ କରାଇଦିଏ । ଋଷି, ମୁନିମାନେ ଯୋଗକ୍ରିୟା ଅବଲମ୍ବନ କରି କାରଣରୁ ସୂକ୍ଷ୍ମ ଓ ସୂକ୍ଷ୍ମରୁ ସ୍ଥୂଳ ଜଗତର 'ଷଡ଼ଚକ୍ର ଭେଦ' ଜ୍ଞାନକୁ ଗ୍ରହଣକରି ମନ୍ତ୍ରର ତତ୍ତ୍ୱ ନିରୂପଣ କରିଦିଅନ୍ତି । ଫଳରେ ମନ୍ତ୍ର ଏକରୁ ଅନେକ ହୁଏ ଓ ଅକ୍ଷର ବୈଖାରୀ ସୂତ୍ରରେ ପରିଣତ ହୁଏ । ସେଥିପାଇଁ ମୁନିଋଷିମାନେ ମୋତେ ଚୈତନ୍ୟମୟୀ ବୋଲି କହିଥାନ୍ତି ।

୧୨. 'ଉର୍ଦ୍ଧାନୁଭୂମା' ମଣ୍ଡଳ ମହାଶୂନ୍ୟରେ ସର୍ବଦା ଧୂମ୍ରବର୍ଣ୍ଣ ଜ୍ୟୋତିରେ ବୁଡ଼ି ରହିଥାଏ । ଏହି ମଣ୍ଡଳ ମଧ୍ୟରେ ମୁଁ ଲାଲବର୍ଣ୍ଣର ଜ୍ୟୋତିନେଇ ରହିଥାଏ । ବ୍ରହ୍ମାଣ୍ଡସୂତ୍ରରେ ଚାରିଯୁଗରେ, ଯୁଗକୁଯୁଗ ଯେତେ ମୁନି,ଋଷି, ଯତି, ଯୋଗୀ, ମହାଯୋଗୀ, ବ୍ରହ୍ମଚାରୀ ମର୍ତ୍ତ୍ୟଧାମକୁ ଆସନ୍ତି, ସେମାନଙ୍କ ପିଣ୍ଡ ମଧ୍ୟରେ ମୁଁ ମାୟା ଦ୍ୱାରା ଏହି ମଣ୍ଡଳରୁ ଯଜ୍ଞ ସମ୍ବନ୍ଧୀୟ ଆଦେଶ ଓ ଆଜ୍ଞା ଯୁକ୍ତକରାଇ ଆହୂତିକ ଜ୍ଞାନ, ବ୍ରହ୍ମସ୍ତୁତି ମଣ୍ଡଳ ଜ୍ଞାନ ଭେଦ କରାଇବାର ସାମର୍ଥ୍ୟ ରୋପଣ କରିଦିଏ । ତେଣୁ ସେମାନେ ସେମାନଙ୍କର ଯୌଗିକ କ୍ରିୟାଦ୍ୱାରା ଏ ସମସ୍ତ ମଣ୍ଡଳୀୟଜ୍ଞାନ ଭେଦକରି ଜୀବଜଗତକୁ ମୁକ୍ତିର ପଥ ଦେଖାଇ ସ୍ଥୂଳଯଜ୍ଞାନୁଷ୍ଠାନ କରି ଶାନ୍ତି ପ୍ରଦାନ କରନ୍ତି ।

୧୩. ବ୍ରହ୍ମାଣ୍ଡରେ S (ଏସ୍) ଆକୃତି ପରି ଆକାର ନେଇ ଧବଳବର୍ଣ୍ଣର ଜ୍ୟୋତିରେ 'କର୍ଣ୍ଣାଳକ' ଭୂମା ମଣ୍ଡଳ ରହିଅଛି । ଏହି ଭୂମାଙ୍କ ନିର୍ଦ୍ଦେଶରେ ମୁଁ ଠୁଳକୋଷ ହୋଇ ସୋରିଷ ସଦୃଶ ଆକୃତି ଧାରଣ କରି ପ୍ରାଣଶକ୍ତିର ଆଧାର ରୂପେ ଜୀବ ପିଣ୍ଡରେ ଅବସ୍ଥାନ କରେ । ସେତେବେଳେ ମୋର ଜ୍ୟୋତି ଲାଲବର୍ଣ୍ଣ ହୋଇଥାଏ । ସାଧକର ଅବସ୍ଥା ସଂଯମ ପ୍ରାପ୍ତ ହେଲେ, ସଂଲଗ୍ନ ହୋଇଥିବା ମୋ'ର ଏହି ରକ୍ତିମ ସ୍ନାୟୁଠୁଳକୋଷ ସ୍ଥିର ହୋଇଯାଏ । ସୁଷୁମ୍ନାରେ କୁଣ୍ଡଳିନୀ ଯୋଗ ଆରମ୍ଭ ହେଲେ ଏହି କୋଷ ସଂକୁଚିତ ହୋଇ ଗୋଲାକୃତି ସ୍ଥିତି ବାନ୍ଧିଦିଏ । ଏହି ଅବସ୍ଥା ପ୍ରାପ୍ତ ହେଲେ, ସାଧକ ଅହରହ ଆତ୍ମାକୁ ଅନୁଭବ କରେ । ସେଥିପାଇଁ ସାଧକମାନେ ମୋତେ 'ଆତ୍ମାପେବାସିନୀ ଜଗଦ୍‌ମାତା' ବୋଲି କହନ୍ତି ।

କ୍ରମଶଃ...

# ବାଲ୍ୟକାଳରୁ ଧର୍ମ ଧନ ସଞ୍ଚିବି

ତୁମ କୃପାହେଲେ ସଂସାରରେ ଥାଇ
ସନ୍ନ୍ୟାସୀର ଭାବ ତୋଳେ ।
ସବୁଥିରେ ରହି କେଉଁଠି ନ ରହେ
ପଦ୍ମପତ୍ର ଯେହ୍ନେ ଜଳେ ॥

ତୁମଠାରେ ଯଦି ଅଭାବ ଆସଇ
ବ୍ରହ୍ମରଷି ଟଳିଯାଏ ।
ହେ ମଙ୍ଗଳମୟ ! ମିନତି କରୁଛି
ତବକୃପାବିନ୍ଦୁ ପାଏ ॥

*ମଙ୍ଗଳମୟଙ୍କ ମଙ୍ଗଳବିଧାନ ଯଦି ସମସ୍ତେ ବୁଝିପାରନ୍ତେ, ତେବେ ସୃଷ୍ଟିରେ ଆଦୌ ଅନର୍ଥ ହୁଅନ୍ତା ନାହିଁ । ସ୍ୱଚ୍ଛ ଜଳରାଶି ଉପରେ ଚନ୍ଦ୍ରକିରଣ ଓ ସୂର୍ଯ୍ୟରଶ୍ମି ଯେପରି ପ୍ରତିବିମ୍ବିତ ହୁଏ, ଗୋଳିଆ ବା ଅସ୍ୱଚ୍ଛ ଜଳରେ କ'ଣ ସେହିପରି ହୁଏ ? କାଚ ଉପରେ ଯେପରି ପ୍ରତିଫଳିତ ହୁଏ, ପଥର ବା ମୃତ୍ତିକା ଉପରେ କ'ଣ ସେପରି ହୁଏ ? ସେହିପରି ମନର ଭାବ ଗୋଳିଆ ବା ଦ୍ୱନ୍ଦମିଶ୍ରିତ ହୋଇଗଲେ, ଭାବଗ୍ରାହୀଙ୍କୁ ଅନୁଭବ କରିହୁଏ ନାହିଁ କିମ୍ବା ତାଙ୍କ ଆଶୀର୍ବାଦ ଉପଲବ୍ଧି କରିହୁଏ ନାହିଁ । ଗୋଳିଆ ବା ଅସ୍ୱଚ୍ଛ ଜଳ ଏବଂ କାଚକୁ ଯେପରି ମନୁଷ୍ୟ ତା'ର ବୁଦ୍ଧିବଳରେ ସ୍ୱଚ୍ଛ କରିଦେଇପାରେ, ଜୀବ ମଧ୍ୟ ତା'ର ନିଷ୍ପାପର ଚେଷ୍ଟା ଓ ଅଭ୍ୟାସ ଦ୍ୱାରା ମନର ଭାବକୁ ସ୍ୱଚ୍ଛ, ନିର୍ମଳ ଓ ପବିତ୍ର କରିଦେବା ଆଦୌ ଅସମ୍ଭବ ନୁହେଁ । କିନ୍ତୁ ବାଲ୍ୟକାଳରୁ ଯଦି ଏହି ଅଭ୍ୟାସ କରାନଯାଏ, ଅନେକ କଠିନ ଆସ୍ତରଣରେ ଗୋଳିଆ ହୋଇଯାଇଥିବା ମନକୁ ସେହି ଅବସ୍ଥାରେ ପହଞ୍ଚାଇବା କଷ୍ଟସାଧ୍ୟ ହୋଇଥାଏ । ତେଣୁ ଚିରକଲ୍ୟାଣମୟ ଠାକୁରେ ଚପଳମତି ପିଲାମାନଙ୍କୁ ସେହି ଭାବରେ ଅନୁପ୍ରାଣିତ କରିବା ଲକ୍ଷ୍ୟରେ ଏହି ସ୍ତମ୍ଭର କଳ୍ପନା କରି କ୍ରମାଗତ ଭାବରେ ଆଶୀର୍ବଚନ ଦାନ କରି ଚାଲିଛନ୍ତି ।*

'ଚରମ' : ନବମପୁଷ୍ପ : ଚତୁର୍ଥ ପାଖୁଡ଼ା : ୪୭ (ସପ୍ତଚତ୍ୱାରିଂଶ)ତମ ସଂଖ୍ୟା ଅନୁଶ୍ରୁତିରୁ :

## ବିସ୍ମୟ ଶ୍ରଦ୍ଧାନନ୍ଦ

ଗୁରୁଦେବ 'ଶର'ଙ୍କୁ ଗୃହସ୍ଥାଶ୍ରମର ରହସ୍ୟ ବୁଝାଇଚାଲିଛନ୍ତି । ସେହି ରହସ୍ୟର ଷଷ୍ଠ କ୍ରମାଙ୍କରେ କହିଲେ:-

୬. ସୃଷ୍ଟି ରହସ୍ୟ ସଂକ୍ଷେପରେ ତୋତେ ବୁଝାଇଦେଇଛି । ସେହି ଅନୁସାରେ ଏ ଜଗତ, ବ୍ରହ୍ମାଣ୍ଡ, ପିଣ୍ଡ ବ୍ରହ୍ମମୟ ଅଟେ । ଏଠାରେ କାହାରି କିଛି ସ୍ୱତନ୍ତ୍ରତା ନାହିଁ । କେହି କାହାରି ନିଜର ବା ପର ନୁହେଁ । କେହି କାହାର ଶତ୍ରୁ ନୁହେଁ ବା ମିତ୍ର ନୁହେଁ । ମାତୃ ଜରାୟୁରେ ଥିବା ସମୟରେ ସାଥିରେ କେହି ନଥିଲେ । କେବଳ ସେହି ପରମପିତା ତୋର ମାଧବ ହିଁ ଥିଲେ । ଗର୍ଭମଧ୍ୟରୁ ଭୂମିଷ୍ଠ ହେବା ସମୟରେ ମଧ୍ୟ ସ୍ତ୍ରୀ, ସ୍ୱାମୀ, ପୁତ୍ର, କନ୍ୟା, ବନ୍ଧୁ, ପରିଜନ, ପ୍ରତିବେଶୀ, ଧନ, ଐଶ୍ୱର୍ଯ୍ୟ, ପଦବୀ ଭୋଗ୍ୟବସ୍ତୁ କେହି ହେଲେ ସଙ୍ଗରେ ଆସି ନଥିଲେ । ଏ ପିଣ୍ଡ ତ୍ୟାଗ କରିଯିବା ସମୟରେ ଏମାନଙ୍କ ମଧ୍ୟରୁ କେହି ସାଙ୍ଗରେ ଯିବେ ନାହିଁ । ଆସିଲାବେଳେ ଯିଏ ଆସିଥିଲେ, ଏଠାରେ (ପିଣ୍ଡରେ) ଯିଏ ରହିଥିଲେ, ଯିବା ସମୟରେ ଏକମାତ୍ର ସେ ହିଁ ସହାୟ । ତେଣୁ ଏ ମର୍ତ୍ତ୍ୟଭୂମିକୁ ଆସିବାପରେ କେବଳ ଆମର ଅଳୀକ ଆମୋଦ ଏବଂ ଶରୀର ତଥା ସୃଷ୍ଟିର ଆବଶ୍ୟକତା ଅନୁଯାୟୀ ପରମପିତା କଲ୍ୟାଣମୟୀ ପ୍ରକୃତିଙ୍କ ଦ୍ୱାରା ଅପରୂପ ସମ୍ଭାର ସାଇତି ରଖିଛନ୍ତି । ଯେତେଦିନ ଏଠାରେ ରହିବାପାଇଁ ଆମକୁ ଆଜ୍ଞା, ଅନୁମତି ମିଳିବ, ସେତେଦିନ ପର୍ଯ୍ୟନ୍ତ ତାଙ୍କର ସେହି ସୌନ୍ଦର୍ଯ୍ୟମୟ ଲୀଳାସମ୍ଭାରକୁ ସଯତ୍ନେ ସାଇତିରଖି ତାହାର ମର୍ଯ୍ୟାଦା ରକ୍ଷା କରିବା ଆମର ଏକମାତ୍ର କର୍ମ ଓ କର୍ତ୍ତବ୍ୟ ଅଟେ । ତେଣୁ ତାଙ୍କ ସମ୍ପତ୍ତିକୁ ଅଜ୍ଞାନରେ

'ମୋର' କହି ସେଥିରେ ନିଜକୁ ହଜାଇଦେଲେ ଜନ୍ମପରେ ଜନ୍ମ କେବଳ ଅତିବାହିତ ହେଉଥିବ । ମାତ୍ର ତାଙ୍କୁ ପ୍ରାପ୍ତ ହେବା ନାହିଁ ।

୭. ସେହି ସୂତ୍ରରେ ସୃଷ୍ଟି ରକ୍ଷା, ବଂଶବିସ୍ତାର ଓ ସର୍ବୋପରି ସୃଷ୍ଟିର ଅପରିବର୍ତ୍ତନୀୟ ନିୟମ ଅନ୍ତର୍ଗତ ଗୃହସ୍ଥାଶ୍ରମକୁ ଘୃଣାକରିବା ଯେପରି ଅପରାଧ, ମୋହଗ୍ରସ୍ତ ହୋଇ ସେଥିରେ 'ମୁଁ' 'ମୋର' ଜ୍ଞାନକୁ ନେଇ ଛନ୍ଦିଯିବା ସେହିପରି ଯନ୍ତ୍ରଣାଦାୟକ ଏବଂ ଅଜ୍ଞାନରୂପକ କାଳ ସଦୃଶ ଅଟେ । ତୁମେ ବିବାହ କରିଥିବା ଜଣେ ନାରୀ ଏବଂ ତା'ର ଗର୍ଭସମ୍ଭୁତ ସନ୍ତାନସନ୍ତତି ଆଦୌ ତୁମର ନୁହଁନ୍ତି । ସେହି ପରମାତ୍ମାଙ୍କ ଅଂଶସମ୍ଭୁତ ଜଣେ ଜଣେ ଲୀଳାଙ୍ଗ ଅଟନ୍ତି । ତେଣୁ ତୁମର ଗୃହରେ ଯେଉଁମାନେ ଅଛନ୍ତି ଏବଂ ସାମାଜିକ ମତରେ ଯେଉଁମାନଙ୍କୁ ନିଜର ବା ଆତ୍ମୀୟ କୁହାଯାଉଛି, ସେହି କେତେଜଣଙ୍କ ଦାୟିତ୍ୱ ଗୃହକର୍ତ୍ତା ହିସାବରେ ତୁମ ଉପରେ ନ୍ୟସ୍ତ କରାଯାଇଅଛି ବୋଲି ସିଦ୍ଧାନ୍ତ ନେବାକୁ ହେବ । ସେମାନଙ୍କ ମଧ୍ୟରେ ସେହି ପରମାତ୍ମା ଥିବାର ବୋଧକୁ ନିଶ୍ଚିତକରି ଅତ୍ୟନ୍ତ ନିଷ୍ଠା, ସ୍ନେହ, ମମତା ଦ୍ୱାରା ସେମାନଙ୍କ ପରିଚର୍ଯ୍ୟା କରୁଥିବା ସମୟରେ ତୁମେ ସେହି ବ୍ୟକ୍ତିମାନଙ୍କ ମାଧ୍ୟମରେ କେବଳ ତା'ଙ୍କୁ (ପରମାତ୍ମାଙ୍କୁ)ହିଁ ସେବାକରୁଛ ବୋଲି ଦୃଢ଼ ବିଶ୍ୱାସ ରଖିବାକୁ ହେବ । କୌଣସି ଅବସ୍ଥାରେ ସେମାନଙ୍କୁ ଅନ୍ୟଭାବରେ ଗ୍ରହଣକରି ସେମାନଙ୍କ ପ୍ରତି ଆସକ୍ତ, ମୋହଗ୍ରସ୍ତ ହେବନାହିଁ । ସେମାନଙ୍କର ବର୍ତ୍ତମାନ ବା ଅବର୍ତ୍ତମାନରେ ଅତ୍ୟଧିକ ଆନନ୍ଦିତ ବା ଦୁଃଖୀ ହେବନାହିଁ ।

୮. ସେମାନଙ୍କ ଭରଣପୋଷଣ ଦାୟିତ୍ୱ ଗ୍ରହଣ କରିବ ସତ୍ୟ, କିନ୍ତୁ ବଞ୍ଚି ରହିବାପାଇଁ ଯେତିକି ସର୍ବନିମ୍ନ ବସ୍ତ୍ର, ଆଭରଣ, ଖାଦ୍ୟ ଇତ୍ୟାଦି ଆବଶ୍ୟକ, କେବଳ ସେତିକି ଯୋଗାଇଦେଇ ସେମାନଙ୍କ ମଧ୍ୟରେ ବ୍ରହ୍ମଜ୍ଞାନ ଅବତାରଣ କରିବା ତୁମର କର୍ତ୍ତବ୍ୟ । ସମାଜର ଚାକଚକ୍ୟ ସହ ନିଜକୁ ତୁଳନାକରି ସେହିଭାବରେ ନିଜର ଚଳନି ଅଭ୍ୟାସ କିରବା ଚେଷ୍ଟାରୁ ସେମାନଙ୍କୁ ସ୍ନେହବନ୍ଧନ ଦ୍ୱାରା ବିରତ କରାଇବାକୁ ସମସ୍ତ ପ୍ରଯତ୍ନ କରିବା ଉଚିତ । କିନ୍ତୁ, ସେମାନଙ୍କ ପ୍ରତି ଆସକ୍ତ ହୋଇ ସେମାନଙ୍କର ଇଚ୍ଛା ବା ଚାହିଦା ଅନୁସାରେ ରାଜକୀୟ ଠାଣିରେ ଚଳାଇବା ପାଇଁ ତୁମେ ଯଦି କର୍ତ୍ତବ୍ୟବୋଧର ଛଳନାରେ ଅନୀତି ବା ଦୁର୍ନୀତିପରାୟଣ ହୋଇ ଅଧିକ ଅର୍ଥ ଉପାର୍ଜନ ପାଇଁ ଉଦ୍ୟତ ହେଲ, ତେବେ ତୁମେ ବାସ୍ତବରେ ଗୃହସ୍ଥଧର୍ମ ପାଳନରୁ ବିଚ୍ୟୁତ ହୋଇଛ ଏବଂ ଗୃହସ୍ଥାଶ୍ରମକୁ କଳୁଷିତ କରୁଛ ବୋଲି ବ୍ରହ୍ମ ବିଚାରର ସମ୍ମୁଖୀନ ହେବ । ମାତ୍ର, ତୁମେ ତୁମ ନିଜ ବିବେକାନୁମୋଦିତ ବ୍ରହ୍ମବିଦ୍ୟା ଆଧାରରେ ପାଳନ କରୁଥିବା କର୍ମ ଓ କର୍ତ୍ତବ୍ୟବୋଧକୁ ଯିଏ ଅସ୍ୱୀକାର କରିବ ଅଥବା ତୁମର ବ୍ରହ୍ମକର୍ମ ପଥରେ ଅନ୍ତରାୟ ହେବ, ତା ପାଇଁ ଆଦୌ ବିବ୍ରତ ବା ବିଚଳିତ ନହୋଇ ତା'ର ବିଚାର ସେହି ପରମାତ୍ମାଙ୍କୁ ସମର୍ପଣ କରିଦେବ । ସେ ଅବସ୍ଥାରେ ଯଦି ତୁମେ ସେହି ଉଲ୍ଲଙ୍ଘନ ବ୍ୟକ୍ତିକୁ ତ୍ୟାଗ କରିଦିଅ ବା ସେ ତୁମକୁ ତ୍ୟାଗ କରିଦିଏ, ତେବେ ତୁମ ପ୍ରତି କୌଣସି ଦୋଷ, ବା ଅପରାଧ ପ୍ରଯୁଜ୍ୟ ହେବନାହିଁ । କାରଣ ବ୍ରହ୍ମବିଦ୍ୟାପରିହିତ ଶାସ୍ତ୍ର ସ୍ପଷ୍ଟ ନିର୍ଦ୍ଦେଶ ଦେଇଛି ଯେ, ତୁମକୁ ପରମାର୍ଥ ପଥରେ ଗତିକରିବା ପାଇଁ ଯିଏ ବାଧା ସୃଷ୍ଟି କରୁଛି, ସିଏ ସମ୍ପର୍କରେ ଯେତେ ନିକଟତମ ଆପଣାର ହୋଇଥିଲେ ମଧ୍ୟ ତାହାକୁ ତ୍ୟାଗକରି ତାହା ଠାରୁ ସମସ୍ତ ବାହ୍ୟସମ୍ବନ୍ଧ ଛିନ୍ନ କରିଦେବା ଉଚିତ ।

୯. ଏହି ସମସ୍ତ ନୀତିନିୟମ ପରିସରରେ ନିଜକୁ ଅଭ୍ୟସ୍ତ କରି ଯେଉଁମାନେ ଗୃହସ୍ଥଧର୍ମ ପାଳନ କରନ୍ତି, ସେମାନେ ବାସ୍ତବରେ ମହାନ୍ ଓ ଶ୍ରେଷ୍ଠ ବ୍ରହ୍ମସାଧକର ମର୍ଯ୍ୟାଦା ଲାଭ କରନ୍ତି । କିନ୍ତୁ, ଯେଉଁମାନେ ଗୃହୀ ହୋଇ ପରିସ୍ଥିତିକୁ ସମ୍ମୁଖୀନ ହେବା ଭୟରେ ପଳାୟନ କରନ୍ତି, ସେମାନେ ପରମାର୍ଥ ପଥରେ କିଛି ପଥ ଅତିକ୍ରମ କରି ସଂସ୍କାରିତ ହୁଅନ୍ତି ସତ୍ୟ, ମାତ୍ର ପୂର୍ଣ୍ଣାଙ୍ଗ ହୋଇପାରନ୍ତି ନାହିଁ । ତେଣୁ ପ୍ରତ୍ୟେକଙ୍କୁ ସୃଷ୍ଟିର ପ୍ରତିଟି ଅଂଶକୁ ଆପଣାର କରି ଅନାସକ୍ତ ଭାବରେ ସାଧନା କରିବାକୁ ହେବ ।

୧୦. ଗୃହସ୍ଥାଶ୍ରମରେ ସାଧନା କରୁଥିବା ସମୟରେ ଆଉ କେତେଗୋଟି ଆଚରଣ ପ୍ରତି ସତର୍କ ହେବାକୁ ହେବ । ଯଥା : ବ୍ରାହ୍ମମୁହୂର୍ତ୍ତ ଅର୍ଥାତ୍ ଭୋରସକାଳ ୩ଘଟିକାରୁ ୬ଘଟିକା ମଧ୍ୟରେ ଶଯ୍ୟାତ୍ୟାଗ, ନିତ୍ୟକର୍ମ ସମାପନ ଏବଂ ଗୁରୁବୀଜ ପୂଜନ, ମନନ, ଧ୍ୟାନ, ପ୍ରାର୍ଥନା ଆଦି କାର୍ଯ୍ୟ ଶେଷ କରିବାକୁ ହେବ । ଯଦି ସମ୍ଭବ ହୁଏ, ତେବେ ମଧ୍ୟାହ୍ନ ସଂଧ୍ୟା ମଧ୍ୟ କରିବା ଅତି ଉତ୍ତମ । ନଚେତ୍ ପ୍ରାତଃ ଏବଂ ସାୟଂ ସଂଧ୍ୟା ନିଷ୍ଠିତ କରିବାପାଇଁ ତତ୍ପର ଓ ନିଷ୍ଠାବାନ ହେବା ଉଚିତ ।

୧୧. ଅତ୍ୟଧିକ ଆହାର ଗ୍ରହଣ କରିବ ନାହିଁ ଅଥବା ଅନାବଶ୍ୟକ ଭାବରେ ଉପବାସ ରହି ଶରୀରକୁ କଷ୍ଟ ଦେବ ନାହିଁ । କୌଣସି ବିଷୟ ତଥା ପାର୍ଥିବ ସମସ୍ୟା ସମାଧାନ ପାଇଁ ଉପବାସାତ୍ମକ ବ୍ରତ କରିବା ଉଚିତ ନୁହେଁ । ସୂର୍ଯ୍ୟାସ୍ତ ପରେ ଖାଦ୍ୟ ଗ୍ରହଣ ନ କରିବା ଅତି ମଙ୍ଗଳଦାୟକ ଅଟେ ।

୧୨. ଗୁରୁପ୍ରଦତ୍ତ ବୀଜମନ୍ତ୍ର ଅହରହ ମନନ କରୁଥିବ । ନିଜର କର୍ମ କରିଯାଉଥିବ । କିନ୍ତୁ କର୍ମଫଳ ପ୍ରତି ଲୋଭାଶକ୍ତ ହୋଇ ବିବ୍ରତ ହେବନାହିଁ ।

୧୩. ନିଜର ସାମର୍ଥ୍ୟ ଅନୁଯାୟୀ ବ୍ରାହ୍ମଣ, ବୈଷ୍ଣବ, ଭିକାରି, ଦୁଃଖୀରଙ୍କୀ, ରୋଗୀ, ଅଜ୍ଞାନ ଓ ସରଳମତି ଶିଶୁମାନଙ୍କୁ ଦାନ କରିବ । କିନ୍ତୁ ସାବଧାନ, ଦାନକରୁଥିବା ବିଷୟ ସମ୍ପୂର୍ଣ୍ଣ ଗୋପନ ରଖିବ । କାରଣ, ପ୍ରକାଶ କରିଦେଲେ ଦାନ ନିଷ୍ଫଳ ହୋଇଯାଏ ।

୧୪. ଗୁରୁଙ୍କ ନିର୍ଦ୍ଦେଶ ଗ୍ରହଣକରି ଅଥବା ଶାସ୍ତ୍ର ଅଧ୍ୟୟନ କରି ନିଷେଧ ଦିବସ, ତିଥି, ନକ୍ଷତ୍ର ଓ ବାରରେ ସ୍ତ୍ରୀ ସହିତ ଏକତ୍ର ହେବ ନାହିଁ । ନିର୍ଦ୍ଧାରିତ ଦିବସରେ ସମ୍ଭୋଗ କ୍ରିୟା ହେଲେ ସୁସନ୍ତାନ ହୁଏ, ନଚେତ୍ ବର୍ଣ୍ଣ ଶଙ୍କର ଜନ୍ମ ହୋଇ ଅଶେଷ ଯନ୍ତ୍ରଣା ଦାୟକ ହୁଏ ।

ତେଣୁ ମନରୁ ସମସ୍ତ ସନ୍ଦେହ ଓ ଦ୍ୱନ୍ଦ୍ୱକୁ ପୋଛିଦେଇ ମୋର ଉପଦେଶ ଗ୍ରହଣକର । ଆଜିର ଏହି ପବିତ୍ର ଲଗ୍ନରେ ମୁଁ ତୋତେ ବୀଜମନ୍ତ୍ର ପ୍ରଦାନ କରୁଛି । ଗୃହସ୍ଥାଶ୍ରମ କରି ସେହି ବୀଜମନ୍ତ୍ର ମନନରେ ଏକନିଷ୍ଠ ହୋଇ ସାଧନକ୍ରିୟା ଓ କର୍ମଯୋଗନେଇ ଅଗ୍ରସର ହୁଅ । ଯଥା ସମୟରେ ମୁଁ ପୁନରାୟ ତୋ ନିକଟରେ ଉପସ୍ଥିତ ହେବି । ଏତିକି କହି ଗୁରୁଦେବ 'ଶର'କୁ ମନ୍ତ୍ରଦାନ କରିଗଲେ ଓ ଶ୍ରଦ୍ଧାରେ ନାମକରଣ କରିଦେଲେ ''ଶ୍ରଦ୍ଧାନନ୍ଦ'' ।

କ୍ରମଶଃ...

ତୋ ବଡ ପଣିଆ ନରହିଲା ବୋଲି ପ୍ରଭୁ କାର୍ଯ୍ୟେ ଦେଉ ବାଧା ।
କାଳର ପ୍ରହାର ପିଠିରେ ବାଜିଲେ ଆପେ ହୋଇଯିବୁ ସିଧା ॥
ପୂର୍ଣ୍ଣରୁ ଆସିଛୁ ପୂର୍ଣ୍ଣ ହୋଇବାକୁ ନରହ ହୋଇଣ ଅଧା ।
ଅହଙ୍କାର ଭୁଲି ଭ୍ରାତୃତ୍ୱ ରଖିଲେ ହେବୁ ସିନା ଦିନେ ରାଧା ॥

ରଙ୍ଗ ମଞ୍ଚ ଭାବି ଆସିଛୁ ଧାଇଁ ।
ମିଛ ଅଭିନୟ କରିବା ପାଇଁ ॥
ସତସଂଗ ପରା ସତ୍ୟ ମଣ୍ଡପ ।
ସତ୍ୟକୁ ନଧରି ଅର୍ଜୁଛୁ ପାପ ॥

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

## ସତୀଧର୍ମ ଏବଂ ପ୍ରେମ :

ସତୀଧର୍ମ ଏବଂ ପ୍ରେମ ସମ୍ବନ୍ଧରେ ଆଦିମଯୁଗର ମାନବ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଅନ୍ଧକାର ମଧ୍ୟରେ ଥିଲା । ତେଣୁ ଆଦିମ ସମାଜ ବ୍ୟବସ୍ଥାରେ ନଗ୍ନତା, ଅଶ୍ଳୀଳତା ଇତ୍ୟାଦି ଘୋର ଲଜ୍ଜାର ବିଷୟ ବୋଲି ସେମାନେ ଜାଣି ନଥିଲେ । ଫଳତଃ ଆଦିମ ମଣିଷ ଅଜ୍ଞାନତା ଓ ଅଶିକ୍ଷାରୁ ଯାହାସବୁ କରିଚାଲିଥିଲା, ତାହା ସେ ସମୟର ସମାଜରେ ପରମ୍ପରା ହୋଇ ପ୍ରଚଳିତ ଥିବା ଅସମ୍ଭବ ବା ଅସ୍ୱାଭାବିକ ନଥିଲା ।

ମାତ୍ର କ୍ରମଶଃ ଶିକ୍ଷା ଓ ସଭ୍ୟତାର ବିକାଶ ସହିତ ସେ ସବୁ ଆଦିମ ପ୍ରଥା ଓ ପରମ୍ପରା ଧୀରେଧୀରେ ବଦଳିଗଲା । ନାନା ପ୍ରକାର ଓ ନାନା ସମୟର ଘାତ ପ୍ରତିଘାତ ମଧ୍ୟଦେଇ ମଣିଷ ଓ ସମାଜ ଗତି କରି କ୍ରମେ ନାରୀ ସମାଜରେ ସତୀଧର୍ମର ଉତ୍ଥାନ ହେଲା । ସତୀତ୍ୱକୁ ସମାଜ ବ୍ୟବସ୍ଥାରେ ଶ୍ରଦ୍ଧା ଓ ଆଦରର ସହିତ ସ୍ୱାଗତ କରାଗଲା । ମଣିଷ ଶିକ୍ଷା ଓ ସଭ୍ୟତାର ଆଲୋକରେ ମାର୍ଜିତ ହୋଇ ପ୍ରେମର ଦିବ୍ୟ ମହତ୍ତ୍ୱ ପ୍ରାଣେ ପ୍ରାଣେ ଉପଲବ୍ଧି କଲା । ପ୍ରେମର ଆନନ୍ଦ ଯେ ଅନନ୍ୟ ଓ ଅତୁଳନୀୟ ତାହା ସେ ଶିକ୍ଷାକଲା ଓ ଏହି ଜ୍ଞାନର ବିକାଶରେ ସେ ଆନନ୍ଦ ଅନୁଭବ କଲା । ପ୍ରାଚୀନ କାଳର ନାନାଦି ଅପକର୍ମ ଓ କଳଙ୍କିତ ପ୍ରଥାକୁ କାଳକ୍ରମେ ପାରିବାରିକ ଓ ସାମାଜିକ ବ୍ୟବସ୍ଥାରୁ ବାସନ୍ଦ କରାଗଲା । ଶୁଦ୍ଧ, ପବିତ୍ର ଓ ନିର୍ମଳ ଜୀବନ ଓ ସମ୍ପର୍କ ସ୍ଥାପନର ପଥ କ୍ରମେ ସୁଗମ ଓ ପରିଚ୍ଛନ୍ନ ହୋଇଗଲା । ଘୃଣ୍ୟ ପ୍ରଥାକୁ ଆଦରି ନେଇଥିବା ସମ୍ପ୍ରଦାୟ ଓ ଗୋଷ୍ଠୀ କ୍ରମଶଃ ସାମାଜିକ ଜୀବନରୁ ବାସନ୍ଦ ହୋଇ ସାମାଜିକ ବ୍ୟବସ୍ଥାର ମହାସ୍ରୋତରୁ ବିଚ୍ଛିନ୍ନ ହେବା ସଙ୍ଗେ ସଙ୍ଗେ ଦୂରେଇ ରହିବାକୁ ବାଧ୍ୟ ହେଲେ ।

ସହଜାତ ଜୈବିକ ପ୍ରବୃତ୍ତି ପାଖରେ ସ୍ୱେଚ୍ଛାକୃତ ଆତ୍ମସମର୍ପଣ ନକରି ସଂଯମ ଆଚରଣ ପ୍ରବୃତ୍ତିର ଦମନ ନିମନ୍ତେ ଆତ୍ମ ସମ୍ବରଣ କରିବାର ଶ୍ରେୟଃତା ମଣିଷ କ୍ରମେ ଉପଲବ୍ଧି କଲା ଓ ଏଥିପାଇଁ ସାମାଜିକ ଜୀବନରେ ନୀତିଶାସ୍ତ୍ରର ଆବଶ୍ୟକତା ଅନୁଭୂତ ହେଲା । ସାମାଜିକ ନୀତିନିୟମ ସମାଜ ଜୀବନର ରାଜପଥକୁ ଆଲୋକିତ ଓ ପ୍ରଶସ୍ତ କରି ତୋଳିଲା । ସତୀତ୍ୱର ଭାବନା ସାମାଜିକ ଚେତନାରେ ପ୍ରବେଶ କରି ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ ଓ ସାମାଜିକ ବଳୟରେ ମଣିଷ ମନରେ ପ୍ରେମର ମହତ୍ତ୍ୱ ସଞ୍ଚରିତ ହେବାକୁ ଲାଗିଲା । ସମାଜ ଜୀବନରେ ନାରୀପାଇଁ ଏକ ପତିବ୍ରତ ଓ ସତୀତ୍ୱର ପବିତ୍ର ଅନୁଷ୍ଠାନ ଏବଂ ଅନ୍ୟପକ୍ଷରେ ପୁରୁଷ ପାଇଁ ଏକପତ୍ନୀବ୍ରତ ଆରମ୍ଭ ହୋଇଗଲା । ପତ୍ନୀ ଉପରେ ପତିର କର୍ତ୍ତୃତ୍ୱ ଓ ପତି ଉପରେ ପତ୍ନୀର ନିର୍ଭରଶୀଳତା ଦ୍ୱାରା ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ ଓ ସାମାଜିକ ଜୀବର୍ନ ସୁଶୃଙ୍ଖଳିତ କରିବାରେ ସମର୍ଥ ହେଲା ।

ଆଧୁନିକତାର ଦୃହିଦେଇ ଏବେ ସମାଜ ବ୍ୟବସ୍ଥାର ରୁଚିକର ଶୃଙ୍ଖଳାକୁ ଅନେକେ ନାପସନ୍ଦ କରି ଅରୁଚି ବୋଲି ଧରିନେଲେଣି । ଏହା ଫଳରେ ଅତ୍ୟାଧୁନିକ ସମାଜ କ୍ରମେ ପୁଣି ଥରେ ଆଦିମ ବର୍ବର ଯୁଗର ଅସଭ୍ୟତାର ଅନ୍ଧକାର ଅଭିମୁଖେ ଗତିକରିବାକୁ ବସିଲାଣି । ଇତିହାସର କୁଆଡ଼େ ପୁନରାବୃତ୍ତି ଘଟେ । ହୁଏତ ଦିନେ ଘଟିଯାଇପାରେ । ଏହା ଯଦି ସତ୍ୟ, ସେ ସତ୍ୟର କିଏ ଅବା ଗତିରୋଧ ପାଇଁ ପ୍ରତିରୋଧ କରିପାରିବ ?

ଶିକ୍ଷା ଯେବେ ଅଶିକ୍ଷାରେ ପର୍ଯ୍ୟବସିତ ହୁଏ, ସଭ୍ୟତାର ଅର୍ଥ ଯେବେ ନଗ୍ନ ଅସଭ୍ୟତାରେ ରୂପାନ୍ତରିତ ହୁଏ, ଆଧୁନିକତା ଯଦି ଆଦିମ ବର୍ବରତା ହୁଏ, ଜ୍ଞାନବିଜ୍ଞାନ ଯଦି ଅଜ୍ଞାନ ଅଚେତନାରେ ପରିଣତ ହୁଏ, ତେବେ କାହାକୁ ଅବା ଦୋଷ ଦେବା ? କାହା ପାଖରେ ଗୁହାରି କରି ନେହୁରା ହେବା ?? ଏକ ଭୀଷଣ ଭୟଙ୍କର ସାମାଜିକ ଅବକ୍ଷୟର ଧାରା ଏବେ ସର୍ବତ୍ର ସ୍ପଷ୍ଟ ଭାବରେ ପରିଦୃଷ୍ଟ ହେଉଅଛି ଏବଂ ଏହି ଧାରା ଯେଉଁ ପ୍ରଚଣ୍ଡ ବେଗରେ ଗଡିକରି ମାଡ଼ି ଆସୁଛି, ତାହା ଦେଖି ଚିନ୍ତା କଲେ ଜଣାଯାଉଛି ବୋଧହୁଏ ଅତି ନିକଟ ଭବିଷ୍ୟତରେ ସମଗ୍ର ବିଶ୍ୱ ମାନବସମାଜର ସକଳଶିକ୍ଷା, ସକଳ ଜ୍ଞାନବିଜ୍ଞାନ, ସକଳ ସଭ୍ୟତା, ସକଳ ସଂସ୍କୃତି ଅଶିକ୍ଷା, ଅଜ୍ଞାନତା, ଅସଭ୍ୟତା, ଅପସଂସ୍କୃତିର ଚରମ ପରିଣତି ଲାଭ କରିବ ।

ଜୀବନର ଅର୍ଥ କଦାପି କସ୍ମିନ୍‌କାଳେ ମୃତ୍ୟୁ ନଥିଲା, ବର୍ବର ଆଦିମ ସମାଜରେ ନୁହେଁ କି ଆଜିର ଆଧୁନିକ ସମାଜରେ ନୁହେଁ କିମ୍ବା ଭବିଷ୍ୟତର ଆସନ୍ନପ୍ରାୟ ଅସଭ୍ୟତାରେ ମଧ୍ୟ ନୁହେଁ । ଆଜି ଯେପରି ବିରୋଧାଭାସ ପରି ହଳାହଳ ଉତ୍କଟ ବିଷପାନରେ ମତ୍ତମାନବ ଦୀର୍ଘଜୀବନ କାମନାରେ ମଗ୍ନ, ତାହା ଦେଖିଲେ ଅବସନ୍ନ ମନପ୍ରାଣରେ ଦୟା ଜାତ ହେବା ସହିତ କିଂକର୍ତ୍ତବ୍ୟବିମୂଢ଼ ହୋଇ ନିଜକୁ ଅସହାୟ ଓ ନିରାଶ୍ରୟ ମନେ ହେଉଛି । ଏକମାତ୍ର ଚିନ୍ତା, ଚିନ୍ତାମଣି ହିଁ ଭରସା । ପ୍ରକୃତି ସ୍ୱରୂପିଣୀ ମାଆ ହିଁ ତ୍ରାଣକର୍ତ୍ତ୍ରୀ । ସକଳ ବୁଦ୍ଧି ବିଚାର, ସକଳ ଜ୍ଞାନ କୌଶଳ ଯେଉଁଠି ପରାଜୟ ସ୍ୱୀକାର କରେ, ସେଇଠି ହିଁ ପୁରୁଷସ୍ୱରୂପ ପରମପିତା ଏବଂ ପ୍ରକୃତି ସ୍ୱରୂପିଣୀ ଜଗନ୍ମାତାଙ୍କ ଚରଣପଙ୍କଜରେ ଆତ୍ମସମର୍ପଣ କରାଯାଏ । ଆଜିର ଧ୍ୱଂସମୁଖୀ ବିଶ୍ୱମାନବସମାଜକୁ ସେମାନେ ହିଁ ରକ୍ଷା କରନ୍ତୁ - ଏତିକି ବିନୀତ ପ୍ରାର୍ଥନା ।

ବ୍ୟାସ ମହାମୁନି ମହାଭାରତ ମହାପୁରାଣରେ ଋଷି ଉଦାଳକଙ୍କ ମୁହଁରେ ସନାତନ ଧର୍ମର ଏହି ଟିପ୍ପଣୀ କୁହାଇ ଅଛନ୍ତି - ଜଣେ ସ୍ତ୍ରୀ ସ୍ୱଜାତୀୟ ଶତ ସହସ୍ର ପୁରୁଷଙ୍କ ପ୍ରତି କାମାସକ୍ତ ହେଲେ ମଧ୍ୟ ଦୋଷ ନାହିଁ । ଏହାର 'ଦେଶକାଳ ନିମିତ୍ତ' ବିଚାରକୁ ଆଲୋଚନା ନକରି ଏପରି ଟିପ୍ପଣୀର ମର୍ମାର୍ଥ ଆକଳନ କରାଯାଇ ନପାରେ । ସେପରି କଲେ ବିଚାରଧାରାରେ ବିଭ୍ରାନ୍ତି ଓ ପ୍ରମାଦ ରହିବା ଅସମ୍ଭବ ନୁହେଁ । ଅବଶ୍ୟ ଆଦିମ ମାନବ ସମାଜରେ କାମ ଓ ଜୈବିକ ମୈଥୁନେଚ୍ଛାର ପ୍ରାଧାନ୍ୟ ଥିଲା । ମାତ୍ର ମହାଭାରତ ଯୁଗରେ ଆଦିମତା ଏତେ ନିମ୍ନଗାମୀ ହୋଇ ରହି ନ ଥିଲା । ସଭ୍ୟଶିକ୍ଷିତ ସମାଜରେ ଜୈବପ୍ରବୃତ୍ତିପ୍ରସୂତ କାମ ଭାବ, ପ୍ରେମ ଭାବକୁ ରୂପାନ୍ତରିତ ହେଲା । ଆଦିମ ସମାଜରେ ଧର୍ମ ଓ ଅଧ୍ୟାତ୍ମ ଭାବନା ନଥିଲା । ଥିଲେ ମଧ୍ୟ ତାହା ପୂର୍ଣ୍ଣ ବିକଶିତ ହୋଇନଥିଲା । ନିବୃତ୍ତି ଓ ସଂଯମତାର ରୁଚିବୋଧ ସେତେବେଳେ ନଥିଲା । କ୍ରମଶଃ ଧର୍ମ ଓ ଅଧ୍ୟାତ୍ମଭାବନା ଓ ଚିନ୍ତନର ବିକାଶ ସହିତ ମଣିଷ ଉଦାର, ପ୍ରଶାନ୍ତ ଓ ବିମଳ ଆନନ୍ଦର ଅଧିକାରୀ ହେଲା । ଉଦାର ଓ ପ୍ରଶାନ୍ତ ମନୋଭାବ ଓ ବିମଳ ଆନନ୍ଦର ଅଧିକାରରୁ ପ୍ରେମଭାବର ଉନ୍ମେଷ ଘଟିବାକୁ ଲାଗିଲା । ପ୍ରେମ ଏକ ଦିବ୍ୟଭାବ । ଆଧ୍ୟାତ୍ମିକ ଚେତନାରେ ପ୍ରେମ ହେଉଛି ଅନ୍ତରର ସମର୍ପିତ ଅନୁରାଗରେ ଦୁଇଟି ଉତ୍କୃଷ୍ଟ ଆତ୍ମାର ଆବେଗିକ ସଂଯୋଗ । ଏହାକୁ ରହସ୍ୟାବୃତ୍ତ ପ୍ରେମ ଓ ଧ୍ୟାନର ଅଭିନ୍ନତା ବୋଲି ମଧ୍ୟ କୁହାଯାଏ । ଶାରୀରିକ ମିଳନ ଏହି ଉତ୍କୃଷ୍ଟ ଆତ୍ମିକ ଆବେଗର ଆଲଙ୍କାରିକ ଉପଚାର ମାତ୍ର । ଶରୀରର ରକ୍ତ ମାଂସରୁ ପ୍ରେମ ଅଲଗା କରି ନହେଲେ ମଧ୍ୟ ଆଧ୍ୟାତ୍ମିକ ଚେତନା ଓ ଭଗବଦ୍ ଭାବନା ଦ୍ୱାରା ତୁଚ୍ଛ ଅସାର ପ୍ରବୃତ୍ତିକୁ ପରିଷ୍କୃତ ଓ କାମନାକୁ ପରିମାର୍ଜିତ, ସଂଶୋଧିତ ଓ ସଂସ୍କାରିତ କରିବା ଅସମ୍ଭବ ବ୍ୟାପାର ନୁହେଁ । ଏହାହିଁ ଶାନ୍ତିର ପଥ । ଏହା କଳଙ୍କିତ କର୍ଦ୍ଦମାକ୍ତ କାମ ମାର୍ଗ ନୁହେଁ । ମାତ୍ର ଦୁଃଖ ଓ ପରିତାପର ବିଷୟ-ଆଜି ମନୁଷ୍ୟ ତ୍ୟାଗନିଷ୍ଠ ଶୁଦ୍ଧପୂତ ପ୍ରେମର ମାର୍ଗ ପରିହାର କରି ନିଃସଙ୍ଗ ଜୀବନର ଅସହ୍ୟ ପୀଡ଼ାରେ ଆହତ ହୋଇ ସଂସ୍କାର-ସଂସ୍କୃତିକୁ ନଷ୍ଟ କରିବାର ସମସ୍ତ ବିଷମ ଘଟଣାକୁ ଆହ୍ୱାନ କରି ଆଣୁଛି । ଅନାବିଳ ଦିବ୍ୟ ପ୍ରେମର ପରିକଳ୍ପନା ବ୍ୟଭିଚାରୀମାନଙ୍କୁ ରୁଚିକର ବୋଧ ହେବା ଅସମ୍ଭବ । ଆଦିମ ମିଳନର

ବୃଭନ୍ତ ଚେତନା ଆଜିର ବ୍ୟବସାୟିକ ସମାଜରେ ମଧ୍ୟ ଅସମ୍ଭବ । ପ୍ରେମର ଅତିନ୍ଦ୍ରିୟ ମୂଲ୍ୟ ବୁଝିବା ପାଇଁ ଆଜି ସମାଜରେ ଲୋକଙ୍କର ସଂଖ୍ୟା ବିରଳ । ଧର୍ମରେ ବିଶ୍ୱାସ ଓ ଆସ୍ଥା ହଜାଇ ଦେଇ ଆଜିର ମଣିଷ ମୃତ୍ୟୁ ବିରୋଧରେ ଯୁଝିବା ପାଇଁ ଆବଶ୍ୟକ ହେଉଥିବା ତା'ର ଶେଷ ଅସ୍ତ୍ରକୁ ହରାଇ ବସିଛି । ପ୍ରେମର ଦିବ୍ୟତ୍ୱ ସଂପର୍କରେ ଅଜ୍ଞାନ ଅଚେତନ ହୋଇ କାମଭାବର ଅତୃପ୍ତି, ଅପ୍ରାପ୍ତି ଓ ତଜ୍ଜନିତ ଦୀର୍ଘଶ୍ୱାସ ଓ ହତାଶା ଆଜି ମଣିଷକୁ ଅଶାନ୍ତ ଗ୍ରହରେ ପରିଣତ କରିଦେଇଛି । ଅଶାନ୍ତ ଗ୍ରହ ଭଳି ଆଜିର ମଣିଷ କାମ ପ୍ରବୃତ୍ତିରେ ଅନ୍ଧ ହୋଇ ଦିଗ୍‌ବିଦିଗଶୂନ୍ୟ ମୃତ୍ୟୁ ପଥରେ ତୀବ୍ରବେଗରେ ଗତି କରିଚାଲିଛି ।

ସମୟର ପରିବର୍ତ୍ତନ ଘଟିଛି କିମ୍ୱା ମଣିଷର ମନ ଓ ଦୃଷ୍ଟିକୋଣର ପରିବର୍ତ୍ତନ ଘଟିଛି - ଏହା ବିତର୍କର ବିଷୟ । ତେବେ ପରିବର୍ତ୍ତନ ହେତୁ ମଣିଷର ରୁଚିବୋଧ ଓ ଭାବମୂର୍ତ୍ତି ଏବଂ ସମାଜ, ପରିବାର, ଦମ୍ପତିର ରୂପରେଖରେ ବିଦୃଶ ବିକୃତିର ଚିତ୍ର ସ୍ପଷ୍ଟ ପରିଲକ୍ଷିତ ହେଉଅଛି । ଏହାଫଳରେ ଆଜିର ସାମାଜିକ ପୃଷ୍ଠଭୂମିରେ ନାରୀ, ଅଧୋଗତି ପରିଦୃଷ୍ଟ ହେଉଛି । ନାରୀର ଅଧୋଗତିରୁ ସଂସ୍କୃତିର ଅବନତି ଘଟୁଛି । ସବୁଠି ନାରୀର ପରାଜୟ ହେଉଛି । ମାତ୍ର, ଦୁର୍ଭାଗ୍ୟକୁ ସୌଭାଗ୍ୟ ମନେକରି ଏ ପରାଜୟକୁ ନାରୀ ସମାଜ ନିଜର ସର୍ବତୋଭାବେ ବିଜୟ ମନେକରି ଜୟଜୟକାର କରୁଛି ।

ଶେଷରେ ଆମର କେବଳ ଏତିକି କହିବାର ଅଛି - ଆଦିମତା ଓ ଆଧୁନିକତା ଏବଂ ସଭ୍ୟତା ଓ ଅସଭ୍ୟତାର ସଂପର୍କ ବୋଧହୁଏ ନିବିଡ଼ ଓ ନିକଟତର ।

ଓଁ ବିଶ୍ୱଗୁରୁ ପରମାତ୍ମନେ ନମଃ !!!

ଅବୁଝାମଣାରେ ରହିଗଲୁ ଧନ ପର ବଚନରେ ରସି ।
ନିଜର ଭାଇକୁ ଚିହ୍ନି ନପାରିଲୁ ମୋହିନୀ କଥାରେ ଭାସି ।।
ଖଳକାମୀ ଲୋକ ମୁହଁରେ ମଧୁର ଅନ୍ତରରେ ଭରି ବିଷ ।
ଭାଇ ଭାଇ ମଧ୍ୟେ ପାଚେରୀ ତୋଳିଲା ହରାଇ ଦେଲୁ ବିଶ୍ୱାସ ।।
ସମୟ ଆସିବ ସତ୍ୟ ଅସତ୍ୟକୁ ଆପେ ତୁ ପାରିବୁ ବୁଝି ।
ଦୂରେଇ ରହିଲେ ହିତାକାଂକ୍ଷୀ ଜଣ ଆଉ କି ପାରିବୁ ଖୁଜି ।।

# ଜିଜ୍ଞାସା : ଜିଜ୍ଞାସୁ

*ପରମ ପ୍ରେମମୟ ଜୀବନଦେବତା କ୍ଷମାନୁକମ୍ପାଧର ହର୍ତ୍ତା, କର୍ତ୍ତା, ଭର୍ତ୍ତା, ଦୈବବିଧାତା, ସର୍ବମୟ କର୍ତ୍ତାଙ୍କଠାରୁ ଦୂରେଇ ଯିବା ପଥରେ କାହିଁକିରେ ବାଉଳା ଆଗେଇ ଚାଲିଛ-ଅହଂ ସର୍ବସ୍ୱ ହୋଇ ? ଶ୍ରୀଗୁରୁଦେବ ପ୍ରଭୁପାଦ ଗୁରୁସ୍ୱାମୀଙ୍କୁ ସନ୍ତୁଷ୍ଟ ଆଉ ସଂତୃପ୍ତ କରିବା ପଥ କ'ଣ ଏଯାଏଁ ବି ବୁଝିପାରୁନ ନା ବୁଝି ଅବୁଝା ହୋଇ ଅହଂକାର ଆଉ ବୃଥାଦର୍ପର କ୍ରୀତଦାସ ସାଜିଯାଇଛ ? ଯାହାକୁ ଯେତିକିରେ ରଖିବା କଥା ତା'ର ଭାଗମାପ ବି ଏ ପର୍ଯ୍ୟନ୍ତ ଜାଣିପାରିଲ ନାହିଁ ?*

*ତଥାପି ପରମ କାରୁଣିକ, ପରମକରୁଣାମୟ କୃପାସାଗର ପ୍ରଭୁ ଧୈର୍ଯ୍ୟର ସହିତ ନୀରବ ରହି ବାରମ୍ବାର ହାତଧରି ଅବାଟରୁ ବାଟକୁ ଟାଣି ଆଣିବାର ଇଙ୍ଗିତ ଦେଇ ଚାଲିଛନ୍ତି, ତାହା ବି ହେତୁ କରିପାରୁନା ଯେ !*

*ଏଥର ପାଇଁ 'ଚରମ' ପୃଷ୍ଠା ମଣ୍ଡନ କରି 'ଜିଜ୍ଞାସା:ଜିଜ୍ଞାସୁ:' ସ୍ତମ୍ଭରେ ଭେଟି ତୁମମାନଙ୍କ ପାଇଁ -*

ପ୍ରଶ୍ନ ପରି ପ୍ରଶ୍ନ ମାର୍ଗ ଧରି
ଜ୍ଞାନ କୃପାଣ ଶାଣିତ କର,
ତତ୍ତ୍ୱଜ୍ଞାନ ସହ ଭାବଭକତିକୁ
ଅତି ଯତନେ ସଜାଡ଼ି ଧର ।

ଆପଣା ପ୍ରତିଷ୍ଠା ପାଶୋରି ଶ୍ରୀପ୍ରଭୁ-
ପାଦଦେବତା ପ୍ରତିଷ୍ଠା ପାଇଁ,
ଅହଂକାରଖୋଳ ତେଜିଦେଇ ମଣି !
ଆସ ଉତ୍କଣ୍ଠାରେ ପାଶେ ଧାଇଁ ।

ଜ୍ଞାନ କଇବଲ୍ୟ ତତ୍ତ୍ୱପ୍ରସାଦ
ଲଭି ହୁଅ ଧନ ! ସୁପ୍ରସନ୍ନ,
ଜଗତରେ କେବେ କେଉଁଥିପାଇଁବି
ତିଳେହେବ ନାହିଁରେ ବିଷଣ୍ଣ ॥

ଜିଜ୍ଞାସୁ : ମଣିଷ କର୍ମଯୋଗ କରିଥାଏ - ଈଶ୍ୱରଙ୍କୁ ପାଇବା ପାଇଁ । ଆଉ ସେହି ସାଧନାରୁ ସିଦ୍ଧି ମିଳେ । ଏହାକୁ ଆମେ ଆତ୍ମଜ୍ଞାନ ସାଧନ ବୋଲି ବୁଝିଥିଲୁ । କିନ୍ତୁ, ସାଧନା ଦ୍ୱାରା ବିଷୟଭୋଗକୁ ଭୋଗ କରି ତାହାର ତ୍ୟାଗ ପ୍ରଣାଳୀକୁ ସାଧନା ଦ୍ୱାରା ସୂତ୍ର ଜାଣିବାର କୌଶଳକୁ ଆପଣ ସାଧିବାକୁ କହୁଛନ୍ତି । ତେବେ, ବର୍ତ୍ତମାନ ବିଷୟ ଭୋଗର ସାଧନ ସୂତ୍ରର କୌଶଳ କିପରି ?

ଠାକୁର : ତୁମେ କହୁଛ - କର୍ମଯୋଗ ସାଧନ କଲେ ଈଶ୍ୱର ମିଳନ୍ତି ।

ଜିଜ୍ଞାସୁ : ଆଜ୍ଞା, ହଁ ।

ଠାକୁର : ଈଶ୍ୱରଙ୍କୁ ତୁମେ ସାଧନାରେ ଖୋଜୁଛ ?

ଜିଜ୍ଞାସୁ : ପ୍ରାୟ ସମସ୍ତେ ତ ଈଶ୍ୱର ପ୍ରାପ୍ତି ହେଉ କିମ୍ବା ଈଶ୍ୱରଙ୍କ କୃପା ଓ କରୁଣା ଲାଭ ପାଇଁ କର୍ମଯୋଗ ସାଧନା କରନ୍ତି ।

ଠାକୁର : ଈଶ୍ୱର କ'ଣ ଦୁନିଆରୁ ହଜିଯାଇଛନ୍ତି ଯେ, ତୁମେ ତାଙ୍କୁ ସାଧନାରେ ଖୋଜିବ ? ଶାସ୍ତ୍ରଜ୍ଞ ତଥା ପୂର୍ବପୁରୁଷଗଣ କହିଛନ୍ତି - ଈଶ୍ୱର ତୁମ ପାଖେ ପାଖେ ଅଛନ୍ତି । ଯିଏ ତୁମ ପାଖରେ ଅଛନ୍ତି, ତାଙ୍କୁ ଖୋଜିବାର ଆବଶ୍ୟକତା କ'ଣ ?

ଜିଜ୍ଞାସୁ : ପ୍ରଶ୍ନର ସମାଧାନ କ'ଣ ପ୍ରଶ୍ନ - ପ୍ରଭୁ !

ଠାକୁର : ଯାହା ପ୍ରଶ୍ନ ନୁହେଁ, ତାକୁ ପ୍ରଶ୍ନର ରୂପ ଦେବା କ'ଣ ପ୍ରଶ୍ନ ?

**ଜିଜ୍ଞାସୁ :** ଆପଣଙ୍କ ମତରେ ଈଶ୍ୱରଙ୍କୁ ଖୋଜିବା ପ୍ରଶ୍ନ ନୁହେଁ ।

**ଠାକୁର :** ଯିଏ ସର୍ବଦା ଅଛନ୍ତି, ସେ ନାହାନ୍ତି ବୋଲି ପ୍ରଶ୍ନ କରାଯାଇ ପାରିବ କି ?

**ଜିଜ୍ଞାସୁ :** ନା-ଆଜ୍ଞା । ତା'ହେଲେ ଭଗବାନ ବା ଈଶ୍ୱରଙ୍କୁ ଖୋଜିବା ଆମର ଉଚିତ୍ ନୁହେଁ, ପ୍ରଭୁ ?

**ଠାକୁର :** ତୁମେ ନିଜେ ବିଚାର କର । ଯେ ଦୁନିଆରେ ଅଛନ୍ତି, ଦୁନିଆକୁ ଚଳାଉଅଛନ୍ତି, ତାଙ୍କୁ ଖୋଜିବାର ଆବଶ୍ୟକତା ଅଛି କି ?

**ଜିଜ୍ଞାସୁ :** ତା'ହେଲେ ପ୍ରଭୁ, ଆମେ କାହାକୁ ଖୋଜିବୁ ?

**ଠାକୁର :** ନିଜକୁ ।

**ଜିଜ୍ଞାସୁ :** ତା ହେଲେ, ପୁଣି ସାଧିବୁ କାହାକୁ ?

**ଠାକୁର :** ତୁମେ ନିଜେ କ'ଣ ସିଦ୍ଧ ନୁହଁ ? ତୁମର ଅଙ୍ଗ ଅବୟବ କ'ଣ ଅପୂର୍ଣ୍ଣାଙ୍ଗ ଅଛି ଯେ ତୁମେ ତାକୁ ସାଧନ ଦ୍ୱାରା ପୂର୍ଣ୍ଣ କରିବ ?

**ଜିଜ୍ଞାସୁ :** ପ୍ରଭୁ ! ଆମର ଶରୀର କ'ଣ ସିଦ୍ଧ ?

**ଠାକୁର :** ତୁମ ଶରୀରର ଅଙ୍ଗ ଅବୟବ - ହାତ, ଗୋଡ, ପାଟି, ନାକ, କାନ, ପେଟ କ'ଣ ଅପୂର୍ଣ୍ଣାଙ୍ଗ ହୋଇଆସିଛି, ଯେ ତୁମେ ତାକୁ ସାଧନ ଦ୍ୱାରା ପୂର୍ଣ୍ଣ କରି ଈଶ୍ୱର ପ୍ରାପ୍ତି ହେବ ?

**ଜିଜ୍ଞାସୁ :** ଯଦି ଆମର ଶରୀର ସିଦ୍ଧ, ତା'ହେଲେ ସାଧନ କରିବୁ କାହାକୁ ?

**ଠାକୁର :** ନିଜକୁ ।

**ଜିଜ୍ଞାସୁ :** ଆପଣଙ୍କ ମତରେ ଶରୀର ସିଦ୍ଧ । ପୁଣି ନିଜକୁ ସାଧିବୁ ! ଏପରି ଦ୍ୱିବିଧ ଅର୍ଥର ନିଷ୍ପତ୍ତି କିପରି ?

**ଠାକୁର :** ଈଶ୍ୱର ଯେତେବେଳେ ଶରୀର ତିଆରି କରିଛନ୍ତି, ସିଦ୍ଧ ଆଉ ପୂର୍ଣ୍ଣାଙ୍ଗ କରି ସାରିବା ପରେ ଜନ୍ମ ଦେଇଛନ୍ତି । ଏଣୁ ଜୀବ ଜନ୍ମ ନେବା ମାତ୍ରେ ତା'ର ଶରୀର ସ୍ୱତଃପ୍ରବୃତ୍ତ ଭାବେ କ୍ରିୟା କରିଥାଏ । କିନ୍ତୁ ପ୍ରାଣୀର ମାନସିକତାର ବିକାଶ ହୋଇ ନଥାଏ । ସମୟାନୁକ୍ରମେ ଶରୀର ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ମାନସିକତାର ବିକାଶ ହୋଇଥାଏ । ଦେହ ବା ଶରୀର ଜନ୍ମରୁ ସିଦ୍ଧ । ଆଉ ଜନ୍ମ ପରେ ମାନସ ଶିକ୍ଷା ଦ୍ୱାରା ବିକଶିତ ହୋଇଥାଏ । ଶିକ୍ଷାକୁ ସାଧିବା ଦ୍ୱାରା ମାନସିକତାର ବିକାଶ ହୁଏ, ଯାହାଫଳରେ ଜୀବନକୁ ଯଥାର୍ଥ ମାର୍ଗରେ ନେଇ, ଜୀବନର ମୂଲ୍ୟବୋଧକୁ ଉପଲବ୍ଧ କରାଇବାରେ ସହାୟକ ହୁଏ ।

**ଜିଜ୍ଞାସୁ :** କେହି କେହି ଶରୀର ସାଧନକୁ ମୁଖ୍ୟ କରି ଆସନ, ପ୍ରାଣାୟାମ, ଧ୍ୟାନ, ଧାରଣା, ଜପ, ତପ କରିଥାଆନ୍ତି । ସେମାନଙ୍କର ଧାରଣା-ଫଳତଃ ଅଙ୍ଗ ସାଧନରେ ମାନସର ସାଧନ ଆପେ ହୋଇଥାଏ । କିନ୍ତୁ, ଆପଣଙ୍କ ମତରେ ଶରୀର ସିଦ୍ଧ, କିନ୍ତୁ ମାନସ ସିଦ୍ଧ ନୁହେଁ । ଏହି ରୂପେ ସମାଧାନ ଆଣି ମାନସ ସାଧନକୁ ଶ୍ରେୟଃ ବୋଲି କହୁଛନ୍ତି । ଅମେ ଦ୍ୱନ୍ଦରେ ପଡୁଛୁ । ଆମେ ଆଜି ପର୍ଯ୍ୟନ୍ତ ଶରୀର ସାଧନ କଥା ଜାଣିଥିଲୁ । ତେବେ, ପ୍ରଭୁ ! 'ମାନସ ସାଧନ' କିପରି ?

**ଠାକୁର :** ମନେରଖ, ମାନସ ହେଉଛି ଶରୀରର ଚାଳକ । ମାନସ ଶରୀରକୁ ଉତ୍ତେଜିତ କରେ । ଯେପରି ମାନସ ଚିନ୍ତାଗ୍ରସ୍ତ ହେଲେ ଶରୀରରେ ବଳ ଥିଲେ ମଧ୍ୟ ସେ ନିର୍ବଳ ହୋଇ ଯାଇଥାଏ । ମଣିଷର ଅନ୍ତଃକରଣ ଜନ୍ମ ପରେ ଧୀରେ ଧୀରେ ବିକଶିତ ହୁଏ । ଅନ୍ତଃକରଣରେ ମାନସର ବିକାଶ ହେଉଥିବା ସମୟରେ ତା' ଉପରେ ସଂସାର ଚଳଣିର ଛାପ ପଡେ ଓ ମାନସକୁ ତଦନୁରୂପେ ଗଢ଼ି ତୋଳେ ।

'ଶିକ୍ଷା' ହେଉଛି ଏକ ମାନସିକ କ୍ରିୟା । ଶରୀର ଆପେ ଆପେ ସ୍ୱତଃ ପ୍ରବୃତ୍ତ ଭାବେ ବୃଦ୍ଧି ପାଇଥାଏ । କିନ୍ତୁ, ମାନସର ବିକାଶ ପାଇଁ କେବେହୁଁ ଶିକ୍ଷା ନ ପାଇଲେ ନରବୃକ୍ଷ ଉତ୍ତମ ଫଳ ଦେଇପାରିବ ନାହିଁ । ଗଛ ମୂଳରେ ଖତସାର ଦେଲେ, ସେ ଅଧିକ ଫଳପ୍ରସୂ ହୋଇଥାଏ । ସେହିପରି ମଣିଷର ମାନସିକତାର ବିକାଶ ସାଧନ ପାଇଁ ଶିକ୍ଷାରେ ଇନ୍ଧନ ଯୋଗାଇଲେ, ସେ ନରଜନ୍ମର ମୂଲ୍ୟବୋଧକୁ ବୋଧଗମ୍ୟ କରିଥାଏ, ନ ହେଲେ ଜଡ଼ ପରି ଜୀବନଯାପନ କରିବାକୁ ପଡ଼ିଥାଏ ।

ଜିଜ୍ଞାସୁ : ପ୍ରଭୁ ! ଆପଣ କେତେବେଳେ ଶରୀରକୁ ଗୁରୁତ୍ୱ ଦେଉଛନ୍ତି ତ କେତେବେଳେ ମାନସକୁ ଗୁରୁତ୍ୱ ଦେଉଛନ୍ତି । ଆମେ ଏଥିରେ ସମନ୍ୱୟ ଆଣି ନ ପାରି ଦ୍ୱନ୍ଦ୍ୱରେ ପଡୁଛୁ । ଏହି ପରିପ୍ରେକ୍ଷୀରେ ଆମର କର୍ତ୍ତବ୍ୟ କ'ଣ ?

ଠାକୁର : ଶରୀର ବ୍ୟାଧିଗ୍ରସ୍ତ ହେଲେ, ଶରୀରକୁ ତୁମେ ଗୁରୁତ୍ୱ ଦିଅ । ଆଉ ମନ ? ମନ ଭାରାକ୍ରାନ୍ତ ହେଲେ ମାନସକୁ ଗୁରୁତ୍ୱ ଦିଅ । ଉଭୟଙ୍କର ସାଧନା ଅଛି । ଶରୀର ଯେହେତୁ ପୂର୍ଣ୍ଣାଙ୍ଗ, ତାକୁ ନିୟନ୍ତ୍ରଣ କରିବାପାଇଁ ଶାରୀରିକ ଆଚରଣର ଆବଶ୍ୟକତା ଅଛି । ଆଉ ମାନସ ସାଧନ କରିବାକୁ ବିଚାରଜ୍ଞାନର ଆବଶ୍ୟକତା ଅପରିହାର୍ଯ୍ୟ ।

ଜିଜ୍ଞାସୁ : ଆଚରଣ ଆଉ ବିଚାରଜ୍ଞାନ - ଏହି ଦୁଇଟି ତତ୍ତ୍ୱର ଭେଦସୂତ୍ର କିପରି ? ଶରୀର ପାଇଁ ଆଚରଣ ଓ ମାନସ ବା ଅନ୍ତଃକରଣ ପାଇଁ ବିଚାରଜ୍ଞାନ - ଏହାକୁ ଆମେ ପାଇବୁ କେଉଁଠୁ ? ଏହା କ'ଣ ଆମ ଭିତରୁ ଆପେ ଆପେ ଉତ୍ପନ୍ନ ହେବ ନା ଏଥିପାଇଁ ମାଧ୍ୟମ ଆବଶ୍ୟକ ? ପ୍ରଭୁ !

ଠାକୁର : ଦୁଇଟି ଯାକ ତତ୍ତ୍ୱ ଦରକାର । ଆଚରଣ ତୁମ ଭିତରେ ଅଛି, ତାହାର ପରିଚାଳନା ପାଇଁ କୌଶଳ ଜାଣିବା । ଅନ୍ତଃକରଣ ମଧ୍ୟ ତୁମର ଅଛି, ତହିଁରେ ବିଚାରଜ୍ଞାନ ସୃଷ୍ଟି କରିବା ।

ଜିଜ୍ଞାସୁ : ଯଦି ଉପରୋକ୍ତ ଦୁଇ ତତ୍ତ୍ୱ ଆମ ଭିତରେ ଅଛି, ତେବେ ତାହା ଆମ ଭିତରେ ଆପେ ସୃଷ୍ଟି ହେଉ ନାହିଁ, କାହିଁକି ?

ଠାକୁର : ଶୁଣ, ମଣିଷ ଭିତରେ ସଂସ୍କାର, ମଞ୍ଜି ଆକାରରେ ଅଛି । ଯେପରି ମଞ୍ଜି ଭିତରେ ଗଛ ଥାଏ । ମାଟି, ପାଣି, ପବନ ଓ ଆଲୋକ ପାଇଲେ ମଞ୍ଜିରୁ ଗଛ ହୁଏ, ସେହପରି ମଣିଷ ଭିତରେ ଭୋଗାଭୋଗ ଯୋଗାଇବା ପାଇଁ ସଂସ୍କାର ଜନ୍ମଗତ ହୋଇ ଆସିଥାଏ । ତାହା ପରିବେଶ ପାଇଲେ ଭାବ ତୋଳି ଶରୀରକୁ ଉନ୍ମାଦିତ କରିଥାଏ । ସଂସ୍କାରରୁ ଉପୁଜି ଭାବ ନିୟମାନୁଯାୟୀ କ୍ରମାନୁସାରେ ମନ୍ଥନ ହୋଇ ବିଚାର ଓ ଜ୍ଞାନରେ ପରିଣତ ହୁଏ ।

ଜିଜ୍ଞାସୁ : ପରିବେଶ କ'ଣ ?

ଠାକୁର : ପରିବେଶ ହେଉଛି ତୁମର ଜନନୀ । ଯେପରି ମାଆକୁ ଛାଡ଼ି ତା'ର ସନ୍ତାନ ବଞ୍ଚିପାରେ ନାହିଁ, ଠିକ୍ ସେହିପରି ପରିବେଶ ବିନା ମାନସିକତା ବଞ୍ଚିପାରେ ନାହିଁ, କି ବଢ଼ିପାରେ ନାହିଁ ।

ଜିଜ୍ଞାସୁ : ପରିବେଶ ସୃଷ୍ଟି କରିବା ଦାୟିତ୍ୱ କାହାର ପ୍ରଭୁ ?

ଠାକୁର : ଦେଖ ! ସ୍ରଷ୍ଟା ସୃଷ୍ଟିକୁ ପରିସ୍ଫୁଟ କରିବା ପାଇଁ ତାଙ୍କର ଜ୍ଞାନୀ, ଗୁଣୀ, ଦୁଷ୍ଟ, ଶିଷ୍ଟ ପୁତ୍ରମାନଙ୍କୁ ଜନ୍ମସିଦ୍ଧ କରି ଧରାଧାମକୁ ପଠାଇଥାଆନ୍ତି । ଏମାନେ ଧରାଧାମକୁ ଆସି ଜନ୍ମସିଦ୍ଧ ଥିବାରୁ ସୁ'ପରିବେଶ ଓ କୁ'ପରିବେଶ ସୃଷ୍ଟି କରିଥାଆନ୍ତି । ସଂସ୍କାର ନେଇ ଜନ୍ମ ନେଇଥିବା ଜୀବ ଉପରେ ସିଦ୍ଧ ପୁରୁଷମାନଙ୍କର ଚଳଣିର ପ୍ରଭାବ ପରିବେଶ ସୃଷ୍ଟି କରାଇ ପ୍ରଭାବିତ କରିଥାଏ । ଉକ୍ତ ପରିପ୍ରେକ୍ଷୀରେ

ସାଧାରଣ ଜୀବ ଦୁଷ୍ଟ ହେଉ ବା ଶିଷ୍ଟ ହେଉ କୌଣସି ନା କୌଣସି ପ୍ରଭାବରେ ପ୍ରଭାବିତ ହୋଇ ତଦନୁପାତିକ ହୋଇଥାଏ ।

ଜିଜ୍ଞାସୁ : ଦୁଷ୍ଟ ବୁଦ୍ଧି କ'ଣ ଈଶ୍ୱର ସୃଷ୍ଟ ?

ଠାକୁର : ଦେବ ଓ ଅସୁର ସୃଷ୍ଟି ତତ୍ତ୍ୱର ଦୁଇଟି ବିଭାଗ । ଦୁଷ୍ଟ, ଶିଷ୍ଟ ଉଭୟ ମାର୍ଗ ଈଶ୍ୱର ତାଙ୍କର ସୃଷ୍ଟିରେ ରଖିଛନ୍ତି ।

ଜିଜ୍ଞାସୁ : ଈଶ୍ୱର ତ ମଙ୍ଗଳମୟ । ଦୁଷ୍କାମୀର ସୃଷ୍ଟି କ'ଣ ଜଗତ ପାଇଁ ଶୁଭଦାୟକ ? ପ୍ରଭୁ !

ଠାକୁର : ଦୁଷ୍ଟଙ୍କ ପାଇଁ ତ ଅବତାର ।

ଜିଜ୍ଞାସୁ : ଆମେ ବୁଝିଛୁ ଯେ ସାଧୁମାନଙ୍କ ଉଦ୍ଧାର ପାଇଁ ଅବତାର । ଦୁଇଟି କଥାରୁ କେଉଁଟି ସତ୍ୟ ?

ଠାକୁର : ଦୁଇଟି ଯାକ ସତ ।

ଜିଜ୍ଞାସୁ : କିପରି ? ପ୍ରଭୁ !

ଠାକୁର : ନିଜେ ବିଚାର କର । ଅବତାର ସଂହାରକ ନୁହଁନ୍ତି । ସେ ହେଉଛନ୍ତି ଉଦ୍ଧାରକର୍ତ୍ତା । ଦୁଷ୍ଟ ଓ ଶିଷ୍ଟ ଉଭୟ କର୍ମରେ ଉଦ୍ଧାର ଅଛି । ଈଶ୍ୱର ସବୁରି ଭିତରେ ବିଦ୍ୟମାନ ।

ଜିଜ୍ଞାସୁ : ସୃଷ୍ଟିରେ ଯଦି ଏଭଳି ପରିବେଶ ଅଛି, ତେବେ ଆମେ କେଉଁ ପରିବେଶରେ ମିଶିବୁ ?

ଠାକୁର : ତୁମର ରୁଚି ଅନୁଯାୟୀ ଦୁଷ୍ଟ ହୋଇପାର, ଶିଷ୍ଟ ବି ହୋଇପାର ।

ଜିଜ୍ଞାସୁ : ଏ ପଟ ନ ହେଲେ ସେ ପଟ । ଯାହା ବି ହେଲେ ଗୋଟିଏ ରାସ୍ତା ଧରିବାକୁ ହେବ ।

ଠାକୁର : ଏକ ପାଖିଆ କ'ଣ ବଣିଜ ହୁଏ ? ଭଗବାନ ତ ସୃଷ୍ଟିରେ ଦୁଇଟି ବାଟ ରଖିଛନ୍ତି । ତୁମେ ଏକ ପାଦିଆ ବାଟ ଚାଲିବ କେମିତି ?

ଜିଜ୍ଞାସୁ : ତା'ହେଲେ ଆମେ କେଉଁ ପଥ ଧରିବୁ ?

ଠାକୁର : ଦୁଇଟି ତତ୍ତ୍ୱର ସମନ୍ୱୟ ହେଉଛି - ବାଟ । ସଂଗ୍ରାମ ନୁହେଁ । ଏକ ପାଖିଆ କୌଣସି କାର୍ଯ୍ୟ ହୁଏ ନାହିଁ । ଦୁଷ୍ଟ ବୁଦ୍ଧି ରହିବ, ଶିଷ୍ଟ ବୁଦ୍ଧି ବି ରହିବ । ଦୁଇ ତତ୍ତ୍ୱ - ଦେବ ଓ ଅସୁର ସମ୍ପଦ ମଧ୍ୟରେ ସମନ୍ୱୟ ଆଣି ପାରିଲେ, ସାଗର ମନ୍ଥନରୁ ଅମୃତ ବାହାରିଲା ଭଳି ଜୀବନରେ ଭାତୃତ୍ୱର ସହଯୋଗ ଓ ସହାନୁଭୂତି ମିଳିପାରିବ, ଯାହା ତୁମ ଜୀବନର ଚଳଣିରେ ଅମୃତତ୍ୱ ଆଣି ପାରିବ ।

ଜିଜ୍ଞାସୁ : ସମନ୍ୱୟ ଆଣିବୁ କିପରି ? ପ୍ରଭୁ !

ଠାକୁର : ଦିଗ୍‌ଦର୍ଶକମାନଙ୍କ ଆଶ୍ରୟ ନେଇ ଶିକ୍ଷାରେ ଅନୁପ୍ରାଣିତ ହେଲେ, ସମନ୍ୱୟ ସହଜରେ ଆଣିପାରିବ ।

ଜିଜ୍ଞାସୁ : ଶାସ୍ତ୍ରକୁ ଅଧ୍ୟୟନ କରି ତଥା ଶାସ୍ତ୍ର ବାକ୍ୟକୁ ପାଥେୟ କଲେ, ତହିଁରୁ ଯେଉଁ ବିଚାର ଜ୍ଞାନର ଉତ୍ପନ୍ନ ହେବ, ତହିଁରେ ଆମେ ଉଭୟ ତତ୍ତ୍ୱରେ ସମନ୍ୱୟ ଆଣି ପାରବୁ କି ?

ଠାକୁର : ବିନା ଶିକ୍ଷାରେ ଶାସ୍ତ୍ରକୁ ଭେଦ କରିବା ବହୁ କଠିନ । ଶାସ୍ତ୍ରରେ ଭିନ୍ନ ଭିନ୍ନ ସମୟ ଓ ଭିନ୍ନ ଭିନ୍ନ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ପ୍ରକାରର ନୀତିନିୟମ ସୃଷ୍ଟି କରାଯାଇଛି । ଶାସ୍ତ୍ର ଏତେ ବହୁଳ ଓ ବ୍ୟାପକ ଯେ ତୁମେ ଶାସ୍ତ୍ରରୁ ବର୍ତ୍ତମାନକୁ ମୁକାବିଲା କରିବାର ବିଚାରଧାରା ଆଦୌ ପାଇ ପାରିବ ନାହିଁ । କାହିଁକି ନା, ସୃଷ୍ଟି ଆଗକୁ ଆଗକୁ ଯାଇ ନୂତନ ନୂତନ ବିଷୟ ଉତ୍ପନ୍ନ କରାଉଥିବାରୁ ପୁରାତନକୁ ନେଇ ବର୍ତ୍ତମାନକୁ ମୁକାବିଲା କରିବା ଅସମ୍ଭବ ।

ଜିଜ୍ଞାସୁ : କେହି କେହି ଶାସ୍ତ୍ରକୁ ଆଧାର କରି କ୍ରିୟାଯୋଗ ଆରମ୍ଭ କରନ୍ତି ଓ ଗୁରୁଜ୍ଞାନ ମନେକରି ଜୀବନଚର୍ଯ୍ୟାରେ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି । ଏହି ରୂପେ ବୋଧଜ୍ଞାନ ନେଇ ଜୀବନକୁ ସୁଧାର ମାର୍ଗରେ ନେଇ ପାରିବେ । ଶାସ୍ତ୍ରଜ୍ଞାନ ଆମମାନଙ୍କୁ ଭବସାଗରରୁ ପାରି କରି ପାରିବ ? ପ୍ରଭୁ !

ଠାକୁର : ଶାସ୍ତ୍ର ଜ୍ଞାନକୁ ନିଜର ବୋଧଜ୍ଞାନରେ ବିଚାର କରି କର୍ମରେ ଲଗାଇଲେ ଶିକ୍ଷାର ଅଙ୍ଗ ହାନି ହୋଇଥାଏ । ପ୍ରତ୍ୟକ୍ଷ (ଜୀବନ୍ତ) ପଥ ପ୍ରଦର୍ଶକଙ୍କ ଆଶ୍ରୟ ନ ନେଇ ଧର୍ମ ପଥରେ ବାଟ ଚାଲିଲେ, ଏକଲବ୍ୟଙ୍କ ଭଳି ବୃଦ୍ଧାଙ୍ଗୁଳି ଛେଦନ ହେବା ନିଶ୍ଚିତ । ସୁତରାଂ, ଅସ୍ତ୍ରଶସ୍ତ୍ର ତଥା ଶାସ୍ତ୍ର ବିନା ଗୁରୁରେ ଶିକ୍ଷାଲାଭ କରାଯାଏ ନାହିଁ ।

ଜିଜ୍ଞାସୁ : ଅର୍ଥାତ୍...

ଠାକୁର : ଶିକ୍ଷକ ବିନା ଶିକ୍ଷା ତଥା ଅନୁକରଣ କରିବାର ଶିକ୍ଷା ଏହି ଶିକ୍ଷାରେ 'ଗୁରୁଦ୍ରୋହ ଦୋଷ' ଲାଗିଥାଏ । ଶାସ୍ତ୍ର ଅତୀତ ଘଟଣାବଳୀର ପ୍ରତୀକକୁ ନେଇ ଆସିଛନ୍ତି । ଯେଉଁ ଦିଗ୍‌ଦର୍ଶକ ଦିଗଦର୍ଶନକୁ ନେଇ ସମୟର ପ୍ରଭାବରେ କାଳର ଗର୍ଭରୁ ଆସିଥିଲେ, ସେମାନେ କାଳର ଗର୍ଭରେ ସମୟର ସ୍ରୋତରେ ମିଶିଯାଇଛନ୍ତି । କିନ୍ତୁ, ଦର୍ଶନତତ୍ତ୍ୱ ଓ ବ୍ୟକ୍ତି ଲୀଳାର କାହାଣୀ ବର୍ତ୍ତମାନରେ ରହିଛି । ଅତୀତର ଦର୍ଶନବିଦ୍ ବର୍ତ୍ତମାନକୁ ଆସିବା ଅସମ୍ଭବ ଅଟେ । ଏଣୁ ପଥପ୍ରଦର୍ଶକବିହୀନ ଶାସ୍ତ୍ର ବର୍ତ୍ତମାନକୁ ମୁକାବିଲା କରି ପାରିବ କି ? ଅତୀତ କେବେ ବର୍ତ୍ତମାନକୁ ଆସି ପାରିବ ନାହିଁ । ଅତୀତକୁ ନେଇ ବର୍ତ୍ତମାନକୁ ସାମ୍ନା କରିବା ବା ମୁକାବିଲା କରିବା ଅସମ୍ଭବ । ଶିକ୍ଷାରେ ତତ୍‌କାଳୀନ ଓ ପ୍ରତ୍ୟକ୍ଷ ଗୁରୁଙ୍କର ଆବଶ୍ୟକତା ରହିଛି । ଅନ୍ୟକୁ ଓ ଶାସ୍ତ୍ରର ନୀତିବାଣୀକୁ ଅନୁସରଣ କରି ସେହି ଢାଞ୍ଚାରେ ନିଜକୁ ସଜାଇ ଧାର୍ମିକ ସାଜିଲେ, 'ଗୁରୁଦ୍ରୋହ ଦୋଷ'ର ପାତକ ଲାଗେ ।

ଜିଜ୍ଞାସୁ : ଶାସ୍ତ୍ରକୁ ଅନୁସରଣ କରି ବାଟ ଚାଲିଲେ ଗୁରୁଦ୍ରୋହ ଦୋଷ ଲାଗେ । ତେବେ ଏହି ଗୁରୁଦ୍ରୋହ ଦୋଷର ରୂପରେଖ କିପରି ? ପ୍ରଭୁ !

ଠାକୁର : ଅବାସ୍ତବକୁ ବାସ୍ତବ ମନେକରି । ଅବାସ୍ତବର ଆଢ଼ରେ ବାସ୍ତବକୁ ବା ବର୍ତ୍ତମାନକୁ ଅବଜ୍ଞା କରିବା ହେଉଛି - 'ଗୁରୁଦ୍ରୋହ ଦୋଷ' । ଏହି ଦୋଷର ତିନୋଟି ସୋପାନ ଅଛି ।

କ୍ରମଶଃ...

ଭାଙ୍ଗିବା ଲୋକଠୁ ଗଢ଼ିବା ଲୋକ ଅତି ଉତ୍ତମ ।
ଏକକୁ ଭାଙ୍ଗିଣ ଦିଖଣ୍ଡ ନୁହେଁ ଉଚିତ କର୍ମ ।।
ଏକ ମନ ହେଲେ ସରବେ ସଂଘ ହୁଅଇ ଟାଣ ।
ଭାଗ ହେଲେ ସିନା ବଢ଼ଇ ଖାଲି ପଦବୀ ପଣ ।।
ପଦବୀର ନିଶା ଜହର ଅନ୍ତ କରେ ଭକତି ।
ବଡପଣ ଜାଗେ ଅନ୍ତରେ ନାଶେ ସଂଘ ଶକତି ।।

# ସମ୍ଭବାମି ଯୁଗେ ଯୁଗେ ରତ୍ନବେଦୀ



## ଜନନୀ, ଜଠର, ଜରାୟୁ

ବନ୍ଧୁ, ଏହା ନୁହେଁ ଶୁଣାକଥା
ସାଧନ ଜୀବନେ ଏହା ତତ୍ତ୍ୱପୂର୍ଣ୍ଣ ବ୍ୟକ୍ତ ମହା
ମହିମ ଅବ୍ୟକ୍ତ ମନ୍ତ୍ରେ ଶାନ୍ତଙ୍କର ମଥା
ଦୂରେ ଯାଉ ଜୀବନର ଶତ ଶତ ବ୍ୟଥା ॥

ଏହି ତତ୍ତ୍ୱ ଅବ୍ୟକ୍ତ ଅନନ୍ତ
ଧରାବକ୍ଷେ କହ କିଏ ଏ ବାରତା କେବେ ଦିଏ
ନିଏ ବା ଆଦରି ପୁଣି କେଉଁ ଭାଗ୍ୟବନ୍ତ ?
ପ୍ରାପ୍ତ କର ଯଦି ପାର ହୋଇ ପୂର୍ଣ୍ଣଶାନ୍ତ ॥

ଭ୍ରାନ୍ତ ପଥେ ଯାଉଛ ଆଗେଇ
ବିଚାରୁନ କି କରୁଛ ଅନ୍ଧାରେ ପଥଭୁଲୁଛ
ଅଜ୍ଞାନତା ଗର୍ଭେ ପଶି ଦମ୍ଭରେ ଧସେଇ
ନିଜଠୁ ଆପଣା ଧାରା ନିଜେ ହିଁ ଖସେଇ ॥

'ଚରମ'ର ଏହି ଚରମ ସଙ୍କେତ ଏହି ସଂଖ୍ୟାରେ । ଏହି ସଂକେତ ବୁଝିବା ପାଇଁ ପ୍ରୟାସ ଜାରିରଖ । ଭାବ, ଚିନ୍ତାକର ତ ଥରେ କିଏ ତୁମର ଚରମ ପୁରୁଷ ? ଆତ୍ମସମୀକ୍ଷା କର, ଜୀବନର ଗୁଢ଼ ତତ୍ତ୍ୱ ଯିଏ ବିତରଣ ପାଇଁ ଧରାପୃଷ୍ଠରେ ଅବତୀର୍ଣ୍ଣ, ତାଙ୍କ ଠାରୁ କାହାର ମାୟାରେ ଆଜି ତୁମେ ବିପରୀତ ଦିଗରେ ନିତିପ୍ରତି ଦିନ ଆଗେଇ ଚାଲିଛ । ଗଭୀର ଚିନ୍ତାକର, ପଦ୍ମପାଦକୁ ଦ୍ୱାହି ଦେଇ ଅହଂକାରରେ ଅନ୍ଧ ହୋଇ କାହାର ଦୁର୍ବୁଦ୍ଧିରେ, କାହାର ମନମୁଖୀ ଗୁରୁଦ୍ରୋହୀ କଥାରେ ପଡ଼ି କେଉଁଠି ନତିସ୍ୱୀକାର କରୁଛ ବୃଥାରେ । କିଏ ତୁମର ପୁରୁଷ ? ତୁମେ କାହାର ଗୋପୀ ? ସ୍ଥିର ମନରେ ଅବିଚଳିତ ହୋଇ ଚିନ୍ତାକର, ଗଭୀର ଚିନ୍ତା କର । ପଥ ଅବଶ୍ୟ ପାଇଯିବ । ଅବାଟରୁ ଫେରି ଆସିବ । ଗୋପିକା ଭାବକୁ ଜାବୋଡ଼ି ଧର । ଭାବ, ଭକ୍ତି ନଷ୍ଟ କରିଦିଅ ନାହିଁ । ଅଯଥାରେ ସମୟ ନଷ୍ଟ କରନାହିଁ । ମନେରଖ, ସମୟ ପେଟରେ ମୁକ୍ତା ଅଛି । ଏହି ମହାମୂଲ୍ୟ ମୁକ୍ତା ସଂଗ୍ରହ ନକରି ତୁଚ୍ଛାରେ ବାଳିଗରଡ଼ା ସାଉଁଟୁଛ କାହିଁକି ? ଜନନୀ, ଜଠର, ଜରାୟୁ ଏହାହିଁ ଅତି ଚମତ୍କାରିତାର ସହିତ ସୂଚାଇଦେଉଛି । ବୁଝ, ଏହି ମହାମୂଲ୍ୟ ସୂଚନାର ସୂତ୍ର -

ଚୈତନ୍ୟର ଚିତ୍ତରେଖାରେ ସୁଧ୍ୱନି ମଣ୍ଡଳର ଅବସ୍ଥିତି ସଦାସର୍ବଦା ଶୟନ ଅବସ୍ଥାରେ ଥାଏ । ଚିତ୍ତ ଚୈତନ୍ୟକୁ ଚେତା ଯୋଗାଇ ଅଙ୍ଗ ପ୍ରତ୍ୟଙ୍ଗକୁ କୋଷ ଦ୍ୱାରା ସମସ୍ତ ଚିନ୍ତା ଯୋଗାଇ ଦେଇଥାଏ । ଏହି ଚିନ୍ତା ଦ୍ୱାରା ଜୀବ ସମସ୍ତ କୋଷ ତତ୍ତ୍ୱକୁ ନିର୍ଦ୍ଦେଶ ଦେଇଥାଏ । ତା'ର ନିର୍ଦ୍ଦେଶ ଦ୍ୱାରା ଶବ୍ଦ ବାହାରି ତା'ର କର୍ମମାନ ତିଆରି କରିଥାଏ । ଏହି କର୍ମଦ୍ୱାରା ବୁଦ୍ଧି ବିବେକମାନ ତିଆରି ହୋଇ ସମସ୍ତ କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରି କାର୍ଯ୍ୟ କରେ ଏବଂ ନିର୍ଦ୍ଦେଶ ଦ୍ୱାରା ମଧ୍ୟ କାର୍ଯ୍ୟ ବନ୍ଦ ରଖିଥାଏ । ସୁଧ୍ୱନିର ସ୍ଥିର ଚିତ୍ତକୁ ମଧ୍ୟ ଜଗି ରଖିଥାଏ । ଏହି ରେଖାରୁ କୋଷମାନ ତିଆରି କରି ପଞ୍ଚବିଂଶତି ତତ୍ତ୍ୱକୁ କିଛି ଅଂଶରେ '''' ଆକୃତି ଧାରଣ କରି ନିସ୍ତେଜ ହୋଇ ରହିଥାଏ । ସୁଧ୍ୱନି ବକ୍ର ବକ୍ରାତି କୋଷ ହୋଇ ନିଦ୍ରାରେ ସାହାଯ୍ୟ କରେ । ଏହି କୋଷ ଦୁର୍ବଳ ହେଲେ ନିଦ୍ରା ହୁଏ ନାହିଁ ।

ଏହାଦ୍ୱାରା ପିଣ୍ଡ ଦୁର୍ବଳ ହୁଏ । ମାଆକୁ ନିଦ୍ରା ହୁଏ ନାହିଁ । ଗର୍ଭରେ ଥିବା ଶିଶୁ ଦୁର୍ବଳ ହୋଇ ରହେ ଏବଂ ମାଆ ଠାରୁ ଖାଦ୍ୟ ଗ୍ରହଣ କରେ ନାହିଁ । 'ଚନ୍ଦ୍ରବକ୍ରାତି ରେଖା' ଦ୍ୱାରା ଶିଶୁର ଦେହଯାକ ଲାଲରେଖା ପଡିଥାଏ । ଏହି ରେଖା ଦ୍ୱାରା ମାଆର ପିଣ୍ଡକୁ ଆଳସ୍ୟ ଲାଗେ, ନିଦ୍ରା ହୋଇ ପୁନଶ୍ଚ ଭାଙ୍ଗି ଯାଏ । ତେଣୁ କମ୍ ନିଦ୍ରାରେ ମାଆ ରୁଗ୍ଣ ହୁଏ । ଏହାଦ୍ୱାରା ଚକ୍ଷୁରୋଗ ମଧ୍ୟ ଦେଖାଯାଏ ।

କ୍ଷର ସ୍ୱର ଚୈତନ୍ୟରେ ଶିଶୁ ହାତ ଗୋଡ ହଲାଇ ପାରେ ନାହିଁ । ଧୀରେ ଧୀରେ ଚାଳନ ଶକ୍ତି ଦେଖାଯାଏ । ଶିଶୁକ୍ଷର ସ୍ୱର ଦ୍ୱାରା ଚେତାଶକ୍ତିରେ ଠୁଳ ହୋଇ ରହିଥାଏ । ଚେତାବୃନ୍ଦ ହୋଇ ବିବେକଗୁଚ୍ଛ ମାନ ତିଆରି ହୋଇଥାଏ । ବୁଦ୍ଧି ଦ୍ୱାରା ଚିତ୍ତର ସାହାଯ୍ୟ ନେଇ ବୋଧଜ୍ଞାନ ସୃଷ୍ଟି କରେ । ଏହି ବୋଧଜ୍ଞାନ ଚିତ୍ତ, ଚେତାକୁ ଆଦେଶ ଦେଇ କୋଷ ତିଆରି କରି ରହିଥାଏ । ଚିତ୍ତର ବୋଧଶକ୍ତି ଯେତେ ଦୃଢ଼ ରହିବ, ଚେତାଜ୍ଞାନ ସେତେ ସୁଦୃଢ଼ ହେବ ।

ଦୃଢ଼ ଚହଲି ଗଲେ, ଧୈର୍ଯ୍ୟ ସେତିକି ସରଳ ହୋଇଯିବ । ଚିତ୍ତ ଚୈତନ୍ୟକୁ ବିବେକଜ୍ଞାନ ସରଳ କରି କୋଷ ଆକାରରେ ବୋଧତ୍ୱ ଆଣେ । 'ବଜ୍ରବୋଧ' ଦ୍ୱାରା ଜୀବ ଦୃଢ଼ ହୋଇ ରହିଥାଏ । ସ୍ଥୂଳ ଚେତା ଦ୍ୱାରା ମାଆ ଶିଶୁକୁ ଜାବୁଡ଼ି ଧରି ରହିଥାଏ । ଶିଶୁ ଢଳି ପଡ଼ିଲେ ମାଆର ସ୍ଥୂଳ ବୁଦ୍ଧି ଶକ୍ତି ଆଣି ଶିଶୁଟିକୁ ଆୟତ୍ତ ମଧ୍ୟରେ ରଖେ । ସ୍ଥୂଳ ଚେତନା ସୂକ୍ଷ୍ମ ବୁଦ୍ଧିରୁ ପ୍ରେରଣା ଆସି ମାଆର ଚେତନା ଶକ୍ତିକୁ ଜାଗ୍ରତ କରାଏ । ଏହି ଶକ୍ତି ଦ୍ୱାରା ମାଆ ସଚେତନ ହୋଇଉଠେ ଏବଂ ଶିଶୁକୁ ଆୟତ୍ତ ମଧ୍ୟରେ ରଖେ । ସ୍ଥୂଳ ଆୟତ୍ତର ଶକ୍ତି ମାଆର ଗର୍ଭରେ ରହିଲେ 'ସୂକ୍ଷ୍ମସୂତ୍ର' ବୋଲାଏ, କାରଣ ଚୈତନ୍ୟରୁ ସୂକ୍ଷ୍ମ ସ୍ଥୂଳ ପିଣ୍ଡରେ ଦେହ ଧାରଣ କରି ରହେ ।

ହରି କଥା ଯିଏ କହୁଛି ତାକୁ ନାହିଁ ପରତେ ।
ମିଛରେ ଯେ ମନ ମୋହିଲା ଗଲୁ ତାହାରି ପଥେ ॥
ସୁଫଳ ଅର୍ଜିବା ବଦଳେ କୁଫଳକୁ ଲଭିଲୁ ।
ସତସଂଗ ଛାଡ଼ି ଅଯଥା ଅସତ ସଂଗ କଲୁ ॥
ଜିତେନ୍ଦ୍ରିୟ ହେବା ବଦଳେ ଗଲୁ ଇନ୍ଦ୍ରି ଆୟତେ ।
ଅନୁଗତ ପଣ ହରାଇ ହିଂସା ଧରିଲୁ ଚିତେ ॥



# କଲ୍ୟାଣେ ଦେଲି ଚୋଟେ

(ସଚ୍ଚିଦାନନ୍ଦଙ୍କୁ ପାଇବାପାଇଁ କାହାମନରେ ବ୍ୟାକୁଳତା ନାହିଁ ? ଅବଶ୍ୟ ବ୍ୟାକୁଳତାର କାରଣ ଭିନ୍ନ ଭିନ୍ନ ହୋଇଥାଇପାରେ । କିନ୍ତୁ ବ୍ୟାକୁଳଭାବ ହୃଦୟରେ ନିଶ୍ଚୟ ଅଛି । କିଏ ମିତ୍ରଭାବରେ ଚାହୁଁଛି ତ କେହି ସ୍ୱାମୀ, ନାଥ, ପ୍ରଭୁ ଭାବରେ ଖୋଜୁଛି, ଆଉ କିଏ ଶତ୍ରୁ ଭାବରେ, ମିଥ୍ୟା, ଛଳନା ଆଦି ତର୍କରେ ପରୀକ୍ଷାକରି ଅସତ୍ୟ ଭାବରେ ପ୍ରମାଣ କରିବାକୁ ଚେଷ୍ଟା କରୁଛି । ମାତ୍ର ଲକ୍ଷ୍ୟ ଜଣେ । କ୍ଷତି ନାହିଁ, ଯେଉଁ ଭାବ ହେଉ ପଛକେ, ବ୍ୟକ୍ତି ଯଦି ସେହି ଭାବରେ ଦୃଢ଼ରହି ଶେଷ ସ୍ତରରେ ଉପନୀତ ହୋଇପାରିଲା, ସେ ସେହି ପରମେଶ୍ୱର, ସଚ୍ଚିଦାନନ୍ଦଙ୍କୁ ପାଇବ ହିଁ ପାଇବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ-କଂସ, ରାବଣ, ହିରଣ୍ୟକଶିପୁ ଆଦି ତମଗୁଣୀ ଭକ୍ତଙ୍କୁ ବିଚାରକୁ ନିଆଯାଇପାରେ । ସେମାନେ ଶତ୍ରୁଭାବରେ ଅହରହ ଚିନ୍ତା କରି ଶେଷରେ ଶ୍ରେଷ୍ଠ ଭକ୍ତ ହୋଇଗଲେ ଏବଂ ଶ୍ରୀଅଙ୍ଗରେ ଲୀନ ହୋଇଗଲେ । କିନ୍ତୁ ଆଜି 'ହଁ' କାଲି 'ନାହିଁ' - ଏମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ସେହିମାନଙ୍କ ପାଇଁ ତାଙ୍କର ଏହି କଲ୍ୟାଣଧାରା ବହି ଯାଇଛି ।)

ନାମ ତୁମ ମାୟାଧର କିଏ ଦେଲା
ମାୟା ତ ନିଜେ ହୋଇଛ
ନିଜ ମାୟା ନିଜେ ବିସ୍ତାର କରୁଛ
ମାୟା କେଉଁଠି ଧରିଛ ?

ମାୟାରୂପ ନେଇ ଜୀବ ପିଣ୍ଡେ ରହି
ଇଚ୍ଛାମତେ ଖେଳାଉଛ ।
ତୁମ ଖେଳ ସବୁ ଜଣା ପଡିଲାଣି
ମନେ ମନେ ଲୁଚିଅଛ ।

ଆହେ ଚିତ୍ତାମଣି ମାୟା କୁଣ ଗୁଣି
ଆଉ ନକର ହଟାଣ ।
ମାୟାରୂପ ଛାଡି ଅସଲ ସ୍ୱରୂପେ
କର ମୋ ଜନମ ଶେଷ ।

# କଲ୍ୟାଣ ଦେଲି ତୋତେ

'ଚରମ'ରେ ଧନମୋର ମାନସ ସନ୍ତାନ ।
କଳିହତ ଜୀବଙ୍କର ତୁହି ମହାଧନ ॥୧॥
ଆସୁ ଯେତେ ବାଧାବିଘ୍ନ ତୋ ଚଲାପଥରେ ।
ନିର୍ଭୟରେ ଉଡ଼ିଯିବୁ ସମଗ୍ର ସୃଷ୍ଟିରେ ॥୨॥
ଛାଇପରି ରହିଅଛି ମୁହିଁ ତୋ ସାଥିରେ ॥
କହିଲୁ ରେ ଧନ କିଏ କ୍ଷତି କରିପାରେ ? ॥୩॥
ସେହିଭାବେ ଦୃଢ଼ରହି ଆଜ୍ଞାବାହୀ ଯିବୁ ।
ଗୁପ୍ତଜ୍ଞାନ ଥାପିଦେଇ କୋଳକୁ ଫେରିବୁ ॥୪॥
ପୂର୍ବରୁ ଅଗ୍ନିଙ୍କ ଜନ୍ମବୃତ୍ତାନ୍ତ କହିଛି ।
ଏବେ ଗୁଣକର୍ମମାନ ପ୍ରକାଶ କରୁଛି ॥୫॥
ଜଗତରେ ଯେଉଁ ଅଗ୍ନି ସ୍ଥିତି ବହିଅଛି ।
ପଞ୍ଚଭୂତ, ପଞ୍ଚମହାଭୂତକୁ ବାନ୍ଧିଛି ॥୬॥
'ଭୂତଅଗ୍ନି' ନାମେ ମହାତେଜ ବିସ୍ତାରଇ ।
ଲାଲବର୍ଣ୍ଣ ଜ୍ୟୋତିନେଇ ଶୂନ୍ୟେ ବିହରଇ ॥୭॥
ପିଣ୍ଡମଧ୍ୟେ 'ଜଠରାଗ୍ନି' ନାମେ ବିରାଜିତ ।
ଜୀବ ମନ, ଭାବନେଇ ହୁଅଇ ସମ୍ଭୁତ ॥୮॥
ଖାଦ୍ୟରୂପେ ଜୀବ ଯାହା କରୁଥାଇ ଗ୍ରାସ ।
ପରିପାକ କରନ୍ତି ସେ ପିଣ୍ଡେକରି ବାସ ॥୯॥
ଅଗ୍ନି, ବାୟୁଙ୍କ କାରଣୁ ଜୀବ ଅଛି ବଞ୍ଚି ।
ପ୍ରତିକ୍ଷଣେ ଆଜ୍ଞା ଦେଉଛନ୍ତି ସେ ବିରଞ୍ଚି ॥୧୦॥
ପଞ୍ଚଗୁଣ ଶକ୍ତି ନେଇ ସେହି ବୈଶ୍ୱାନର ।
ଜୀବପିଣ୍ଡରେ ସର୍ବଦା କରନ୍ତି ବିହାର ॥୧୧॥
କ୍ଷୁଧା, ତୃଷା, ନିଦ୍ରା, କ୍ଳାନ୍ତି, ଘର୍ଘରା ଶବଦ ।
ଆଳସ୍ୟ, ଶ୍ୱାସ, ପ୍ରଶ୍ୱାସ, କଲ୍ୟାଣ, ପ୍ରମାଦ ॥୧୨॥
ଅଗ୍ନିଙ୍କ ପ୍ରଭାବେ ହେଉଥାଏ ନିୟନ୍ତ୍ରଣ ।
କ୍ରୋଧ, ଜିଦି, ପ୍ରତିଜ୍ଞାର ଅଟଇ କାରଣ ॥୧୩॥
ନିୟନ୍ତ୍ରିତ ହୋଇ ଯଦି ପିଣ୍ଡେ ଅଗ୍ନି ରହେ ।
ମନରେ ସ୍ୱାଚ୍ଛନ୍ଦ୍ୟ, ଶାନ୍ତି, ଆରାମକୁ ଦିଏ ॥୧୪॥
ଅୟସ, ସନ୍ତୋଷ, ଶୁଭ ମଙ୍ଗଳର ଭାବ ।
ଉଦ୍‌ବେଗ ରହିତ ହୋଇ ସ୍ଥିର ହୁଏ ଜୀବ ॥୧୫॥
ଗୁରୁପାକ, ଅଖାଦ୍ୟ, ଅଭକ୍ଷ ଯେ ଭକ୍ଷଇ ।
କୁପିତ ଅଗ୍ନି ତା ପିଣ୍ଡେ ପ୍ରଚଣ୍ଡ ହୁଅଇ ॥୧୬॥
ରୋଗ, ଶୋକ, ବିଚଳିତ ଭାବ ସୃଷ୍ଟି ହୁଏ ।
ଭାଗ୍ୟ ନିନ୍ଦାକରି ଜୀବ ବହୁ ଦୁଃଖ ପାଏ ॥୧୭॥
ଅସ୍ଥିର ହୋଇଲେ ମନ କ୍ରୋଧଯୁକ୍ତ ହୁଏ ।
କ୍ରୋଧାଗ୍ନିରେ ବଶ ହୋଇ ଅଭିଶପ୍ତ ହୁଏ ॥୧୮॥
ଯାହାର ଶରୀରେ ଅଗ୍ନି ଯେତେ ଶୁଦ୍ଧ ଥାଏ ।
ସେହି ବ୍ୟକ୍ତି ପ୍ରତିଜ୍ଞାରେ ସେତେ ସ୍ଥିର ରହେ ॥୧୯॥
ଶରୀରର ଜ୍ୟୋତି ସେହିଭାବେ ବିରାଜଇ ।
ଅଙ୍ଗ, ଅବୟବ କାନ୍ତି ସୁନ୍ଦର ହୁଅଇ ॥୨୦॥
ଅଗ୍ନିଶାନ୍ତ ଥିଲେ ପିଣ୍ଡେ ବାୟୁ ଶାନ୍ତ ରହେ ।
ଉଭୟ ଶାନ୍ତିରେ ଜୀବ ଦୀର୍ଘ ଆୟୁ ପାଏ ॥୨୧॥
ବ୍ୟତିକ୍ରମ ହୋଇ ବୃଦ୍ଧି ଅବା କ୍ଷୀଣ ହେଲେ ।
ବିପରୀତ ଫଳ ପିଣ୍ଡେ କର୍ମଫଳ ତୋଳେ ॥୨୨॥

ତୋର ମଙ୍ଗଳାକାଂକ୍ଷୀ
ପିତା

# କେଶବ କୈବଲ୍ୟ କଣିକା

## ଠାକୁରଙ୍କ ଶ୍ରୀମୁଖନିଃସୃତ ବାଣୀ :

*(ଆଶ୍ରମାଗତ ଭକ୍ତମାନଙ୍କ ସହିତ ଆଲୋଚନା ସମୟରେ ପରମକାରୁଣିକ ଠାକୁରଙ୍କ ଶ୍ରୀମୁଖନିଃସୃତ ବାଣୀଗୁଡ଼ିକୁ ସଯତ୍ନ ସଂଗ୍ରହ କରିଥିଲେ ଶ୍ରଦ୍ଧେୟ ରମେଶଭାଇ ଓ ଧ୍ରୁବ ଭାଇ ମିଳିତ ଭାବରେ । ୧୯୯୫ ମସିହା ଅଗଷ୍ଟ ମାସ ୧୨ ତାରିଖଠାରୁ ସଂଗୃହୀତ କତିପୟ ବାଣୀ ଏ ପାଖୁଡ଼ାରେ ପ୍ରଦତ୍ତ ।)*

୧. ସଂଘ ଓ ପରିଷଦ୍‌ର କର୍ମକର୍ତ୍ତା ଓ କର୍ମୀମାନେ ଆଗ୍ରହର ସହିତ ପୁରାତନ ଭିତ୍ତିମୂଳକ କାର୍ଯ୍ୟକୁ ଠିକ୍ ଭାବରେ ଚଳାଇରଖି ଅନ୍ୟ ସମସ୍ତଙ୍କୁ ତାହା ଚଳାଇ ରଖିବା ଉପରେ ଗୁରୁତ୍ୱ ଦେଇ କର୍ମ କରିଯିବା ଉଚିତ । ଉଦାହରଣ ସ୍ୱରୂପ-ପ୍ରାର୍ଥନା, ଧ୍ୟାନ, ସାଷ୍ଟାଙ୍ଗ ପ୍ରଣାମ, ଅର୍ଘ୍ୟ ନିବେଦନ, ମହାମନ୍ତ୍ର ସଂକୀର୍ତ୍ତନ, ଆଶ୍ରମ ଓ ଶାଖା ସଂଗଠନ ଓ ପରିଚାଳନା ଆଦି ସବୁ ।

୨. ଉପଦେଶକୁ ନିଷ୍ଠାର ସହିତ ପାଳନ କରିବା ଯେପରି ଉଚିତ, ନିଜ ନିଜର ଆଚରଣକୁ ମଧ୍ୟ ନିଷ୍ଠାର ସହିତ ଚରିତ୍ରଗତ କରି ଗଢ଼ି ତୋଳିବା ସେହିପରି ବିଧେୟ ।

୩. ସମାଜରେ ବ୍ୟକ୍ତିର ଜୀବନ ସମସ୍ୟାବହୁଳ । ଏହି ସମସ୍ୟାମାନ ବ୍ୟକ୍ତିଜୀବନକୁ ଅଶାନ୍ତ କରି ତୋଳିଥାଏ । ବ୍ୟକ୍ତି ଏସବୁ ସମସ୍ୟାର କଥା ମଥାରୁ ବା ଚିନ୍ତାରୁ ଦୂରେଇ ଦେଇ ପାରିଲେ, ଶାନ୍ତି ପାଇଥାଏ । ତେଣୁ ଜୀବନର ସବୁ ଗୋପନକଥା ବିଶ୍ୱାସୀ ଲୋକ ଆଗରେ କହିବା ଦ୍ୱାରା ବ୍ୟକ୍ତିର ମନ ନିର୍ମଳ ହୋଇଯାଏ ଓ ସେ ଶାନ୍ତି ଲାଭ କରେ ।

୪. କ୍ଷେତ୍ରରୁ କେନ୍ଦ୍ରୀୟ କର୍ମୀମାନେ ପ୍ରତିନିଧି ରୂପେ ବିଭିନ୍ନ ଶାଖା ବା ଗୁରୁଭାଉଉଣୀଙ୍କ ଗୃହକୁ ଯାଇଥିବା ବେଳେ ସେଠାକାର ପରିବେଶ ଓ ପରିସ୍ଥିତି ସହିତ ଖାପଖୁଆଇ ନିଜନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ସାରି ବାହୁଡ଼ି ଆସିବା ହିଁ ଉପଯୁକ୍ତ ଆଧ୍ୟାତ୍ମିକ ଆଚରଣ ।

୫. କ୍ଷେତ୍ରରୁ ପ୍ରତିନିଧି ହୋଇ ଯାଉଥିବା ବ୍ୟକ୍ତି ଜିଦ୍‌ଖୋର ବା HEAD-STRONG ହେଲେ, ଅନ୍ୟାନ୍ୟ ସବୁ କଥାର ହୁଏତ ନିଷ୍ପତ୍ତି ହୋଇଯିବ, କିନ୍ତୁ ଗୋଟିଏ କୁଳ ଖାଇବ ହିଁ ଖାଇବ ।

୬. ତୁମେମାନେ ଯଦି ପ୍ରକୃତରେ ଆମକୁ ଅନ୍ତର୍ଯ୍ୟାମୀ ବୋଲି ଭାବୁଛ, ତେବେ ତୁମମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଲାଗି ରହୁଛି କାହିଁକି ? ଅନ୍ତଃସ୍ଥଳରେ ଅନ୍ତର୍ଯ୍ୟାମୀ ବୋଲି ଭାବୁଥିଲେ, ପରସ୍ପର ମଧ୍ୟରେ କଦାପି ଦ୍ୱନ୍ଦ୍ୱ ଲାଗି ରହନ୍ତା ନାହିଁ ।

୭. ଅଧ୍ୟାତ୍ମବାଦ ବା ଧର୍ମ ସମ୍ବନ୍ଧୀୟ ପ୍ରଚାର ପ୍ରସାର ପୂର୍ବରୁ ପ୍ରଥମେ ସଂସ୍କାରମୂଳକ ସେବାକାର୍ଯ୍ୟର ପ୍ରସାରଣ ସେବାକୁ ଶ୍ରେଷ୍ଠ ବିବେଚନା କରି ତାହା ପ୍ରତ୍ୟେକଙ୍କର ନିଷ୍ଠା ଓ ନିଃସ୍ୱାର୍ଥପରତାର ସହିତ ଶ୍ରେୟଃ କରି ତୋଳିବା ଉଚିତ ।

୮. ଆମେ ଦୃଷ୍ଟିଦେଲେ ତୁମେ ଚାହୁଁଥିବା ମୁତାବକ ପ୍ରଚାର ପ୍ରସାର ମୁହୂର୍ତ୍ତକ ମଧ୍ୟରେ ସମ୍ଭବ ହୋଇଯିବ ।

୯. ତୁମମାନଙ୍କ ଅନ୍ତଃକରଣରେ ସତ୍‌ବିଶ୍ୱାସ ଦୃଢ଼ ନହେଲେ ଧର୍ମ କାହାକୁ ନେଇ କିପରି ତିଷ୍ଠି ରହିପାରିବ ? ତୁମେ ଧର୍ମ ରକ୍ଷା କରି ଚଳିଲେ, ଧର୍ମ ସ୍ୱତଃ ହିଁ ତୁମକୁ ରକ୍ଷା କରିବ ହିଁ କରିବ ।

୧୦. ସତ୍ ଓ ବିଶ୍ୱାସ ତୁମମାନଙ୍କ ମଧ୍ୟରେ ଦୃଢ଼ ହୋଇ ରହିଲେ ଆଶ୍ରମର ଉନ୍ନତି ଗୋଟିଏ ମାସ ମଧ୍ୟରେ ସମ୍ଭବ ହେବ ।

୧୧. ତୁମମାନଙ୍କ ମଧ୍ୟରେ ଯିଏ ଯେତେ ସରଳ, ସେ ମଧ୍ୟ ସେତେ ଜଟିଳ ଓ ଦୁର୍ବୋଧ ।

୧୨. ତୁମେ ଯେଉଁ ସତ୍ୟର ଅନୁସନ୍ଧାନ କରୁଛ, ତାହା ତୁମ ମଧ୍ୟକୁ ବିଭିନ୍ନ ପଥଦେଇ ଯାଇଥାଏ । ଚେତନଶୀଳ ରହିଲେ ସେହି ସତ୍ୟକୁ ତୁମେ ଉପଲବ୍ଧି କରି ପାରିବ ଓ ନିଜ ମଧ୍ୟରେ ଧରିରଖି ପାରିବ । ଅନେକଙ୍କ ମଧ୍ୟକୁ ସ୍ୱପ୍ନ ମାଧ୍ୟମରେ ସତ୍ୟ ପ୍ରବେଶ କରିଯାଇଥାଏ । ସେମାନେ ସ୍ୱପ୍ନକୁ ମିଥ୍ୟା ବିଚାରି ସତ୍ୟକୁ ମଧ୍ୟ ମିଥ୍ୟାବୋଲି ହତାଦରରେ ଦୂରେଇ ଦିଅନ୍ତି ।

୧୩. ମହାପୁରୁଷ ଓ ସିଦ୍ଧଯୋଗୀମାନଙ୍କର ଅନୁଭବ ଅନେକ । ସେମାନେ ସେମାନଙ୍କର ସବୁ ଅନୁଭବକୁ ବ୍ୟାଖ୍ୟା କରି ନାହାନ୍ତି, କରି ପାରନ୍ତି ନାହିଁ । ବହୁତ କମ୍ ଅନୁଭବର ବ୍ୟାଖ୍ୟା କରିଯାଇଅଛନ୍ତି ।

୧୪. ଏ ରକ୍ତ ମାଂସର ଶରୀର ହେଉଛି ସତ ମିଛର ଶରୀର । ତୁମେ ପ୍ରତ୍ୟେକେ ଏହି ସତମିଛର ଶରୀର ଧରି ଧରାପୃଷ୍ଠକୁ ଆସିଥିବାରୁ ତୁମମାନଙ୍କ ଭିତରେ ନାନା ଦ୍ୱନ୍ଦ୍ୱ, ନାନା ସଂଘର୍ଷ, ନାନା ବିଶୃଙ୍ଖଳା ସୃଷ୍ଟି ହେଉଛି । ସଂସାରରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନଙ୍କ ଭିତରୁ କିଏ ନା କିଏ ତୁମମାନଙ୍କ ଗହଣରେ ମିଳାମିଶା କରୁଛି, ଅତି ସାଧାରଣ ମନେହେଉଛି, ମାତ୍ର ସେ ଚେତନଶୀଳ ଆତ୍ମା ହୋଇଥିବାରୁ ନିର୍ଦ୍ୱନ୍ଦ୍ୱ ଓ ନିଃସନ୍ଦେହରେ ସତ୍ୟକୁ ନିର୍ଭୁଲଭାବରେ ଧରିରଖି ପାରିଛି, ନିଜକୁ ନିଜେ ଚିହ୍ନି ତୁମମାନଙ୍କୁ ମଧ୍ୟ ଠିକ୍ ଚିହ୍ନି ନେଇପାରୁଛି ।

୧୫. ପାତଞ୍ଜଳି ଯୋଗଦର୍ଶନ ପଢ଼ି ନିର୍ଭୁଲ ଭାବରେ ବୁଝିବା ସହଜ ନୁହେଁ । ପଢ଼ି ବୁଝିବା ପାଇଁ ନିର୍ଦ୍ଦିଷ୍ଟ ସୂତ୍ର ରହିଛି । ସେହି ସୂତ୍ର ଧରି ପ୍ରଥମେ ଧ୍ୟାନସ୍ତରରୁ ବିଭୂତିପାଦ, ବିଭୂତିପାଦରୁ ଯମପାଦ, ଯମପାଦରୁ କୈବଲ୍ୟପାଦ ପର୍ଯ୍ୟନ୍ତ କ୍ରମାନ୍ୱୟରେ ପଢ଼ିପଢ଼ି ଗଲେ ଯାଇ ବୁଝିହେବ ।

୧୬. କର୍ମଯୋଗ ଅଭ୍ୟାସ କଲେ ଯାଇ, କ୍ରମେ ଅନୁଭବ ଆସିବ । କର୍ମଯୋଗୀ ବୈରାଗୀମାନଙ୍କର ଦେହପ୍ରତି ଆସକ୍ତି ନଥାଏ । ଯେଉଁମାନଙ୍କର ଅଧିକ ଶାସ୍ତ୍ରଜ୍ଞାନ ଅନୁପାତରେ ଅଧିକ ଅନୁଭବ ନଥାଏ, ସେମାନଙ୍କର ଦେହପ୍ରତି ବିଶେଷଭାବେ ଆସକ୍ତି ରହେ । ସେମାନେ ଅହଂକାରୀ ।

୧୭. ଜଣେ ସଂସାରୀ ଗୁରୁ ଗ୍ରହଣ କରି କର୍ମଯୋଗ ଅଭ୍ୟାସ ସହିତ ଦାନଧର୍ମ, ସେବାବ୍ରତର ସାଧନା କରି ଚାଲିଲେ ଜନ୍ମାନ୍ତରବାଦରେ ବୈରାଗ୍ୟ ଜାତ ହେବ । ଗୁରୁଙ୍କ ଆଦେଶମାନି ସାଧନାପଥରେ ଆଗେଇ ଚାଲିଲେ ଗୋଟିଏ ଜନ୍ମରେ ମଧ୍ୟ ବୈରାଗ୍ୟ ଜାତ ହୋଇପାରେ । ବ୍ୟକ୍ତି ବିଶେଷରେ ସାଧନା ପଥ ମଧ୍ୟ ଭିନ୍ନ ।

୧୮. ଯୋଗୀ ବୈରାଗ୍ୟ ପ୍ରକରଣରେ ଥାଇ ଅନୁଭବ ନଥିଲେ ବୃଥାରେ ସମୟ ଅତିବାହିତ ହୋଇଯାଏ ।

୧୯. ଗୁରୁ ବରଣ ଓ ଗ୍ରହଣ କରି ତାଙ୍କ ବାକ୍ୟରେ ନିଷ୍ଠା ଓ ବିଶ୍ୱାସ ନରଖିଲେ, ସାଧନା ନଚଳାଇ ମନମୁଖୀ ଅହଂକାରୀ ହୋଇ ଜିଦିରେ ରହିଲେ, ମୁକ୍ତିପଥରେ ଅଗ୍ରସର କରିବା ସହଜ ନୁହେଁ ।

୨୦. ଜୀବର ମୁକ୍ତିପାଇଁ ଯେଉଁ ଲୀଳା ଆବଶ୍ୟକ, ସେହି ଲୀଳା ପ୍ରତ୍ୟେକେ ନିଜେ ନିଜପାଇଁ ଜାଣିବା ଦରକାର । ସେହି ଲୀଳାରୁ ଜୀବ କ୍ରମେ ମୁକ୍ତି ପଥରେ ଆଗେଇଯାଏ । ସମସ୍ତଙ୍କର ସବୁ ଲୀଳା ଜାଣିବା ଆବଶ୍ୟକ ହୁଏ ନାହିଁ ।

୨୧. ପ୍ରତ୍ୟେକଙ୍କ ପାଇଁ ମୁକ୍ତିର ଲୀଳା ଯେପରି ସ୍ୱତନ୍ତ୍ର, ମୁକ୍ତିର ପଥ ମଧ୍ୟ ସେହିପରି ସ୍ୱତନ୍ତ୍ର ଏବଂ ରେଂଜ୍ (RANGE) ମଧ୍ୟ ସେହିପରି ସ୍ୱତନ୍ତ୍ର ।

*ଆନେ ଆକର୍ଷିତ କରିବା ପାଇଁ । ରୂପଜୀବୀପରି ଭେକ ସଜାଇ ॥*
*ଢୁଲୁଅଛୁ ମୁଣ୍ଡକେଶ ସଜାଡ଼ି । କାମନା ନିଆଁରେ ମରୁଛୁ ପୋଡ଼ି ॥*
*ଭାବିନେ ସର୍ବେ ତୋ ଭାଇ ଭଉଣୀ । ଆଉ ଆନ ଚିନ୍ତା ମନେ ନ ଆଣି ॥*




# ବିଶ୍ୱ କୈବଲ୍ୟ ଘୃତ ଶାନ୍ତି ଯଜ୍ଞ

**ସ୍ଥାନ : ଚିତ୍ରାପୋଷି, କୁସୁମୀ (କୁଚିଣ୍ଡା), ସମ୍ବଲପୁର**

**୧୪୨୦ ସାଲ, କୁମ୍ଭ ଦି୧୦ନ, ଫାଲ୍‌ଗୁନ ଦି୩ନ, ଗୁରୁବାର ଭୈମୀ ଓ ଲକ୍ଷ୍ମୀନାରାୟଣ ଏକାଦଶୀ (ଅଧିବାସ) ଠାରୁ କୁମ୍ଭ ଦି୧୪ନ, ଫାଲ୍‌ଗୁନ ଦି୭ନ ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ପର୍ଯ୍ୟନ୍ତ ଇଂରାଜୀ ତା୨୧.୨.୨୦୧୩ରିଖ ଠାରୁ ତା୨୫.୨.୨୦୧୩ରିଖ ପର୍ଯ୍ୟନ୍ତ ।**

ଯୁଗଲୀଳାର ନିଷ୍ପତ୍ତି ଅନୁଯାୟୀ ଆଜି ଧରାପୃଷ୍ଠରେ ଉଭୟ ''ପଦ୍ମପାଦ' ଓ ''ଶ୍ରୀପାଦୁକା'' ଉପସ୍ଥିତ । ଭକ୍ତ ଶୁଭଲଗ୍ନ ସମ୍ପର୍କରେ ପୂର୍ବଯୁଗ ଓ ସମୟରୁ ଯେଉଁ ମହାପୁରୁଷମାନେ ସେମାନଙ୍କ ସମାଧି ସ୍ତରରେ ଅବଗତ ହୋଇଥିଲେ ସେମାନେ ସାଧନର ଅନ୍ତିମ ତଥା ସିଦ୍ଧି ମୁହୂର୍ତ୍ତରେ ପଦ୍ମପାଦ ଦର୍ଶନ, ଅନୁଭବ କରିଥିଲେ ଏବଂ କଳିର ଲୀଳାବତରଣ ସମୟରେ ସେହି ଶ୍ରୀପାଦୁକାଙ୍କର ମହାସ୍ନାନ ଓ ଯଜ୍ଞାନୁଷ୍ଠାନ ପାଇଁ ବରଭିକ୍ଷା କରିଥିଲେ ।

ଯିଏ ଯେଉଁ ସ୍ଥାନରେ ଦର୍ଶନ କରିଥିଲେ, ସିଏ ସେହି ସ୍ଥାନରେ ଗୋଟିଏ ଗୋଟିଏ ସ୍ନାନ ଭିକ୍ଷା କରିଥିଲେ । ତଦନୁଯାୟୀ ପ୍ରଭୁ ସୂକ୍ଷ୍ମସ୍ତରରେ ପ୍ରଦାନ କରିଥିବା ବର ସ୍ଥୂଳରେ ପାଳନ ହୋଇ ଜୀବକଲ୍ୟାଣରେ କାର୍ଯ୍ୟ କରି କରାଇନେବା ଲକ୍ଷ୍ୟରେ ନିର୍ଦ୍ଧାରିତ ସ୍ଥାନମାନଙ୍କରେ ସ୍ଥିରୀକୃତ ମହାସ୍ନାନ ଓ ଯଜ୍ଞାନୁଷ୍ଠାନ ପାଳିତ ହୋଇ ଚାଲିଛି ।

ଆଜି ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ 'ଚିତ୍ରାପୋଷି' ଠାରେ ଶ୍ରୀପାଦୁକାଙ୍କର 'ଘୃତସ୍ନାନ' ମହୋତ୍ସବ ପାଳିତ ହେଉଅଛି । ସେହି ଅବସରରେ ଘୃତ କିପରି ସୃଷ୍ଟି ହୋଇଥିଲା ଓ କାହିଁକି ଘୃତସ୍ନାନ ପାଇଁ ଜଣେ ମହାନ୍ ଋଷି ବରଭିକ୍ଷା କରିଥିଲେ, ସେହି ବିଷୟ ଆମେ ଅବଗତ ହେବା ।

ଆମେ ଜାଣୁ ଯେ ସୃଷ୍ଟି, ସ୍ଥିତି, ସଂହାର ସବୁ ପରମବ୍ରହ୍ମଙ୍କ ଆଜ୍ଞା ଆଦେଶରେ ହିଁ ସଂଗଠିତ ହେଉଅଛି । ସେ ତାଙ୍କ ନିଜ ଇଚ୍ଛାମତେ ସୃଷ୍ଟି ସମ୍ଭାର ନିର୍ମାଣ କରି ଚାଲିଛନ୍ତି ।

ଏହି ପରିପ୍ରେକ୍ଷୀରେ ସ୍ରଷ୍ଟାଙ୍କର ଇଚ୍ଛା ଓ ଆଦେଶକୁ ଦୃଷ୍ଟିରେ ରଖି ଏହି ଯଜ୍ଞାନୁଷ୍ଠାନର ଆୟୋଜନ କରାଯାଉଛି, ତତ୍ ସଙ୍ଗେସଙ୍ଗେ ମହାନ୍ ଋଷି 'କୌଶମ୍ଭୀ'ଙ୍କର ତପସ୍ୟାର ଫଳ ସ୍ୱରୂପକୁ ସାଫଲ୍ୟମଣ୍ଡିତ କରାଯାଉଅଛି । ବିଶ୍ୱପତିଙ୍କ କଲ୍ୟାଣ ଇଚ୍ଛାରେ ସପ୍ତସାଗର ଯଥା :- କ୍ଷୀର, ଦଧି, ଘୃତ, ଶର୍କରା, ଲବଣ, ଇକ୍ଷୁ, ସୁରା ସୃଷ୍ଟି କଲେ । ତାହାର କାର୍ଯ୍ୟକାରିଣୀ ଶକ୍ତି ମଧ୍ୟ ଉତ୍ପନ୍ନ କଲେ, ଏହା ଉତ୍ପନ୍ନ ହୋଇଯିବା ପରେପରେ ଦେବ, ମାନବ, ଋଷି ଓ ମୁନିଗଣ ତାହାକୁ କିପରି ମର୍ତ୍ତ୍ୟଧାମକୁ ଆଣି ବିସ୍ତାରିତ କରି ଜଗତକଲ୍ୟାଣରେ ଲଗାଇବେ, ସେଥି ନିମନ୍ତେ ଜଗତପତିଙ୍କୁ ସ୍ତୁତିଗାନ କରିବାରେ ଲାଗିଲେ ଏବଂ ନିବେଦନ ମାଧ୍ୟମରେ ନିଜର ଇଚ୍ଛା ବ୍ୟକ୍ତ କଲେ କି, ହେ ଜଗତ୍‌ପତି ! ଆପଣ କାରଣ, ସୂକ୍ଷ୍ମ ଜଗତରୁ ସପ୍ତସାଗରକୁ ଧରାପୃଷ୍ଠରେ ବ୍ୟାପ୍ତ

କରାନ୍ତୁ । ସମସ୍ତଙ୍କର ଏହି କରୁଣ ନିବେଦନ ଓ ଆବେଦନରେ ପରମ କାରୁଣିକ, ଦୟାମୟ ଓ କଲ୍ୟାଣମୟଙ୍କ ଆଶୀର୍ବାଦ ଝରି ଆସିଲା । ଏହି ସପ୍ତ ସମୁଦ୍ର କାରଣ ଜଗତରେ ହରିଦ୍ରାବର୍ଣ୍ଣ ଧାରଣ କରି ବିନ୍ଦୁ ରୂପରେ ସୃଷ୍ଟି ହୋଇ ସୂକ୍ଷ୍ମ ଓ ସ୍ଥୂଳରେ ସିନ୍ଧୁରୂପରେ ବିସ୍ତାରିତ ହୋଇଗଲା । ସେହି ସପ୍ତ ସିନ୍ଧୁମାନଙ୍କ ମଧ୍ୟରୁ 'ଘୃତସାଗର' ହେଉଛି ଅନ୍ୟତମ । ପୂର୍ବରୁ ଦଧି ସାଗର ଓ କ୍ଷୀର ସାଗରର ସୃଷ୍ଟି ରହସ୍ୟ ଓ ଏହା କେତେ ପ୍ରକାରର ଦଧିସ୍ନାନ ଏବଂ କ୍ଷୀରସ୍ନାନ ମାନଙ୍କର ସ୍ମରଣିକା ମାଧ୍ୟମରେ ଅବଗତ କରାଯାଇଥିଲା । ତାହା ପୁନର୍ବାର କିୟଂଦଂଶ ଉପସ୍ଥାପିତ କରାଯାଉଅଛି । ଏହି ସପ୍ତସାଗରର ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାର ମଇଦାନକେଲ୍‌ରେ ଦଧିସାଗରର ସୂକ୍ଷ୍ମରଶ୍ମି ଦ୍ୱାରା ଶ୍ରୀପାଦୁକାଙ୍କର ଉପଚାର ଅନ୍ତର୍ଗତ ମହାସ୍ନାନର କାରଣ ଋଷିବର ମୈତ୍ରୀ କୋକିଳ ସମ୍ପର୍କରେ କହି ଆମ୍ଭକୁ ଧନ୍ୟ କରି ସାରିଛନ୍ତି । ସେହି ସାଗର ମହାସ୍ନାନର ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦୁଝର ଜିଲ୍ଲାର ଶଙ୍ଖୁଆଠାରେ କ୍ଷୀର ସାଗର ସ୍ନାନ କରାଯାଇଥିଲା । ଉକ୍ତ ପର୍ଯ୍ୟାୟର ତୃତୀୟ ସୋପାନରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ କୁସୁମୀ ଗ୍ରାମପଞ୍ଚାୟତ ଅଧୀନସ୍ଥ ଚିତ୍ରାପୋଷିଠାରେ ଘୃତସ୍ନାନ କାହିଁକି କରାଯାଉଛି, ତାହା ପରମ ପ୍ରେମମୟଙ୍କୁ ଏହାର ରହସ୍ୟ ଉନ୍ମୋଚନ ନିମନ୍ତେ ପ୍ରାର୍ଥନା କରନ୍ତେ, କଲ୍ୟାଣମୟ ଦୟାସାଗର, କୃପା ପରବଶ ହୋଇ ଏହାର ଉତ୍ତର ଛଳରେ କୁହନ୍ତି :-

ପ୍ରଥମେ ଘୃତ ବିଷୟରେ ବର୍ଣ୍ଣନା କରିବା ପୂର୍ବରୁ ଘୃତ କେତେ ପ୍ରକାର ତାହା ନିମ୍ନରେ ଦେଉଛି-

ଘୃତ :-

୧ - ଘୃତ-ଗୋ ମାତା
୨ - ମାତା ଘୃତ
୩ - ମଞ୍ଜୁଳା ଘୃତ
୪ - ପଶୁ, ପାଙ୍ଗାଳ ଘୃତ
୫ - ପକ୍ଷୀ-ଅସର ଘୃତ
୬ - ସରୀସୃପ ଘୃତ - (ଘାଉଁରୀ ଘୃତ)
୭ - ନିରାଧୀ ଘୃତ
୮- କୌଶ୍ୱରୀ ଘୃତ
୯ - କ୍ଷୁମ୍ଭିନୀ ଘୃତ
୧୦ - ଚୌ ଚଉଁରା ଘୃତ
୧୧ - ଛମ୍ଭଗନ୍ଧ ଘୃତ
୧୨ - ଝମ୍ବରୀ ଘୃତ
୧୩ - ଟୁଣସ୍ଥା ଘୃତ
୧୪ - ଠୁମ୍ଭକା ଠଣା ଘୃତ
୧୫ - ଡୈଡ୍ରାଞ୍ଜ ଘୃତ
୧୬ - ଦୋପ୍ସାସୀ ଘୃତ

ଏହି ଘୃତମାନଙ୍କ ମଧ୍ୟରୁ ଘୃତ-ଗୋ ମାତା କିପରି ଧରାକୁ ଅବତରଣ କଲା, ତାହା ବିଷୟରେ ବର୍ଣ୍ଣନା କରିବା ସମୟ ସାପେକ୍ଷ ଅଟେ । ତାହା ପରେ ମୁଁ ବୁଝାଇ କହିବି । ଏବେ ଏହି ଯଜ୍ଞର କଥା ଶୁଣ !

ଏହାପରେ ମହାପ୍ରଭୁଙ୍କ ଶ୍ରୀମୁଖରୁ ଝରିଆସେ ସେହି ମହାନ ସନ୍ନ୍ୟାସୀଙ୍କର ତ୍ୟାଗ ଓ ଭକ୍ତିର ଗାଥା । ଦ୍ୱାପର ଯୁଗର ଶେଷ ସମୟ ଉପନୀତ ଓ କଳି ଯୁଗର ଅୟମାରମ୍ଭ । ଏହା ହେଉଛି ଯୁଗର ସନ୍ଧିକ୍ଷଣ । କଳିର ପ୍ରଭାବରେ ସତ୍ୟର ମାତ୍ରା କ୍ରମେ ହ୍ରାସ ପାଇ ପାଇ ଯାଉଛି । ପ୍ରାଣୀମାନଙ୍କ ମନରେ ଅସତ୍ୟର ଭାବ କ୍ରମେ କ୍ରମେ ବହୁଗୁଣିତ ହୋଇଚାଲିଛି । ସଂଧ୍ୟା ସମୟରେ ଯେପରି ଦିନମଣି ଅସ୍ତ ଯାଆନ୍ତି, ଚତୁର୍ଦ୍ଦିଗ ଅନ୍ଧକାର ଘୋଟିଯାଏ, ସେହିପରି କଳି ଘୋଟି ଯାଇ ସତ୍ୟକୁ ଲୁଚାଇ ଦିଏ ।

ଦ୍ୱାପରଯୁଗ ଶେଷ ଭାଗେ । କଳିର ଆରମ୍ଭ ସଂଯୋଗେ ।୧।
ସୁରମ୍ୟ ବନ ମହାଘୋର । ବାସ ବିଶମ୍ଭରଋଷିଙ୍କର ।୨।
ସଂଗତେ ପତ୍ନୀ ସନ୍ତାନରେ । ଆନନ୍ଦେ ରହନ୍ତି ବନରେ ।୩।
ପତ୍ନୀର ନାମଟି ବିନୟା । ସର୍ବଭୂତରେ ତାର ଦୟା ।୪।
ପତିଙ୍କ ସଂଗତରେ ପୁଣ । କରଇ ସେ ତପ ସାଧନ ।୫।
ଭକ୍ଷିଣ ଫଳ, କନ୍ଦମୂଳ । ପିଅନ୍ତି ଝରଣାର ଜଳ ।୬।
ସନ୍ତାନ ଗଣଙ୍କର ସଙ୍ଗେ । ଦିନ ବଞ୍ଚନ୍ତି ସେ ବିରାଗେ ।୭।
ପିତା ମାତାଙ୍କୁ ଅନୁସରି । ସନ୍ତାନେ ଯେ ତପ ଆଚରି ।୮।
ବୃକ୍ଷର ପତ୍ରକୁ ଆଣିଣ । ସିଲାଇ କରିଣ ଯତ୍ନେଣ ।୯।
ତାହାକୁ ପରିଧାନ କରି । ରହନ୍ତି ଋଷି ତାଙ୍କ ନାରୀ ।୧୦।
ସନ୍ତାନ ଗଣ ସେହିପରି । ପିତାଙ୍କ ବେଶକୁ ଆଚରି ।୧୧।
ପିତା, ମାତାଙ୍କ ତପକାଳେ । ଦଇବ ସଂଯୋଗର ଫଳେ ।୧୨।
ଝଡ଼ ବତାସ ମହାଘୋର । ଦିଗ ନ ଦିଶେ ଅନ୍ଧକାର ।୧୩।
ଏପରି ଦୁଇଦିନ ଅନ୍ତେ । ବର୍ଷା ନଛାଡ଼େ କଦାଚିତେ ।୧୪।
କୁଟୀରେ ପଡିଥାଇ ତାଟ । ଭୋକେ ହୁଅନ୍ତି ଛଟପଟ ।୧୫।
'ବିଶମ୍ଭ', 'ବିନୟା' କୁଟୀରେ । ଚିନ୍ତାରେ ଥାନ୍ତି ମହାଘୋରେ ।୧୬।
ଧ୍ୟାନତପରେ ମଗ୍ନଥାନ୍ତି । ପ୍ରଭୁ ଶ୍ରୀପଦେ ଦେଇମତି ।୧୭।
'ମୋହଚିତ୍ରା'ଟି ନାମ ତାର । ଋଷିଙ୍କ ପ୍ରଥମ କୁମର ।୧୮।
ଏକ ଘଡିଏ ଧ୍ୟାନପରେ । ମୂର୍ଚ୍ଛିତ ହୋଇଲା ଭୂମିରେ ।୧୯।
କିଛି କ୍ଷଣର ମଧ୍ୟ ସେହି । ଉଠିଣ ତତ୍‌ପର ହୋଇ ।୨୦।
ପଶିଲା ବନ ମଧ୍ୟେ ଯାଇଁ । ଦିଗ ଭାଗ ସେ ନଜାଣଇ ।୨୧।
ଏମନ୍ତେ ଯାଏ ବନ ମଧ୍ୟେ । ମିଳିଲା ଋଷିଙ୍କ ଆଶ୍ରମେ ।୨୨।
ଗୁରୁଆଶ୍ରମେ ପହଞ୍ଚିଲା । ଗୁରୁ ତାହାକୁ କୋଳାଇଲା ।୨୩।
ତାହାକୁ ଗୁରୁପଣେ ବରି । ସାଧନ କଲେ ତପଚାରୀ ।୨୪।
କାଳର ନିଷ୍ଠୁର ଗତିରେ । ପିତାମାତା ସେ ହଜିଗଲେ ।୨୫।

ଠିକ୍ ଏହି ସମୟରେ ଘଞ୍ଚ ଅରଣ୍ୟ ମଧ୍ୟରେ ବାସ କରନ୍ତି ଏକ ଋଷି ପରିବାର ତାଙ୍କ ନାମ ଥିଲା 'ବିଶନ୍ତ' ଓ ପତ୍ନୀଙ୍କ ନାମ ଥିଲା 'ବିନୟା' । ସେମାନଙ୍କ ସନ୍ତାନମାନଙ୍କ ମଧ୍ୟରୁ ଜ୍ୟେଷ୍ଠ ସନ୍ତାନ ଥିଲେ ମୋହଚିତ୍ରା । ସେହି ବନରାଜିର ଶୋଭାଥିଲା ଅତୀବ ମନୋରମ ଏବଂ ମଧ୍ୟ ସ୍ଥଳରେ ଥିଲା ଏକ ପର୍ଣ୍ଣ କୁଟୀରଟିଏ । ପାର୍ଶ୍ୱରେ ବହିଯାଉଥିଲା କୁଳୁକୁଳୁ ନାଦକରି ଝରଣାଟିଏ । ପଶୁ ପକ୍ଷୀମାନେ ନିରହଂକାର ଭାବେ ବିଚରଣ କରୁଥିଲେ, ଋଷି, ଋଷିପତ୍ନୀ ଓ ପୁତ୍ରମାନେ ଗଛର ପତ୍ରକୁ ସିଲାଇ କରି ବସ୍ତ୍ରଭାବରେ ପରିଧାନ କରୁଥିଲେ । ଆହାର ଥିଲା ବନର ଫଳମୂଳ ଇତ୍ୟାଦି । ଦିନଚର୍ଯ୍ୟାଥିଲା ଏହିପରି, କିନ୍ତୁ ଈଶ୍ୱର ଉପାସନା, ଜପ, ତପ, ଧ୍ୟାନ ଥିଲା ତାଙ୍କ ଜୀବନର ସର୍ବସ୍ୱ ତଥା ମୁଖ୍ୟ କାର୍ଯ୍ୟ । ସେମାନେ ପ୍ରତ୍ୟହ ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟାତ୍ୟାଗ କରି ନିକଟସ୍ଥ ସୁଶୀତଳ ଝରଣାରେ ସ୍ନାନ ସମାପନ କରି ଉଭୟ ହଜି ଯାଉଥିଲେ ଈଶ୍ୱରଙ୍କ ଉପାସନା ନିମନ୍ତେ । ତତ୍‌ପରେ ଜୀବନ ରକ୍ଷା ନିମନ୍ତେ ବନ ମଧ୍ୟରେ ପକ୍ୱ ଆହାର ସଂଗ୍ରହ କରୁଥିଲେ । ପୁତ୍ରମାନେ ମଧ୍ୟ ପିତାମାତାଙ୍କ ପଦାଙ୍କ ଅନୁସରଣ କରି ତଦନୁରୂପେ ଜପ, ତପ, ଧ୍ୟାନ, ଧାରଣାରେ ନିଜକୁ ହଜାଇ ଦେଉଥିଲେ । ହଠାତ୍ ଦିନେ ଦୈବ ସଂଯୋଗରେ ଝଡ, ବର୍ଷା ଲାଗି ରହିବାରୁ ସେମାନେ କୁଟୀର ମଧ୍ୟରୁ ବାହାରକୁ ବାହାରି ପାରିଲେ ନାହିଁ କି ଆହାର ନିମନ୍ତେ ଖାଦ୍ୟ ସଂଗ୍ରହ କରିପାରିଲେ ନାହିଁ, କିନ୍ତୁ ଈଶ୍ୱର ଉପାସନାରୁ ନିଜକୁ କେବେହେଲେ ବିରତ ହେଉନଥାନ୍ତି । ପୁନର୍ବାର ବ୍ରାହ୍ମମୁହୂର୍ତ୍ତରେ ସେମାନେ ଧ୍ୟାନ ମଗ୍ନ ହୋଇଗଲେ । ପରମପୁରୁଷଙ୍କ ପଦ କମଳରେ ଧ୍ୟାନରେ ୪୫ମିନିଟ୍ ପରେ ହଠାତ୍ ଋଷି ବିଶନ୍ତଙ୍କର ଜ୍ୟେଷ୍ଠ ପୁତ୍ର 'ମୋହଚିତ୍ରା' ଭୋକର ଜ୍ୱାଳାରେ ମୂର୍ଚ୍ଛିତ ହେଲେ । କିନ୍ତୁ ନିରୁପାୟ ଋଷି ବିଶନ୍ତ ଓ ପତ୍ନୀ ବିନୟା । ପ୍ରଭୁଙ୍କ ପଦକମଳରେ ଆକୁଳ ପ୍ରାର୍ଥନା କରନ୍ତେ ବାହାରକୁ ମୂର୍ଚ୍ଛିତ ଜଣାଯାଉଥିବା ''ମୋହଚିତ୍ରା'' ପ୍ରକୃତରେ ମୂର୍ଚ୍ଛିତ ନ ଥିଲେ । 'ସମାଧି'ର ପ୍ରଥମ ସୋପାନରେ ପାଦ ଥାପିଥିଲେ । ଏହା ହଠାତ୍ ହେଲା କିପରି ? ଏତେ କମ୍ ବୟସରୁ ସମାଧିସ୍ଥ ହେବା କ'ଣ ସମ୍ଭବ ? ଏହାପରେ ଆଲୋଚନା ହୋଇପାରେ ଆସନ୍ତୁ ଜାଣିବା 'ମୋହଚିତ୍ରା'ର ଅବସ୍ଥା କଥା । ଏହି ଅବସ୍ଥା ପ୍ରାପ୍ତିର କିଛିକ୍ଷଣ ପରେ ସେ ନିଦ୍ରାରୁ ଉଠିଲା ପରେ ସତେଜ ଭାବରେ ଚାଲିଲେ ଆଗକୁ ଆଗକୁ । ତୀବ୍ର ବୈରାଗ୍ୟ ଓ ବ୍ରହ୍ମଙ୍କ ଆକର୍ଷଣରେ ହଜିଗଲେ ବନ ମଧ୍ୟରେ, ଜାଣନ୍ତିନି ସେ କେଉଁ ଆଡେ କେଉଁଠାକୁ ଯାଉଛନ୍ତି । ଏହିପରି ଚାଲୁଚାଲୁ ଦିନପରେ ଦିନ ବିତିଚାଲେ । ହଠାତ୍ ଦୃଶ୍ୟମାନ ହୁଏ ଏକ ଋଷି ଆଶ୍ରମ । ସେହି ଆଶ୍ରମ ମଧ୍ୟରେ ବିରାଜମାନ ଥାଆନ୍ତି, ଗୁରୁ ଓ ତାଙ୍କର କେତେ ଜଣ ଶିଷ୍ୟ । ଠିକ୍ ସେତିକି ବେଳେ ଦଣ୍ଡାୟମାନ ହୋଇଯାଆନ୍ତି 'ମୋହଚିତ୍ରା' । କିଛି ପଚାରିବା ପୂର୍ବରୁ ଓ ବୁଝିବା ପୂର୍ବରୁ ଦିବ୍ୟଦ୍ରଷ୍ଟା ଗୁରୁ ବୁଝି ନିଅନ୍ତି ସବୁକିଛି ଏବଂ ଧାଇଁ ଆସନ୍ତି ଶିଷ୍ୟମାନଙ୍କୁ ଧରି 'ମୋହଚିତ୍ରା' ପାଖକୁ ଏବଂ କୋଳାଇ ନିଅନ୍ତି ମୋହଚିତ୍ରାକୁ । ଏହା ଥିଲା ବିଧିର ବିଧାନ ଓ ପୂର୍ବ ଜନ୍ମର ଗୁରୁଶିଷ୍ୟର ସଂପର୍କ । ଏହାପରେ ଆରମ୍ଭ ହୁଏ ଗୁରୁଙ୍କ ନିକଟରେ 'ମୋହଚିତ୍ରା'ଙ୍କ ସାଧନା ପର୍ଯ୍ୟାୟ । କରି ଚାଲନ୍ତି ସାଧନାର ଗୋଟିଏ ପରେ ଗୋଟିଏ ସୋପାନ ଅତିକ୍ରମ । ଏହି ସୋପାନରେ ଅନ୍ତଘଟେ ଏହି ଜନ୍ମସହିତ । ଏହି ପରି ଶହଶହ ବର୍ଷ ଅତିକ୍ରାନ୍ତ ହେବାପରେ ପ୍ରାୟ ୧୪୫୦ ବର୍ଷ ପୂର୍ବେ ପୁନର୍ବାର ଜନ୍ମ ନିଅନ୍ତି ଋଷି ବିଶନ୍ତ ଓ ସ୍ତ୍ରୀ ବିନୟା । ତାଙ୍କର ନୂତନ ନାମ ହୁଏ ଋଷି 'ସୁକୃତିଶା, ସ୍ତ୍ରୀ ଚିତ୍ରାଧାରା' । ପୂର୍ବର ସଂସ୍କାର ଓ ସାଧନା ବଳରେ ସେମାନେ ଧର୍ମ ପରାୟଣା ଓ ତ୍ୟାଗୀ, ନିର୍ଲୋଭ ଓ ଈଶ୍ୱର ଭକ୍ତିରେ ପୁନରାୟ ହଜାଇଦିଅନ୍ତି ନିଜକୁ ।

ବିଧିଙ୍କ ବିଧାନମତେ ଓ ସଂଯୋଗରେ ତାଙ୍କ କୋଳରେ ଜନ୍ମ ନିଅନ୍ତି ଯୋଗୀଶ୍ରେଷ୍ଠ 'ମୋହଚିତ୍ରା', ନାମହୁଏ 'କୌଶମ୍ଯୀ'। ଜନ୍ମରୁ କୌଶମ୍ୟୀଙ୍କର ଅନ୍ୟଏକ ଅଲୌକିକ ଓ ଦିବ୍ୟଭାବର ଆଭାସ, ପିତୃଭକ୍ତି, ମାତୃଭକ୍ତିରେ ହଜାଇ ନିଅନ୍ତି ତାଙ୍କର ବାଲ୍ୟାବସ୍ଥା, ସୃଷ୍ଟି ପ୍ରକ୍ରିୟାର ଧାରାରେ ଜୀବନ। ବାଲ୍ୟ, କୈଶୋର, ଯୌବନ, ପୌଗଣ୍ଡ ଅତିକ୍ରମ କରି ଚାଲିଥାଏ। ଏହି ଅବସ୍ଥା ଚକ୍ରରେ ଜୀବର ପ୍ରାରବ୍ଧ ଓ କ୍ରିୟମାଣ ଭୋଗହୋଇ ସଞ୍ଚିତ ଆକାରରେ ପରଜନ୍ମକୁ ଦେହର ଅବସାନ ପରେ ସୂକ୍ଷ୍ମ ଆକାରରେ ଆତ୍ମା ସହିତ ଗମନ କରିଥାଏ। ଏହି ଜନ୍ମରେ ଜୀବ ଯେଉଁ ଯେଉଁ ସୋପାନ ଅତିକ୍ରମ କରିଥାଏ, ତାହା ପରଜନ୍ମରେ ବିଧିଙ୍କ ହିସାବ ଅନୁଯାୟୀ ଶେଷ ସୋପାନରୁ ହିଁ ଆରମ୍ଭ ହୋଇଥାଏ ଏବଂ ଏହି ପ୍ରାରବ୍ଧର ଯୋଗ ଐଶ୍ୱର୍ଯ୍ୟ ଏବଂ କେଉଁ ବୟସରୁ ପ୍ରାପ୍ତିହେବ, ତାହା ବିଧି ହିଁ ନିର୍ଦ୍ଦିଷ୍ଟ କରିଥାଆନ୍ତି। ଏହିଭଳି ଯୋଗସର୍ଯ୍ୟ ଶିଶୁମାନଙ୍କର ସଂସାର ପ୍ରତି ବୈରାଗ୍ୟ ସାଧାରଣତଃ ୭ବର୍ଷ, ୧୨ବର୍ଷ ଓ ୧୫ ବର୍ଷରେ ଦେଖାଦେଇଥାଏ। ଏହା ମଧ୍ୟ ପରିଲକ୍ଷିତ ହୋଇଥିଲା। କୌଶମ୍ୟୀଙ୍କ ବାଲ୍ୟାବସ୍ଥାରୁ। ତାଙ୍କର ସମସ୍ତଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ମମତା ଥିଲେ ମଧ୍ୟ, ସେ ସାଧାରଣ ଶିଶୁଭଳି ସମସ୍ତଙ୍କ ସହିତ ବିଚରଣ କରୁଥିଲେ। କିନ୍ତୁ ଭିତରେ ଥିଲା ଈଶ୍ୱରଙ୍କ ପ୍ରତି ପ୍ରଗାଢ଼ ଅନୁରାଗ, ଯାହାକି ସଂସାରର ମୋହ ମାୟା ବନ୍ଧନର ଶିକୁଳି ତାଙ୍କୁ କବଳିତ କରିପାରିନଥିଲା। ସେ ପିତା ସୁକୃତିଣ୍ଡା ଓ ମାତା 'ଚିତ୍ରାଧାରା'ଙ୍କୁ ବହୁତ ସ୍ନେହ କରୁଥିଲେ ମଧ୍ୟ ହଠାତ୍ ବାର ବର୍ଷ ବୟସରୁ ସଂସାର ପ୍ରତି ଉଦ୍ରେକ ହୋଇଥିଲା ତୀବ୍ର ବୈରାଗ୍ୟ। ଏହି ବୈରାଗ୍ୟର ଦଂଶନରେ ହଠାତ୍ ଦିନେ ଘର ଛାଡ଼ିଲେ କୌଶମ୍ୟୀ ଏବଂ ଧାଇଁଲେ ଅଜଣା ଭାବରେ ପରମପୁରୁଷଙ୍କ ଅନ୍ୱେଷଣରେ। ଏହିଭଳି ଦିନଦିନ ବର୍ଷବର୍ଷ ଅତିକ୍ରମ ହୁଅନ୍ତେ ମିଳିଗଲେ ତାଙ୍କର ସେହି ପୂର୍ବଜନ୍ମର ଗୁରୁ 'ଅଭେଦାନନ୍ଦ' ନାମରେ। ଆରମ୍ଭ ହୋଇଗଲା ପୁନର୍ବାର ସାଧନା ଗୁରୁ 'ଅଭେଦାନନ୍ଦ'ଙ୍କ ଅଧୀନରେ। ଏହିପରି ସାଧନା ଦିନପରେ ଦିନ ମାସପରେ ମାସ, ବର୍ଷପରେ ବର୍ଷ ଗଡ଼ିଚାଲେ। ଏପରି ଏକ ଦିନ ଉପଗତ ହେଲା କୌଶମ୍ୟୀଙ୍କର, ଭାବମୟ, ଲୀଳାମୟ, ପରମପୁରୁଷ ଦର୍ଶନ ଦେଲେ ପବିତ୍ର ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା ବା ମାଘ ପୂର୍ଣ୍ଣିମା ତିଥି, ମଘା ନକ୍ଷତ୍ରର ଉଦୟ ବେଳାରେ। ଯୋଗପୁରୁଷ, ପ୍ରେମମୟ, ବାଞ୍ଛାକଳ୍ପତରୁ ଦର୍ଶନାନ୍ତେ କୌଶମ୍ୟୀଙ୍କୁ ନିଜର କଳ୍ପିତ ଇଚ୍ଛା (ବର) ପୁଚ୍ଛନ୍ତେ, କୌଶମ୍ୟୀ ଉକ୍ତ ଦର୍ଶନର ସୁନକ୍ଷତ୍ର ବେଳାରେ ପ୍ରଭୁଙ୍କ ଶ୍ରୀପୟରରେ 'ଘୃତଯଜ୍ଞ' ମାଧ୍ୟମରେ ମହାସ୍ନାନ କରାଇବାର ବରମାଗନ୍ତେ ପ୍ରଭୁ କୌଶମ୍ୟୀଙ୍କର ଉକ୍ତ ଇଚ୍ଛାକୁ କଳିର ଶେଷ ପର୍ଯ୍ୟାୟରେ ନିଜେ ସ୍ୱୟଂ ଉପସ୍ଥିତ ରହି ମନବାଞ୍ଛା ପୂର୍ଣ୍ଣ କରିବାର ବରପ୍ରଦାନ କରିଥିଲେ। ତାହା ଆଜି ସେହି ବରଦାନର ବାସ୍ତବ ରୂପରେଖ ସ୍ୱରୂପ କୌଶମ୍ୟୀଙ୍କ ନାମାନୁସାରେ କୁସୁମୀ ପଞ୍ଚାୟତରେ ମାତା ଚିତ୍ରାଧାରାଙ୍କ ନାମାନୁଯାୟୀ ଚିତ୍ରାପୋଷି ଗ୍ରାମରେ ଓ ପିତା ସୁକୃତିଣ୍ଡାଙ୍କ ନାମାନୁସାରେ କୁତିଣ୍ଡା ବ୍ଲକ୍ ଅଧୀନରେ ଏହି **'ବିଶ୍ୱକୈବଲ୍ୟଘୃତ ଶାନ୍ତିଯଜ୍ଞ'** ଅନୁଷ୍ଠିତ ହେଉଅଛି - ସେହି ପବିତ୍ର ସ୍ମାରକ ଦିବସ ଅଗ୍ନ୍ୟୁତ୍ସୋବ ପୂର୍ଣ୍ଣିମା ତିଥିରେ।

ଏହି ସ୍ଥାନ ସଂପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ତାଙ୍କର ପ୍ରିୟ ଶିଷ୍ୟ ରାମଦାସଙ୍କୁ 'ବାଲ୍ମିକୀ କଳ୍ପ'ର ତୃତୀୟ ଖେଦାରେ କହିଅଛନ୍ତି ଯେ-

ରାମରେ କହୁଛି ଗୁପଥ କଥା । ଶୁଣିଲେ ଗୁଣିଲେ ଘୂରିବ ମଥା ।।
ଅନ୍ତ କଳିରେ ଦେଖିବୁ ଭିଆଣ । ଲୀଳା କରୁଥିବେ ସେ ନାରାୟଣ ।।
ନର ନାରାୟଣ ଭେଟ କରିବୁ । ତାଙ୍କ ପାଦପଦ୍ମେ ଶରଣ ନେବୁ ।।

ମହାପୁରୁଷଙ୍କ ଉକ୍ତ ଉକ୍ତିରୁ ବୁଝାପଡୁଛି ଯେ, କଳିର ଅନ୍ତିମ ସମୟରେ ଲୀଳାପୁରୁଷ ପରମବ୍ରହ୍ମ ନରନାରାୟଣ ରୂପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହେବେ ଏବଂ ସେ ଏହିଭଳି ବିଭିନ୍ନ ସ୍ଥାନରେ ଲୀଳା ରଚନା କରିବେ ।

ତତ୍‌ପରେ ସେହି ଖେଦାରେ 'ସ୍ଥାନ'ର ବର୍ଣ୍ଣନା କରି ମହାପୁରୁଷ ଅଚ୍ୟୁତ ପ୍ରିୟ ଶିଷ୍ୟ ରାମଦାସଙ୍କୁ ଦର୍ଶାଇଛନ୍ତି,

ଲୀଳା ପ୍ରକାଶର ସ୍ଥାନ କହିବି । ଚତୁଃପାର୍ଶ୍ୱେ ଯାହା ବର୍ଣ୍ଣନା ଦେବି ॥
ପୂର୍ବ ଦିଗେ ବହେ ଖରଲା ନଦୀ । ପଶ୍ଚିମେ ବରିହେନ୍, ବୁଢ଼ୀ ଦେବୀ ॥
ଉତ୍ତରପୂର୍ବେ ମାଉଲି ମନ୍ଦିର । ପୂଜା ପାଉଛନ୍ତି ଯୁଗଯୁଗର ॥
ଦକ୍ଷିଣ ପୂର୍ବ ଦିଗର ମହିମା । ଦେଇ କେ ପାରିବ ତା'ର ଉପମା ॥
ଦେବ ଦେବ ହର ମନ୍ଦିର ଥିବ । ବେଣିଆ ପୋଶି ସ୍ଥାନ ବୋଲାଇବ ॥
କୁସୁମୀର ଚିତ୍ରା ପୋଷି ସ୍ଥାନରେ । ପ୍ରଭୁଙ୍କର ଲୀଳା ହେବ ସେଠାରେ ॥
ଘୃତ ଶାନ୍ତି ନାମ ଯାଗ ହୋଇବ । ବିଶ୍ୱ କୈବଲ୍ୟ ଯେ ପ୍ରାପତ ହେବ ॥
ପଦ୍ମପାଦେ ଘୃତ ସ୍ନାନ ହେବଣୁ । ଧରାରେ ବିସ୍ତିବ କୈବଲ୍ୟ ରେଣୁ ॥

ଉକ୍ତ ପଙ୍‌କ୍ତିରେ ମହାପୁରୁଷ ସୂଚାଇଛନ୍ତି ଯେ, ଯେଉଁଠାରେ ଏହି ଲୀଳା ପ୍ରକାଶ ହେବ, ତାହାର ଚଉହଦି ବର୍ଣ୍ଣନା ସ୍ୱରୂପ ପୂର୍ବଦିଗରେ ଖଇରା ନଦୀ, ପଶ୍ଚିମରେ ବରିହେନ୍ ନଦୀ ଓ ବୁଢ଼ୀ ଠାକୁରାଣୀ (ଗ୍ରାମଦେବୀ) ଅଛନ୍ତି । ଉତ୍ତରପୂର୍ବରେ ମାଉଲି ମନ୍ଦିର ଯୁଗଯୁଗ ଧରି ପୂଜା ପାଉଛନ୍ତି । ଏହାର ଦକ୍ଷିଣ ପୂର୍ବ ଭାଗରେ ହରହର ମହାଦେବ ମନ୍ଦିର ବେଣିଆପୋଶି ଗ୍ରାମରେ ଥିବେ । ଆଜିର ଏହି ପବିତ୍ର 'ଘୃତସ୍ନାନ ଶାନ୍ତି ଯଜ୍ଞ'ର ସ୍ଥଳ ବିଶେଷରେ ଗ୍ରାମ ଚିତ୍ରାପୋଷି ଓ କୁସୁମୀ ପଞ୍ଚାୟତ ଅନ୍ତର୍ଗତ ।

ସାଲ, ଦିବସ, ବାର ତିଥି ସଂପର୍କରେ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ପ୍ରିୟଶିଷ୍ୟ ରାମଦାସଙ୍କୁ ସୂଚନା ଦେଇଛନ୍ତି କି -

ଇନ୍ଦ୍ରିୟେ, ଗୁଣକୁ ମିଶାଇ ଲେଖ । ପ୍ରକୃତିରେ ଚାରି ଗୁଣିତୁ ରଖ ॥
ଉଭୟକୁ ଗୁଣି ସଂଖ୍ୟା ଲେଖିତୁ । ତହିଁରେ ବିଂଶତୁ ଯୋଗ କରିତୁ ॥
କୁମ୍ଭ ଦଶକର ଫାଲ୍‌ଗୁନ ତିନି । ଭୈମୀ ଏକାଦଶୀ ତିଥିକୁ ଘେନି ॥
ବୃହସ୍ପତି ବାର ହେବତୁ ଜାଣ । ଲକ୍ଷ୍ମୀନାରାୟଣ ବ୍ରତ ସେ ଦିନ ॥

ଉକ୍ତ ପଦ୍ୟାଂଶର ଭାବାର୍ଥ ଏହିକି-

ଇନ୍ଦ୍ରିୟେ ଗୁଣକୁ ମିଶାଇ ଲେଖ - ଇନ୍ଦ୍ରିୟ ହେଉଛି ୧୧(ଏକାଦଶ)

ଗୁଣ ହେଉଛି - ୩ (ତ୍ରିଗୁଣ - ସତ୍ତ୍ୱ, ରଜ, ତମ)

ଇନ୍ଦ୍ରିୟ ଓ ଗୁଣକୁ ମିଶାଇଲେ - ୧୧+୩ =୧୪

ଦ୍ୱିତୀୟ ଧାଡ଼ିରେ କୁହାଯାଇଛି - 'ପ୍ରକୃତିରେ ଚାରି ଗୁଣିତୁ ରଖ ।

ଏହାର ଅର୍ଥ ହେଉଛି, ପ୍ରକୃତି = ୨୫ (ପଚିଶ ପ୍ରକାର),

ଚାରି ଗୁଣିଲେ ଅର୍ଥାତ୍ = ୨୫ x ୪ = ୧୦୦

ତତ୍‌ପରେ ଉଭୟକୁ ଗୁଣିଲେ ଅର୍ଥାତ୍ = ୧୪x୧୦୦=୧୪୦୦

ଏହି ୧୪୦୦ରେ ବିଂଶ ଅର୍ଥାତ୍ ୨୦ ଯୋଗକଲେ ହେବ

୧୪୦୦+୨୦=୧୪୨୦

ଏଥିରୁ ପ୍ରମାଣିତ ହେଉଛି ଯେ, ମହାପୁରୁଷ ୧୪୨୦ସାଲ କଥା କହିଛନ୍ତି,

ତୃତୀୟ ପଦ୍ୟାଂଶଟିକୁ ବାଖ୍ୟା କଲେ -

କୁମ୍ଭ ଦଶକ ଫାଲଗୁଣ ତିନ - ଅର୍ଥାତ୍ - କୁମ୍ଭ ଦଶକ - କୁମ୍ଭ ମାସର ୧୦ଦିନ ଓ ଫାଲଗୁନ ମାସର ୩ଦିନ ।

'ବୃହସ୍ପତିବାର ହେବତୁ ଜାଣ' - ବୃହସ୍ପତି କହିଲେ - ଗୁରୁବାରକୁ ବୁଝାଉଛନ୍ତି ।

ଲକ୍ଷ୍ମୀ ନାରାୟଣ ବ୍ରତ ସେଦିନ -

ସାରାଂଶ ହେଲା : ୧୪୨୦ସାଲ, କୁମ୍ଭଦି୧୦ନ, ଫାଲଗୁନ ଦି୩ନ, ଗୁରୁବାରରେ ଭୈମୀ ଓ ଲକ୍ଷ୍ମୀନାରାୟଣ ଏକାଦଶୀ ତିଥିରେ ଉକ୍ତ ଶୁଭକାର୍ଯ୍ୟ ଆରମ୍ଭ ହେବ ।

ଉକ୍ତ ମହାନ୍ ଦିବସର ପୁଣ୍ୟ ତିଥିକୁ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ତାଙ୍କ 'ମାଳିକା'ରେ ଉଲ୍ଲେଖ କରି ଲେଖିଛନ୍ତି କି, କେଉଁ ଦିବସରେ ଏହି ମହାନ୍ ଯଜ୍ଞର ସ୍ନାନ ଆହୂତି ପାଳନ କରାଯିବ, ତାହା ଉକ୍ତ ପଙ୍‌କ୍ତିରେ ଉଲ୍ଲେଖ ରହିଛି । ଯଥା-

ଘୃତସ୍ନାନ ତିଥି :

| | | |
|---|---|---|
| ପଞ୍ଚ ଅମୃତର ମଧ୍ୟରୁ ଘୃତ | । ପାଦସ୍ନାନ କରି ହେବୁ ମୁକତ | ।।୧।। |
| ତିଥିବାର ରାଶି କହୁଛି ବାବୁ | । ଏକଥା ଗୋଟି ମନେ ରଖିଥିବୁ | ।।୨।। |
| ବାରରାଶିରୁ ଏକ ଊଣା ହେବ | । ବେନି ସପ୍ତଗୁଣ ଦିନଟିଥିବ | ।।୩।। |
| ଫାଲଗୁନ ସପ୍ତ ଦିବସ ଜାଣ | । ଚନ୍ଦ୍ରବାରଟି ହୋଇଥିବ ପୁଣ | ।।୪।। |
| କଳିର ଉତ୍ପତ୍ତି ତିଥି ନିର୍ଣ୍ଣୟ | । ମଘା ନକ୍ଷତ୍ରକୁ କର ତୁ ଲୟ | ।।୫।। |
| ହର ନାରୀ ପତ୍ରା ରାଶି ହୋଇବ | । ଚନ୍ଦ୍ର ଚଳନଟି ସେଦିନ ଥିବ | ।।୬।। |

ଏଠାରେ ମହାପୁରୁଷ କହୁଅଛନ୍ତି ବାବୁ ରାମ ! ତୁ ଯେଉଁ ତିଥି, ବାର, ରାଶି, ନକ୍ଷତ୍ର କଥା ପଚାରୁଛୁ ତାହାକୁ ମୁଁ କହୁଅଛି ଶୁଣ :-

ବାରରାଶି କହିଲେ=୧୨ (ମେଷଠାରୁ ମୀନ ପର୍ଯ୍ୟନ୍ତ),

୧୨ରୁ ୧ ଊଣା =୧୧, ୧୧ତମ ରାଶି=କୁମ୍ଭରାଶି

ବେନି ଅର୍ଥ - ୨(ଦୁଇ)

ସପ୍ତଅର୍ଥ - ୭(ସାତ)

ଅର୍ଥାତ୍ - ୨x୭=୧୪ଦିନ

ଅର୍ଥାତ୍ - କୁମ୍ଭ ୧୪ଦିନ

ଫାଲଗୁନ ସପ୍ତମ ଦିବସ ଜାଣ = ଫାଲ୍‌ଗୁନ ମାସର ୭ଦିନ

ଚନ୍ଦ୍ରବାର = ବୁଧବାର

ଅର୍ଥାତ୍ ଫାଲ୍‌ଗୁନ ମାସ ୭ଦିନ ବୁଧବାର ପଡିଥିବ ।

ହରନାରୀ ପତ୍ରାରାଶି ହୋଇବ -

ହର ଅର୍ଥ - ଶିବ

ଶିବଙ୍କର ନାରୀ ବା ସ୍ତ୍ରୀ - ପାର୍ବତୀ

ପତ୍ରା ଅର୍ଥ - ବାହନ

ପାର୍ବତୀଙ୍କର ବାହନ ଅର୍ଥାତ୍ ଦୁର୍ଗାଙ୍କ ବାହନ ସିଂହ ।

ଚନ୍ଦ୍ର ଚଳନଟି ସେଦିନ ଥିବ

ଅର୍ଥାତ୍ - ସିଂହ ଚନ୍ଦ୍ର ହୋଇଥିବ ।

କଳିର ଉତ୍ପତ୍ତି ତିଥି ନିର୍ଣ୍ଣୟ -

କଳିର ଉତ୍ପତ୍ତି ତିଥି ହେଉଛି - ଅଗ୍ନ୍ୟୁତ୍ସୋବ ପୂର୍ଣ୍ଣିମା ।

ମଘା ନକ୍ଷତ୍ରକୁ କର ତୁ ଲୟ ।

ସାରାଂଶ ହେଲା - କୁମ୍ଭ ଦିନ୧୪, ଫାଲଗୁନ ୭ଦିନ, ସୋମବାର ଅଗ୍ନ୍ୟୁତ୍ସୋବ ପୂର୍ଣ୍ଣିମା/ମାଘ ପୂର୍ଣ୍ଣିମା ତିଥିର ମଘା ନକ୍ଷତ୍ର ଉଦୟ ସମୟରେ ଏହି 'ଘୃତ ମହାସ୍ନାନ' ଅନୁଷ୍ଠିତ ହେବ ।

ସତରେ ଲୀଳାମୟଙ୍କ ଲୀଳା ଅତୀବ ବିଚିତ୍ର । ଯେ କେହି ତାଙ୍କ ଲୀଳାକୁ ଜାଣିପାରିବ ନାହିଁ, କି ବୁଝି ପାରିବ ନାହିଁ । ସେ ଯେତେବେଳେ କୃପା କରିବେ, ତେବେ ଯାଇ ଆମେ ସେହି ଲୀଳା ରହସ୍ୟକୁ ଉପଲବ୍ଧି କରିପାରିବା । ଆଜକୁ ପାଞ୍ଚଶହ ପଚାଶ ବର୍ଷ ତଳୁ ନେମାଳର ସିଦ୍ଧସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଯାହା ଭବିଷ୍ୟତ ମାଳିକାରେ ଲିପିବଦ୍ଧ କରି ଯାଇଛନ୍ତି, ତାହା ଆଜି ଅକ୍ଷରେ ଅକ୍ଷରେ ସତ୍ୟରେ ପରିଣତ ହୋଇଚାଲିଛି । ପୂର୍ବ ଜନ୍ମରେ ସୁକୃତିଣ୍ଡା ନାମ ଧାରଣ କରିଥିବା ଋଷିଙ୍କର ନାମାନୁସାରେ ବର୍ତ୍ତମାନର ନାମ ହୋଇଛି କୁତିଣ୍ଡା ଓ ତାଙ୍କରି ପତ୍ନୀଙ୍କ ନାମାନୁସାରେ ଯଜ୍ଞ ହେଉଥିବା ସ୍ଥାନର ନାମ ହେଲା ଚିତ୍ରାପୋଷି । ସେଠାରେ ଘୃତସ୍ନାନ ହେବ ଓ ବ୍ରହ୍ମପୁରୁଷଙ୍କର ଲୀଳାପ୍ରକଟ ହେବ, ପବିତ୍ର ଅଗ୍ନିଉତ୍ସବ ପୂର୍ଣ୍ଣିମା ତିଥିରେ । କାରଣ, ସେହିଦିନ ହିଁ କଳିଯୁଗର ଉତ୍ପତ୍ତି ହୋଇଥିଲା । ଏହି ଯୁଗର ଭାରାକୁ ଉଶ୍ୱାସ କରିବା ଲାଗି ପ୍ରଭୁପାଦ **ବିଶ୍ୱ କୈବଲ୍ୟ ଘୃତ ଶାନ୍ତିଯଜ୍ଞ** ଅନୁଷ୍ଠିତ କରାଉଛନ୍ତି । କାରଣ, ଦର୍ଶନ ସମୟରେ କୌଶଲ୍ୟା ବ୍ରହ୍ମପାଦକୁ ସୂକ୍ଷ୍ମରେ ଘୃତସ୍ନାନ କରାଇଥିଲେ ଓ ସେହି ଘୃତସ୍ନାନର ସ୍ନାନୋଦକ ପାନ କରି ପୁଲକିତ ହୋଇଥିଲେ ଓ ବର ମାଗିଥିଲେ ଚିତ୍ରାପୋଷିଠାରେ ଘୃତସ୍ନାନ ଯଜ୍ଞ ଅନୁଷ୍ଠିତ ହେବାପାଇଁ । ତାହା ଆଜି ସତ୍ୟରେ ପରିଣତ ହୋଇଛି । ପ୍ରଭୁଙ୍କ ସ୍ଥୂଳ ଉପସ୍ଥିତିରେ ତାହା ସଂଗଠିତ ହୋଇ ଚାଲିଛି । ଏହି ଯଜ୍ଞକୁ ଯୋଗୀ, ଋଷି, ମୁନିଗଣ ସୂକ୍ଷ୍ମରେ ଦର୍ଶନ କରି ବ୍ରହ୍ମଙ୍କ ଦର୍ଶନ ଲାଭ କରୁଛନ୍ତି ।

ସୁରୁଚିଶ୍ରୀ ଓ ଚିତ୍ରାଧାରା । ଅଟନ୍ତି ପତିପତ୍ନୀ ପରା ।।
ତାଙ୍କରି ଔରସୁ ସମ୍ଭୂତ । କୌଶଲ୍ୟୀ ନାମେ ଏକ ସୁତ ।।
ତପଙ୍କରନ୍ତି ଘୋରତର । ଚିହ୍ନିଣ ପ୍ରଭୁଙ୍କ ପୟର ।।
କୃପା କରିଲେ ବ୍ରହ୍ମରାଶି । ଉଇଁଲା ପୂର୍ଣ୍ଣିମାର ଶଶି ।।

ଆଜି ଆମେ ଧନ୍ୟ, ଆମ ଜୀବନ ସଫଳ ହୋଇଛି । କାରଣ ଯୁଗପୁରୁଷ ଲୁଚାଇ, ଛପାଇ ଗୋପନରେ ଯେଉଁ ଲୀଳା ରଚନା କରୁଥିଲେ, ତାହା ଆଜି ପ୍ରକାଶ୍ୟ ହେଉଅଛି । ଏହି ଲୀଳା ପ୍ରସଙ୍ଗ ଯିଏ ଶ୍ରଦ୍ଧା, ପ୍ରେମ, ଭକ୍ତି, ବିଶ୍ୱାସ ଓ ନିଷ୍ଠାର ସହ ପଠନ, ପାଠନ, ଶ୍ରବଣ, ମନନ କରିବ ଓ କରାଇବ, ସେ ଜନ୍ମଜନ୍ମାନ୍ତରେ ପାପ ତାପରୁ ମୁକ୍ତି ପାଇଯିବ ଓ ପରବର୍ତ୍ତୀ ଜନ୍ମଜନ୍ମାନ୍ତରରେ ମଧ ରୋଗ, ଶୋକ, ଦୁଃଖ, ଯନ୍ତ୍ରଣା ଓ ଅକାଳ ମୃତ୍ୟୁର ଶିକାର ହେବ ନାହିଁ ।

ଶେଷରେ ସିଦ୍ଧ ସାଧକ ମହାଯୋଗୀ କୈଶଲ୍ୟୀଙ୍କୁ ଆମର ସଭକ୍ତି ପ୍ରଣାମ ଜଣାଇ ତାଙ୍କରି ଆଶୀର୍ବାଦ କାମନା କରୁଛୁ ।

ଲୀଳାମୟ ପୁରୁଷଙ୍କର ନିଶ୍ଚୟ ଜୟ ହେଉ ।

ଦ୍ୟୌଃ ଶାନ୍ତିଃ ! ଅନ୍ତରୀକ୍ଷଂ ଶାନ୍ତିଃ ! ପୃଥିବୀ ଶାନ୍ତିଃ ! ଆପଃ ଶାନ୍ତିଃ ! ଓଷଧୟଃ ଶାନ୍ତିଃ !

ବନସ୍ପତୟଃ ଶାନ୍ତିଃ ! ବିଶ୍ୱଦେବାଃ ଶାନ୍ତିଃ ! ବ୍ରହ୍ମଃ ଶାନ୍ତିଃ ! ସର୍ବଂ ଶାନ୍ତିଃ ! ଶାନ୍ତିରେବ ଶାନ୍ତିଃ ! ସା ମା ଶାନ୍ତିରେଧି !!

ଓଁ ଶାନ୍ତିଃ ! ଓଁ ଶାନ୍ତିଃ !! ଓଁ ଶାନ୍ତିଃ !!!

**ଶ୍ରୀ କେଶବାର୍ପଣମସ୍ତୁ**
**କ୍ଷିତିଜ୍ୟୋତିଃ ଆଶ୍ରମ,**
**ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ,**
**ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ ପରିବାର,**
**ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି:କଟକ, ଓଡ଼ିଶା ।।**

# ଆଶ୍ରମ ସନ୍ଦେଶ

| | |
|---|---|
| ତା ୨୯.୧୦.୨୦୧୨ରିଖ (ସୋମବାର) : | ଜଗତପୁର କେଶବ ଭବନ ପରିସରରେ ଚରମ ମର୍ତ୍ତ୍ୟାବତରଣ ବାର୍ଷିକ ଉତ୍ସବ ପାଳନ ଓ ଚରମ ୪୬ ସଂଖ୍ୟାର ଶୁଭ ଉନ୍ମୋଚନ କରାଯାଇଅଛି। |
| ତା ୧.୧୧.୨୦୧୨ରିଖ (ଗୁରୁବାର) : | ଅନୁଗୁଳ ନିକଟ ବଡକେରଜାଙ୍ଗ ଗ୍ରାମର ଗୁରୁଭ୍ରାତା ୰ ଚିନ୍ତାମଣି ପ୍ରଧାନଙ୍କ ତିଳତର୍ପଣ ଓ ସତସଂଗ ମହୋତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଥିଲା । |
| ତା ୮.୧୧.୨୦୧୨ ରିଖ (ଗୁରୁବାର) : | ଫୁଲନଖରା ନିକଟ ମହିଧରପଡା ମେଡିକାଲ ବଜାର ନିକଟରେ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । |
| ତା ୧୩.୧୧.୨୦୧୨ରିଖ (ମଙ୍ଗଳବାର) : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସମୁହ ଦୀପଦାନ ମହୋତ୍ସବ ପାଳନ କରାଯାଇଅଛି । |
| ତା ୧୬.୧୧.୨୦୧୨ରିଖ (ଶୁକ୍ରବାର) : | ବାଗସରପୁର ଗ୍ରାମରେ ୰ ବାବାଜୀଚରଣ ଜେନାଙ୍କ ତିଳତର୍ପଣ ଓ ସତସଂଗ ମହୋତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୭.୧୧.୨୦୧୨ରିଖ (ଶନିବାର) : | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଠାକୁମା' ସୁକାନ୍ତିଦେବୀଙ୍କ ମହାପ୍ରୟାଣ ତିଥି ପାଳନ ଉପଲକ୍ଷେ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । |
| ତା ୧୮.୧୧.୨୦୧୨ରିଖ (ରବିବାର) : | ବାଲକାଟି ଗ୍ରାମ ନିକଟ ରଥିଜେମା ଠାରେ ଶ୍ରୀ ଲକ୍ଷ୍ମଣ ସାହୁଙ୍କ ଉଦ୍ୟମରେ ସଂଘ ତରଫରୁ ବଡଧରଣର ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି । |
| ତା ୨୮.୧୧.୨୦୧୨ରିଖ (ବୁଧବାର) : | ପବିତ୍ର ରାସପୂର୍ଣ୍ଣମୀ ତିଥିରେ ଚରମ ଘାଟ ନିକଟରେ ଚତୁର୍ଥ ପ୍ରହର ନାମ ସଂକୀର୍ତ୍ତନ, ଅସ୍ଥି କେଶ ବିସର୍ଜନ ଓ ପିଣ୍ଡଦାନ କାର୍ଯ୍ୟକ୍ରମ ମାନ କରାଯାଇଥିଲା । |
| ତା ୨୮.୧୨.୨୦୧୨ ରିଖ (ଶୁକ୍ରବାର) : | ଭୁବନେଶ୍ୱର କୋଦରକଣ୍ଡା ଗଗନ ବସ୍ତିଆଙ୍କ ବାସଭବନ ପରିସରରେ ବାର୍ଷିକ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି । |
| ତା ୦୧.୦୧.୨୦୧୩ ରିଖ (ମଙ୍ଗଳବାର): | ହାଟପଡା ଗୁରୁଭାଇ ଶ୍ରୀ ଧ୍ରୁବାନନ୍ଦ ବିଶ୍ୱାଳଙ୍କ ବାସଭବନରେ ବାର୍ଷିକ ନାମଯଜ୍ଞ ଅନୁଷ୍ଠିତ ହୋଇଅଛି । |
| ତା ୦୪.୦୧.୨୦୧୩ ରିଖ (ଶୁକ୍ରବାର) : | ଜଗତସିଂହପୁର ଜିଲ୍ଲା ଉପରପୁରଣ ଗ୍ରାମର ୰ ନରେନ୍ଦ୍ର ଦାଶଙ୍କ ବାସଭବନ ପରିସରରେ ଚତୁର୍ଥପ୍ରହର ନାମଯଜ୍ଞ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି । |
| ତା ୧୪.୦୧.୨୦୧୩ ରିଖ (ସୋମବାର): | ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ସନାତନ ଆଧ୍ୟାତ୍ମିକ ବିଦ୍ୟାନିକେତନର ବାର୍ଷିକଉତ୍ସବ ଓ ସତସଂଗ ଅନୁଷ୍ଠିତ ହୋଇଥିଲା । |
| ତା ୧୬.୦୧.୨୦୧୩ରିଖ (ବୁଧବାର) : | ରାଜନଗର ନିକଟ ଧାନଦିଆ ନୂଆଗାଁ ଗ୍ରାମ ପରିସରରେ ସତ୍‌ସଂଗ ମହୋତ୍ସବ ସଂଘ ତରଫରୁ କରାଯାଇଥିଲା । |

ତା ୨୨.୦୧.୨୦୧୩ରିଖ (ମଙ୍ଗଳବାର) : ସ୍ୱର୍ଣ୍ଣକ୍ଷେତ୍ର ପରସରରେ ଠାକୁରା ଯଦୁନାଥଙ୍କର ଜନ୍ମଜୟନ୍ତୀ ପାଳନ ଓ ସତ୍ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୦୬.୦୨.୨୦୧୩ରିଖ (ବୁଧବାର) : ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଜରିଆ ନିକଟ ସୁକାନ୍ତି ଘାଟ ନିକଟରେ ମହାପୁରୁଷ ଅରକ୍ଷିତ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଖଞ୍ଜଣି ଭଜନ ଓ ପୋଡପିଠା ଲାଗି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ତା ୦୭.୦୨.୨୦୧୩ରିଖ (ଗୁରୁବାର) ଠାରୁ

ତା ୧୦.୦୨.୨୦୧୩ରିଖ (ରବିବାର) ପର୍ଯ୍ୟନ୍ତ : କେନ୍ଦୁଝର ଜିଲ୍ଲା ଷଡ଼ଙ୍ଗୀଠାରେ ଶ୍ରୀପାଦୁକା ମେଳଣ, ଯଜ୍ଞ ଓ ସନାତନକେତନ ସତସଂଗ ମହୋତ୍ସବ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ ଯାଇଅଛି ।

ତା ୧୭.୦୨.୨୦୧୩ରିଖ (ରବିବାର) : ଭୁବନେଶ୍ୱର ଟଙ୍କପାଣି ରୋଡ ପାଣ୍ଡବନଗର ବାରିନମ୍ବର ଲେନର ଗୁରୁଭାଇ ଶ୍ରୀ ପ୍ରଫୁଲ ଚନ୍ଦ୍ର ସାହୁଙ୍କ ବାସଭବନରେ ସଂଘ ତରଫରୁ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୨୧.୦୨.୨୦୧୩ରିଖ (ଗୁରୁବାର) ଠାରୁ

ତା ୨୫.୦୨.୨୦୧୩ ରିଖ (ସୋମବାର) ପର୍ଯ୍ୟନ୍ତ : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିକଟ କୁସୁମୀଠାରେ ଯଜ୍ଞ, ସନାତନକେତନ ସତସଂଗ ଓ ଶ୍ରୀ ପାଦୁକା ଘୃତସ୍ନାନ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା ୦୧.୦୩.୨୦୧୩ରିଖ (ଶୁକ୍ରବାର) : ଜଗତସିଂହପୁର ଜିଲ୍ଲା ବଡବାଖରାବାଦ ଗ୍ରାମରେ ସଙ୍ଘ ତରଫରୁ ବାର୍ଷିକ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇ ଯାଇଅଛି ।

ତା ୦୫.୦୩.୨୦୧୩ରିଖ (ମଙ୍ଗଳବାର) : ବଡକ୍ଷୀର ଗ୍ରାମ ଦୁର୍ଗା ମନ୍ଦିର ନିକଟରେ ସଂଘ ତରଫରୁ ଆଞ୍ଚଳିକ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଅଛି ।

ତା ୧୭.୩.୨୦୧୩ରିଖ (ରବିବାର) : କୋରକରା ଗ୍ରାମ ପରିସରରେ ସତସଂଗ ମହୋତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୯.୩.୨୦୧୩ରିଖ (ମଙ୍ଗଳବାର) : କେନ୍ଦ୍ରାପଡ଼ାସ୍ଥ ବଣିଆମାଳ ଠାରେ ସଂଘ ତରଫରୁ ସତ୍‌ସଂଗ ।

ତା ୨୧.୦୩.୨୦୧୩ରିଖ (ଗୁରୁବାର) : ଦାନପୁର ନିକଟ ପକ୍ଷୋଟ ଗ୍ରାମରେ ଶ୍ରୀ ନିତ୍ୟାନନ୍ଦ ଭାଇଙ୍କ ବାସଭବନ ପରିସରରେ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୨୬.୦୩.୨୦୧୩ ରିଖ (ମଙ୍ଗଳବାର): ଦକ୍ଷିଣ ଉଷୁମା ଗ୍ରାମର ଶ୍ରୀ ବିଶ୍ୱନାଥ ସାହୁଙ୍କ ବାସଭବନ ପରିସରରେ ସତ୍‌ସଂଗ ମହୋତ୍ସବ ଅନୁଷ୍ଠିତ ହୋଇଅଛି ।

ତା ୨୭.୦୩.୨୦୧୩ରିଖ (ବୁଧବାର) ଠାରୁ

ତା ୨୯.୦୩.୨୦୧୩ରିଖ (ଶୁକ୍ରବାର) ପର୍ଯ୍ୟନ୍ତ : ଚକେଇସିଆଣି ଶ୍ରୀରାମନଗର ଠାରେ ସଂଘ ଦ୍ୱାରା ନୂତନ ଶ୍ରୀପାଦୁକାମନ୍ଦିର ପ୍ରତିଷ୍ଠା ଓ ସତସଂଗ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି ।

ତା ୦୨.୦୪.୨୦୧୩ରିଖ (ମଙ୍ଗଳବାର) : କୁଆଁପାଳ ନିକଟ ରମଚନ୍ଦ୍ରପୁର ଗ୍ରାମ ପରିସରରେ ସଂଘ ତରଫରୁ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୩.୦୪.୨୦୧୩ରିଖ (ବୁଧବାର) : ଅସୁରେଶ୍ୱର ଦଧିବାମନଜୀଙ୍କ ମନ୍ଦିର ପରିସରରେ ସଂଘ ତରଫରୁ ସତ୍ସଂଗ ।

ତା ୮.୪.୨୦୧୩ରିଖ (ସୋମବାର) : ମାର୍ଶାଘାଇ ବଜାର ଦୁର୍ଗାମନ୍ଦିର ନିକଟରେ ସତସଂଗ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଥିଲା ।

ତା ୧୧.୦୪.୨୦୧୩ରିଖ (ଗୁରୁବାର) : ଭଦ୍ରକ ବେତାଳି ଗାଁ ହାଟ ନିକଟରେ ଗୁରୁଭାଇ ଶ୍ରୀ ଭରତ ଚନ୍ଦ୍ର ସେଠୀଙ୍କ ବାସଭବନ ପରିସରରେ ବାର୍ଷିକ ସତସଂଗ ମହୋତ୍ସବ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୩.୦୪.୨୦୧୩ରିଖ (ଶନିବାର) : କୋଣିଦା ମାହାଙ୍ଗା ଗ୍ରାମରେ ସତସଂଗ ମହୋତ୍ସବ ସଂଘ ତରଫରୁ ଅନୁଷ୍ଠିତ ହୋଇଯାଇଅଛି ।

ତା ୧୪.୦୪.୨୦୧୩ରିଖ (ରବିବାର) : ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଠାକୁମା ସୁକାନ୍ତୀ ଦେବୀଙ୍କ ଜନ୍ମୋତ୍ସବ ପାଳନ ଓ ସତସଂଗ ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଅଛି ।

: କଟକ ନାରାୟଣ ମିଶ୍ର ଲେନ୍‌ର ଗୁରୁଭ୍ରାତା ରାମଚନ୍ଦ୍ର ଆଚାର୍ଯ୍ୟଙ୍କ ବାସଭବନ ପରିସରରେ ସଂଘ ତରଫରୁ କଲ୍ୟାଣ ହୋମଯଜ୍ଞ ଓ ସତସଂଗ ମହୋତ୍ସବ ସଂଘର ବିଧିବିଧାନ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଅଛି ।

## ସଂଘ ସୂଚନା

୧. ନିଜ ଅଞ୍ଚଳରେ ଯଦି ଯଜ୍ଞ କିମ୍ବା ସତ୍ସଂଗ କରିବା ପାଇଁ ଚାହୁଁଛନ୍ତି, ତାହାହେଲେ ଆପଣ ସଂଘ ପରିଷଦ୍ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ସମସ୍ତ ବିବରଣୀ ବୁଝନ୍ତୁ ଏବଂ ଶୃଙ୍ଖଳାଭିତ୍ତିକ କାର୍ଯ୍ୟ କରି ଅର୍ଥ ଅପବ୍ୟୟରୁ ରକ୍ଷା ପାଆନ୍ତୁ ।

୨. ଯେକୌଣସି କାର୍ଯ୍ୟକ୍ରମ ପାଇଁ ଯଦି ଅର୍ଥ/ଦ୍ରବ୍ୟ ଦାନ କରିବା ପାଇଁ ଚାହୁଁଛନ୍ତି କୌଣସି ବ୍ୟକ୍ତି କିମ୍ବା ବାବାମାତାଙ୍କ ପ୍ରରୋଚନାରେ ପଡ଼ି ସେମାନଙ୍କୁ ଦିଅନ୍ତୁ ନାହିଁ, ବରଂ ସିଧାସଳଖ ପରିଷଦ୍ କାର୍ଯ୍ୟାଳୟରେ ଦେଇ ରସିଦ୍ ଗ୍ରହଣ କରନ୍ତୁ କିମ୍ବା ଶ୍ରୀଗୁରୁସ୍ୱାମୀଙ୍କ ନିକଟରେ ପ୍ରଦାନ କରନ୍ତୁ କିମ୍ବା ପରିଷଦ୍ ଆକାଉଣ୍ଟ୍ ନମ୍ବର ନେଇ ପଠାଇବା ବ୍ୟବସ୍ଥା କରନ୍ତୁ । **S.B.I. Mahanga, VBDP A/c. No. 31907313254**

୩. କାହାରି କାନକୁହା କଥା ଶୁଣି ହଠାତ୍ ବିଶ୍ୱାସ କରନ୍ତୁ ନାହିଁ । ସନ୍ଦେହ ମୋଚନ ପାଇଁ ପରିଷଦ୍ କର୍ମକର୍ତ୍ତାଙ୍କ ସହ କିମ୍ବା ଶ୍ରୀଗୁରୁସ୍ୱାମୀଙ୍କ ସହ ଯୋଗାଯୋଗ କରି ପ୍ରକୃତ ସତ୍ୟତା ଜାଣ ବୁଝନ୍ତୁ ।

୪. ସଂଘ ପରିଷଦ୍ ଅଗୋଚରରେ କିମ୍ବା ଲୁଚାଇ ଛପାଇ କୌଣସି ଯଜ୍ଞ ସତ୍ସଂଗ, ତିଳତର୍ପଣ, ନାମ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆଦୌ କରନ୍ତୁ ନାହିଁ । ବ୍ୟକ୍ତିବାଦକୁ ପରିହାର କରନ୍ତୁ । ମାନସିକ ଶାନ୍ତି ପାଇବେ ।

# ବିଶ୍ୱଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦର ଅଷ୍ଟାଦଶ ନିର୍ବାହୀ କର୍ମକର୍ତ୍ତାବୃନ୍ଦ

| | | |
|---|---|---|
| ୧. | ଶ୍ରୀ ସୁରେଶ କୁମାର ଯେନା | ସଭାପତି |
| ୨. | ଶ୍ରୀ ନିର୍ମଳ ଚନ୍ଦ୍ର ରାଉତରାୟ | ଉପ-ସଭାପତି |
| ୩. | ଶ୍ରୀ କେଶବ ଚନ୍ଦ୍ର ସାମଲ | ସାଧାରଣ ସମ୍ପାଦକ |
| ୪. | ଶ୍ରୀ କୈଳାସ ଚନ୍ଦ୍ର ଦାସ | ଯୁଗ୍ମ-ସମ୍ପାଦକ |
| ୫. | ଶ୍ରୀ ଗଜେନ୍ଦ୍ର ନାଥ ଯେନା | ମୁଖ୍ୟ କୋଷାଧ୍ୟକ୍ଷ |
| ୬. | ଶ୍ରୀ ଦାମୋଦର ପ୍ରଧାନ | ସମ୍ପାଦକ, ଅତ୍ୟୁତଗୁପ୍ତ ବ୍ରହ୍ମସଂଘ |
| ୭. | ଶ୍ରୀ ନନ୍ଦ କିଶୋର ଯେନା | ସମ୍ପାଦକ, କ୍ଷେତ୍ର ପରିଚାଳନା ସମିତି |
| ୮. | ଶ୍ରୀ ବିଚିତ୍ରାନନ୍ଦ ସେନାପତି | ସମ୍ପାଦକ, ସେବାଶ୍ରମ ସଂଗଠନ |
| ୯. | ଶ୍ରୀ ଅଶୋକ କୁମାର ଯେନା | ସମ୍ପାଦକ, ବାପୁଜି ଶିଶୁ ମନ୍ଦିର |
| ୧୦. | ଶ୍ରୀ ସୁରେନ୍ଦ୍ର କୁମାର ରଣା | ସମ୍ପାଦକ, ସାହିତ୍ୟ ସଂସଦ |
| ୧୧. | ଶ୍ରୀ ନିରଞ୍ଜନ ପରିଡ଼ା | ସମ୍ପାଦକ, କ୍ଷିତିଜ୍ୟୋତି ସଂଗୀତ ମହାବିଦ୍ୟାଳୟ |
| ୧୨. | ସୁଶ୍ରୀ ରଞ୍ଜନା ମଲ୍ଲିକ | ସମ୍ପାଦିକା, ମାତୃବନ୍ଦନା ସଂଗଠନ |
| ୧୩. | ଶ୍ରୀ ଧ୍ରୁବାନନ୍ଦ ବିଶ୍ୱାଳ | ସମ୍ପାଦକ, ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନ |
| ୧୪. | ଶ୍ରୀ କୈଳାସ ଚନ୍ଦ୍ର ମହାନ୍ତି | ସଭ୍ୟ ତଥା ସାଙ୍ଗଠନିକ ମୁଖ୍ୟ, ଅତ୍ୟୁତଗୁପ୍ତ ବ୍ରହ୍ମସଂଘ |
| ୧୫. | ଶ୍ରୀ ରତ୍ନାକର ଯେନା | ସଭ୍ୟ |
| ୧୬. | ଶ୍ରୀମତୀ ସୁରେଖା ମଲ୍ଲିକ | ସଭ୍ୟା |
| ୧୭. | ଶ୍ରୀ ବିଷ୍ଣୁ ଚରଣ ଯେନା | ସଭ୍ୟ |
| ୧୮. | ଶ୍ରୀ ବିପିନ ବିହାରୀ ସାମଲ | ସଭ୍ୟ |
| ୧୯. | ଶ୍ରୀ ସୁବାଷ କୁମାର ଯେନା | ସଭ୍ୟ |
| ୨୦. | ଶ୍ରୀ ସୁରେନ୍ଦ୍ର ମୋହନ ବେହେରା | ସଭ୍ୟ |

## DECLARATION FORM-I

(Rule-8)

**THE CHARAM PUBLICATION**

| | | | |
|---|---|---|---|
| 1. | Place of Publication | : | Kshitijyoti Ashram Swarnakshetra, Mahanga, Cuttack - 754206 |
| 2. | Periodicity of Publication | : | Bi-Monthly |
| 3. | Place of Printing | : | Rasad Ad Agency, Cuttack-12 |
| 4. | Publisher' Name | : | General Secretary, Viswa Bhratrutwa Dibyatma Parishad |
| | Address | : | Swarnakshetra, Mahanga - 754206 |
| | Nationality | : | Indian |
| 5. | Editor's Name | : | Keshab Das Brundaban |
| | Nationality | : | Indian |
| | Address | : | Kshitijyoti Ashram, Swarnakshetra, Mahanga - 754206 |
| 6. | Name & Address of Individual who owns the magazine | : | General Secretary, Viswa Bhratrutwa Dibyatma Parishad Swarnakshetra, Mahanga - 754206 |
| 7. | Partner or Share Holders Holding more than one percent of the total capital | : | NIL |

Printed by Rasad Ad Agency, Cuttack and published by Keshab Chandra Samal on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack and printed at Rasad Ad Agency, Cuttack and published at Kshitijyoti Ashram Swarnakshetra, Mahanga, Cuttack. Editor - Keshab Das Brundaban.

I, Keshab Chandra Samal, General Secretary, on behalf of Vishwa Bhratrutwa Dibyatma Parishad, Kshitijyoti Ashram, Swarna Kshetra, Mahanga, Cuttack, Orissa here by declare that I am the publisher of the periodical magazine entitled "THE CHARAM" printed at Cuttack City and published at the office of the "THE CHARAM PUBLICATION" Kshitijyoti Ashram, Swarna Kshetra, Mahanga, Cuttack-754206 and the perticular in respect of the said magazine given above are true to the best of my knowledge and belief.

**Place : Mahanga**
Date : 08.10.2014

Sd-
**KESHAB CHANDRA SAMAL**
Signature of the Publisher

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି